

କଙ୍ଗନାଙ୍କୁ ଚେତାବନୀ: ସୋନିଆଙ୍କୁ କ୍ଷମା ମାଗ

ପୃଷ୍ଠା ୫

# ସଂଚାର

THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 185 | ଭାଗ ୩୨ | ସଂଖ୍ୟା ୧୮୫ Bhubaneswar | Tuesday 24 September 2024 | Page 8 ₹ 4.00 ଭୁବନେଶ୍ୱର | ମଙ୍ଗଳବାର ୨୪ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ସୂର୍ଯ୍ୟ ମନ୍ଦିର ଚାରିପଟେ ଜିପିଆର୍ ସର୍ଭେ



**କୋଣାର୍କ, ୨୩।୯ (ସଂଚାର ବ୍ୟୁରୋ):** ବିଶ୍ୱ ପ୍ରସିଦ୍ଧ ଐତିହ୍ୟ କୋଣାର୍କ ମନ୍ଦିର ଚାରି ପାର୍ଶ୍ୱରେ ବାଲି ତଳେ କୌଣସି ପ୍ରାଚୀନ ଐତିହ ରହିଛି କି? ଏ ସମ୍ପର୍କରେ ଜାଣିବା ପାଇଁ ଆଜିଠାରୁ କୋଣାର୍କ ମନ୍ଦିର ଚାରି ପାର୍ଶ୍ୱରେ ଆରମ୍ଭ ହୋଇଛି ଗ୍ରାଉଣ୍ଡ ପେନିଟ୍ରେଟିଂ ରାଡାର(ଜିପିଆର୍) ସର୍ଭେ। ଦୁଇ ଦିନ ଧରି ଏହି ସର୍ଭେ ଚାଲିବ ବୋଲି ଜଣାପଡ଼ିଛି। ହାଇଦ୍ରାବାଦ ସ୍ଥିତ ଏନ୍‌ଜିଆର୍‌ଆଇ ଦ୍ୱାରା କୋଣାର୍କ ସୂର୍ଯ୍ୟ ମନ୍ଦିର ଚତୁଃପାର୍ଶ୍ୱରେ ଗ୍ରାଉଣ୍ଡ ପେନିଟ୍ରେଟିଂ ରାଡାର(ଜିପିଆର୍) ସର୍ଭେ କରାଯାଇଛି। ଏହି ପଦ୍ଧତି ମାଧ୍ୟମରେ ମାଟି ତଳେ ୧୫ ମିଟର ପର୍ଯ୍ୟନ୍ତ ସ୍କାନ କରାଯାଇଛି। ଯାହାଫଳରେ ସୂର୍ଯ୍ୟ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ବାଲି ସ୍ତୁପ ତଳେ କୌଣସି ପ୍ରାଚୀନ ଐତିହ ଅଛି କି ନାହିଁ ଜଣାପଡ଼ିବ। ଆଜି ପ୍ରଥମ ଦିନରେ ମନ୍ଦିରର ୧୦୦ ଫୁଟରେ ୧୦୦ ଫୁଟ ମଧ୍ୟରେ ଏହି ସର୍ଭେ କରାଯାଇଛି। ତିନି ଜଣିଆ ବୈଜ୍ଞାନିକ ଟିମ ଏହି ସର୍ଭେ ଆରମ୍ଭ କରିଛନ୍ତି। ଦୁଇ ଦିନ ଧରି ଏହି ସର୍ଭେ କାର୍ଯ୍ୟ ଚାଲିବ। ଏଏସ୍‌ଆଇ ସୁପରିଟେଣ୍ଡେଣ୍ଟ ଡିବି ଗଡନାୟକ ଓ ଭୂ-ତତ୍ତ୍ୱବିତ ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସର୍ଭେ କାର୍ଯ୍ୟ ତଦାରଖ କରୁଛନ୍ତି।

## କାମ କରୁନି ଆଣ୍ଟିବାୟୋଟିକ୍



**ନୂଆଦିଲ୍ଲୀ,୨୩।୯(ଏଜେନ୍ସି):** ୟୁରିନାରୀ ଟ୍ରାକ୍ଟ ଇନଫେକ୍ସ (ୟୁଟିଆଇ), ବ୍ଲଡ୍ ଇନ୍‌ଫେକ୍ସନ, ନିମୋନିଆ ଏବଂ ଟାଇଫଏଡ ଭଳି ରୋଗ ଉପରେ ସାଧାରଣ ପ୍ରକାର ଆଣ୍ଟିବାୟୋଟିକ୍ କାମ୍ କରୁନାହିଁ। ଭାରତର ମେଡିକାଲ ଗବେଷଣା ସଂସ୍ଥା (ଆଇସିଏମ୍‌ଆର୍) ର ସଦ୍ୟତମ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଆଇସିଏମ୍‌ଆର୍ ଆଣ୍ଟିମାଇକ୍ରୋବାୟଲ୍ ରେଜିଷ୍ଟାନ୍ସ ସର୍ଭେଲାନ୍ସ ନେଟୱାର୍କ କେତେକ ସାଧାରଣ ପ୍ରକାର ଆଣ୍ଟିବାୟୋଟିକର ପ୍ରତିରୋଧତା ଉପରେ ଜାନୁଆରୀ ୧, ୨୦୨୩ରୁ ଡିସେମ୍ବର ୩୧, ୨୦୨୩ ପର୍ଯ୍ୟନ୍ତ ପରୀକ୍ଷଣ କରିଥିଲା। ଯେଉଁଥିରେ ନିମୋନିଆ, ସେପସିସ୍, ଶ୍ୱାସକ୍ରିୟା ସଂକ୍ରମଣ ଉପରେ ଏହା କେତେ ପ୍ରଭାବ ପକାଉଛି ତା' ଉପରେ ଅନୁଧ୍ୟାନ କରାଯାଇଥିଲା। ଏହି ତଥ୍ୟ ଉଭୟ ରୋଗୀ ଏବଂ ଆଇସିୟୁରେ ଭର୍ତ୍ତି ହୋଇଥିବା ସମସ୍ତ ଡାକ୍ତରଖାନା ଏବଂ କ୍ଲିନିକର ତଥ୍ୟ ସଂଗ୍ରହ କରାଯାଇଥିଲା। ଏଥିପାଇଁ ମୋଟ ୯୯,୪୯୨ ନମୁନା ନିଆଯାଇଥିଲା। ଇଷ୍ଟେରିଆ କୋଲି, କ୍ଲେବସିଏଲା ନିମୋନିଆ, ସ୍ୟୁଡୋମାନସ୍ ଏରୁଗିନୋସା ଏବଂ ଷ୍ଟାଫିଲୋକୋକସ୍ ଅରିଅସ୍ ଭଳି ବ୍ୟାକ୍ଟିରିଆ ଉପରେ ଆଣ୍ଟିବାୟୋଟିକର ପ୍ରଭାବ ପରୀକ୍ଷଣ କରାଯାଇଥିଲା।

# ବିଶ୍ୱ ଶାନ୍ତି ଓ ପ୍ରଗତି ପାଇଁ ସଂସ୍କାର ଜରୁରୀ



**ଜାତିସଂଘରେ ମୋଦିଙ୍କ ଉଦ୍‌ବୋଧନ**

**ଏକ ପୃଥିବୀ, ଏକ ପରିବାର ଓ ଏକ ଭବିଷ୍ୟତ ଉପରେ ଭାରତ ପ୍ରତିବଦ୍ଧ**

**ଏକନିଷ୍ଠ ଉଦ୍ୟମରେ ୨୫୦ ନିୟୁତ ଲୋକ ଦାରିଦ୍ର୍ୟରୁ ମୁକ୍ତ**

**ନ୍ୟୁୟର୍କ, ୨୩।୯:** ଯୁଦ୍ଧ କ୍ଷେତ୍ର ଅପେକ୍ଷା ସାମୂହିକ ଶକ୍ତି ଉପରେ ସଫଳତା ନିର୍ଭର କରେ। ବିଶ୍ୱ ଶାନ୍ତି, ସଂହତି ଓ ବିକାଶର ଉଦ୍ଦେଶ୍ୟ ସଫଳ ହେବାକୁ ହେଲେ ବିଶ୍ୱସ୍ତରୀୟ ପ୍ରତିଷ୍ଠାନର ସଂସ୍କାର ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମତବ୍ୟକ୍ତ କରିଛନ୍ତି।

ତିନି ଦିନିଆ ଆମେରିକା ଗସ୍ତର ଶେଷ ପର୍ଯ୍ୟାୟରେ ନ୍ୟୁୟର୍କସ୍ଥିତ ମିଳିତ ଜାତିସଂଘର ୭୯ତମ ସାଧାରଣ ଅଧିବେଶନରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଦୁନିଆରେ ଶାନ୍ତି ପ୍ରତିଷ୍ଠା ହେଲେ ପ୍ରଗତି ତ୍ୱରାନ୍ୱିତ ହୋଇପାରିବ। ଶାନ୍ତି ଓ ବିକାଶ ପାଇଁ ଜାତିସଂଘ ଭଳି ଆନ୍ତର୍ଜାତିକ ସଙ୍ଗଠନର ସଂସ୍କାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱର ଏକ ଷଷ୍ଠାଂଶ ଜନତାଙ୍କ ପ୍ରତିନିଧି ହିସାବରେ ଏଠାକୁ ଆସିଛି। ଏକନିଷ୍ଠ ଭାବେ ଉଦ୍ୟମ କରି ଭାରତରେ ୨୫୦ ନିୟୁତ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଛୁ। ଆମ ଅଭିଜ୍ଞତା ଦକ୍ଷିଣ ବିଶ୍ୱ ସହିତ ବାଣ୍ଟିବାକୁ ପ୍ରସ୍ତୁତ। ମାନବତାର ସୁରକ୍ଷା ସବସ୍ତଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଉଚିତ।

ଭବିଷ୍ୟ ପାଇଁ ସମ୍ମିଳନୀ ଶୀର୍ଷକ ଜାତିସଂଘ ବୈଠକରେ ଏକ ପୃଥିବୀ, ଏକ ପରିବାର ଏବଂ ଏକ ଭବିଷ୍ୟତ ଭାରତର ପ୍ରତିବଦ୍ଧତା ବୋଲି ମନ୍ତବ୍ୟ ଦେଇ ପ୍ରଧାନମନ୍ତ୍ରୀ ସାଇବର୍, ସାମୁଦ୍ରିକ ଓ ମହାକାଶ କ୍ଷେତ୍ରରେ ବିବାଦ ନେଇ ସତର୍କ କରାଇ ପୃଷ୍ଠା-୬

**ମୋହନ ଖେଳିଲେ ୟର୍କର୍**

# ଯୁଦ୍ଧ ପୂର୍ବରୁ ମୈଦାନ ଛାଡ଼ିଲେ ନବୀନ



**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ଭରତପୁର ଥାନା ଘଟଣାରୁ ରାଜନୈତିକ ଫାଇଦା ଉଠାଇବାପାଇଁ ପୂରା ଦମରେ ଲାଗି ପଡିଥିବା ବିରୋଧିଦଳ ନେତା ଅଭିଜ୍ଞ ନବୀନ ପଟ୍ଟନାୟକ ନବାଗତ ମୁଖ୍ୟମନ୍ତ୍ରୀ ମୋହନଙ୍କ ଗୋଟି ଚାଳନାକୁ ବୁଝିନପାରି ଶେଷରେ ଫସିଗଲେ । ଏଥିରୁ କାଣିଚାଏ ରାଜନୈତିକ ଫାଇଦା ତ ମିଳିଲା ନାହିଁ ବରଂ ବିଜେଡିର ଘନ ଘନ ନିଷ୍ପତ୍ତି ପରିବର୍ତ୍ତନ ଦଳକୁ ଲୋକହସା କଲା । ବିଜେଡି ଓ ନବୀନ ଭାବିଥିଲେ ବୋଧହୁଏ ମୋହନ ମାଝୀ ବୋଧହୁଏ ତାଙ୍କରି ଧାରାରେ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶକୁ ଏଡାଇଯିବା ଆଉ ବିରୋଧୀ ଦଳ ଭାବେ ସେ ତାର ଫାଇଦା ନେବେ। ଯେଉଁଥିପାଇଁ ଏକ ଆଇନ ଶୃଙ୍ଖଳା ସ୍ଥିତିକୁ ରାଜନୈତିକ ମୋଡ ଦେବାକୁ ଚେଷ୍ଟା କରାଯାଉଥିଲା। ହେଲେ ମୋହନ ଠିକ ସମୟରେ ଗୁଗୁଲି ଖେଳି ନବୀନଙ୍କ ଟିମକୁ କ୍ଲିନ ବୋଲ୍ଡ କରିଦେଇଛନ୍ତି। ଦେଖିବାକୁ ଗଲେ ନବୀନ ଏକ ପ୍ରକାର ଯୁଦ୍ଧ ହାରିଗଲା ସ୍ଥିତିରେ ପହଁଚିଛନ୍ତି।

ବିରୋଧିଦଳ ନେତା ନବୀନ ଏହି ଘଟଣାରେ ଗଣମାଧ୍ୟମ ସାମ୍ନାକୁ ଆସି ପ୍ରଥମେ ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ। ଏହି ଦାବି ପରେ ତାଙ୍କୁ ବିଭିନ୍ନ ଆଡୁ ସମାଲୋଚନାର ଶିକାର ହେବାକୁ ପଡିଥିଲା । ମୋହନ ସରକାର ତୁରନ୍ତ ବିଚାର ବିଭାଗୀୟ ତଦନ୍ତ ଘୋଷଣା ନକରି ବିଜେଡିକୁ ସମାଲୋଚିତ ହେବାକୁ ଦେଲେ । ଦଳ ଭିତରେ ମଧ୍ୟ ଏଭଳି ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠିଲା। କଣ ପାଇଁ ନବୀନ ଅନ୍ୟମାନଙ୍କୁ ଆଗକୁ ନଛାଡି ଏହି ଘଟଣାରେ ଗଣମାଧ୍ୟମ ସାମ୍ନାକୁ ଆସିଲେ ଓ ବିରୋଧିଙ୍କୁ ସମାଲୋଚନା ପାଇଁ ସୁଯୋଗ ଦେଲେ ତାହାକୁ ନେଇ ଅନେକ ପ୍ରଶ୍ନ କଲେ ।

ତେବେ ମୋହନ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା ନକରି ନବୀନ ହଠାତ୍ ଛଅ ଘଣ୍ଟିଆ ଭୁବନେଶ୍ୱର ବନ୍ଦ ଡାକରା ଦେଲେ । ବିଶାଳ ସାମ୍ବାଦିକ ସମ୍ମିଳନୀରେ ଏହି ହରତାଳ ଡାକରା ଦେବା ପରେ ପରେ ମୋହନ ଗୋଟି ଚଳାଇବା ଆରମ୍ଭ କଲେ । ତୁରନ୍ତ ବିଚାର ବିଭାଗୀୟ ତଦନ୍ତ ଘୋଷଣା କରିବା ସହିତ ଗେଜେଟ ବିଜ୍ଞପ୍ତି ଜାରି ପୃଷ୍ଠା-୬

# ଆଇପି ଆଡ୍ରେସ୍ ଚେକ୍ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

- ପୀଡିତାଙ୍କ ଭିଡିଓ ଭାଇରାଲ ପଛରେ ୩ ଏସିପି !
- ଭରତପୁର ଥାନା ପାଇଁ ଫସିବେ ଅନେକ ଅଫିସର
- ଗେହ୍ଲାପୁଅ ହେବାକୁ ଚଳାଇଥିଲେ ମାମଲତି

**ଭୁବନେଶ୍ୱର, ୨୩।୯ (ସଂଚାର ବ୍ୟୁରୋ):** କ୍ରିମ ଖାଇବେ ବସିଥିଲେ। ସାହେବଙ୍କ ଗେହ୍ଲାପୁଅ ତାଲିକାରେ ରହିଥାନ୍ତେ। ସିପି ଓ ଡିସିପିଙ୍କ ଗୁଡ୍‌ବୁକ୍‌ରେ ରହିବାକୁ ଅନେକ ଫନ୍ଦି ଫିକର କଲେ। ହେଲେ ଏବେ ସେହି ଫନ୍ଦି ଫିକରରେ ଫସିବେ କିଛି ଏସିପି ରାଙ୍କର ଅଫିସର। ଭରତପୁର ଘଟଣାକୁ ନେଇ ଆକ୍ସନ ମୋଡ୍‌କୁ ରାଜ୍ୟ ସରକାର ଆସିଥିବା ବେଳେ ୩୬୦ ଡିଗ୍ରୀ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ଆଜି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବୟାନ ଓଲଟା କିଛି ପୋଲିସଙ୍କ ଛାତିରେ ଛନକା ପୁରାଇ ଦେଇଛି। ଆଜି ଆଇନମନ୍ତ୍ରୀ କହିଛନ୍ତି ଘଟଣାର ବିଚାର ବିଭାଗୀୟ ତଦନ୍ତ ଚାଲିଛି। ଯିଏ ବି ଦୋଷୀ ବୋଲି ଜଣାପଡିବ ତା' ବିରୋଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ପୀଡିତାଙ୍କ କିଛି ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଘୁରି ବୁଲୁଛି। କିଏ ଏଭଳି କରୁଛି, ତାର ତଦନ୍ତ ହେବା ସହ ଦୋଷୀଙ୍କୁ ତୁରନ୍ତ ଧରାଯିବ।

ମନ୍ତ୍ରୀଙ୍କ ଏଭଳି ବୟାନ ପରେ ସାହେବଙ୍କୁ ତେଲ ମାରି ପ୍ରମୋସନ ଆଶାରେ ଥିବା ଅଫିସରଙ୍କ ଛାତିରେ ଛନକା ପଶିଛି । ଏହାର କାରଣ ହେଉଛି ଭାଇରାଲ ଭିଡିଓ ପଛରେ କିଛି ହାତଗଣତି ଅଫିସର ଅଛନ୍ତି । ଯେଉଁ ଅସାଧୁ ଅଫିସର କିଛି ହାତଗଣତି ସାମ୍ବାଦିକଙ୍କ ଜରିଆରେ ଏହି ଭିଡିଓ ଭାଇରାଲ କରିଛନ୍ତି। ଆଉ କିଛି ଅଫିସର ତଳିଆ କର୍ମଚାରୀ ଯେପରିକି କନଷ୍ଟେବଳ, ହାବିଲଦାରଙ୍କ ଜରିଆରେ ଭିଡିଓ ଭାଇରାଲ କରିଥିବାର ପ୍ରମାଣ ମଧ୍ୟ ରହିଛି। ପୁରା ଘଟଣାକ୍ରମରେ ସିପି ଓ ଡିସିପିଙ୍କ ଛବି ମଳିନ ପଡୁଥିବାରୁ ଏଭଳି କରି ନିଜେ ହରଡ଼ଘଣାରେ ପଡିଛନ୍ତି ଏହି ବାବୁମାନେ। ସିଧାସଳଖ ଆମେ ଏହି ପୃଷ୍ଠା-୬

## ଭରତପୁର ମାମଲା: ହସ୍ତକ୍ଷେପ କଲେନି ହାଇକୋର୍ଟ

**ପୀଡ଼ିତଙ୍କ ନାମ ପ୍ରକାଶ କରନି, ସବୁ ଥାନାରେ ସିସିଟିଭି ଲଗାଅ**

**କଟକ, ୨୩।୯ (ସଂଚାର ବ୍ୟୁରୋ):** ଭରତପୁର ଥାନାରେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ଦିଆଯାଇଥିବା ନିର୍ଯାତନା ମାମଲାକୁ ନେଇ ରାଜନୀତି ତେଜିବାରେ ଲାଗିଛି। ଓଡ଼ିଶା ହାଇକୋର୍ଟ ଏ ନେଇ ନିଜଆଡୁ ଜନସ୍ୱାର୍ଥ ମାମଲା ରୁଜୁ କରି ଉଦ୍‌ବେଗ ପ୍ରକାଶ କରିଛନ୍ତି। ତଦନ୍ତରେ ହସ୍ତକ୍ଷେପ କରିବାକୁ ମନାକରିବା ସହିତ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କ ନାଁ ଗଣମାଧ୍ୟମ କିମ୍ବା ସୋସାଲ ମିଡିଆରେ ପ୍ରକାଶ ନ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହାହିତ ସବୁଥାନାରେ ସିସିଟିଭି ଲଗାଇବା ପାଇଁ ମଧ୍ୟ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ବିଚାର ବିଭାଗ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିବାରୁ ତଦନ୍ତର ଅନୁଧ୍ୟାନ ଆବଶ୍ୟକତା ନ ପୃଷ୍ଠା-୬

**ସୁଶାସନର ନୂଆ ପରମ୍ପରା**

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପୀଡ଼ିତା



**୨୪ ବର୍ଷ ଧରି ହତାସ କରୁଥିଲେ ନବୀନ**

**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ଜଣେ ପୀଡିତା ନିଜର ପରିବାର ଲୋକସେବା ଭବନ ଆସି ସିଧାସଳଖ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ଭେଟିବା ଓ ନ୍ୟାୟ ପାଇବା ନେଇ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆଶ୍ୱାସନା ମିଳିବା ଆଜି ଓଡିଶା ରାଜନୀତିରେ ନୂଆ ଅଧ୍ୟାୟ ଆରମ୍ଭ କରିଛି । କାରଣ ୨୫ବର୍ଷର ନବୀନ ଶାସନ କାଳରେ ପୀଡିତା କିମ୍ବା ତାଙ୍କ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ତ ଦୂରରକଥା ତାଙ୍କର ଦୁଃଖ କାହାଣୀ ବି ନବୀନଙ୍କ କାନରେ ବାଜିପାରୁ ନଥିଲା । ନବୀନଙ୍କ ଶାସନ କାଳରେ ବର୍ତ୍ତମାନ ସୁଦ୍ଧା ନିଖୋଜ ଥିବା ପିହୁର ମା, ପୋଡି ମାରି ଦିଆଯାଇଥିବା ମମିତା ମେହେରର ପରିବାର, ନୟାଗଡର ପରୀର ପିତା ମାତା ମୁଖ୍ୟମନ୍ତ୍ରୀ ନବୀନଙ୍କ ଭେଟି ନିଜର ଦୁଃଖ ଜଣାଇବା ପାଇଁ କେତେ ନେହୁରା ହୋଇନଥିଲେ । ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ଚୀନରୁ ଫିନିସ୍ଡ୍ ଷ୍ଟିଲ ଆମଦାନୀ ୩.୭ ନିୟୁତ ମେଟ୍ରିକ୍ ଟନ୍। ଏହା ୭ ବର୍ଷରେ ସର୍ବାଧିକ।
- ଶିଶୁ ଯୌନ ଅଶ୍ଲୀଳତା ପୋକ୍‌ସୋ ଏବଂ ଆଇଟି ଆଇନ ଅନୁଯାୟୀ ଦୋଷାବହ। ଏ ସଂପର୍କିତ ଆଇନର ତର୍ଜମା କରି ପୁନଃ ପ୍ରସ୍ତୁତି ପାଇଁ ଅଧ୍ୟାଦେଶ ଆଣିବାକୁ ପାର୍ଲାମେଣ୍ଟକୁ ସୁପ୍ରିମକୋର୍ଟଙ୍କ ସୁପାରିସ।
- ବିଦେଶୀ ଫିଲ୍ମ ବର୍ଗରେ ଭାରତର 'ଲାପତା ଲେଡିଜ୍' ଓସ୍କାର ପାଇଁ ମନୋନିତ ହୋଇଥିବା ଫିଲ୍ମ ଫେଡେରେସନ୍ ଅଫ୍ ଇଣ୍ଡିଆର ଘୋଷଣା।
- ପୁଣେ ବିମାନବନ୍ଦରକୁ ଜଗତଗୁରୁ ସନ୍ଥ ତୁକାରାମ ମହାରାଜ ଏୟାରପୋର୍ଟ ଭାବେ ପୁନଃନାମିତ କରିବା ପ୍ରସ୍ତାବକୁ ମହାରାଷ୍ଟ୍ର ସରକାରଙ୍କ ଅନୁମୋଦନ।
- ଆମେରିକାବାସୀ କମଲା ହାରିସ୍ ଓ ଡୋନାଲଡ୍ ଟ୍ରମ୍ପଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା । ପ୍ରାକ୍ ନିର୍ବାଚନ ସର୍ଭେରେ ଟ୍ରମ୍ପଙ୍କ ଠାରୁ ହାରିସ୍ ମାତ୍ର ୩% ଆଗୁଆ ଥିବା ସୂଚନା।
- ଛତିଶଗଡ଼ର ରାଜନନ୍ଦଗାଁରେ ବଜ୍ରପାତରେ ପରୀକ୍ଷା ଦେଇ ଫେରୁଥିବା ୬ ଛାତ୍ରଙ୍କ ସମେତ ୮ ମୃତ।
- ଭରତପୁର ଥାନାରେ ନିର୍ଯାତିତା ମେଜରଙ୍କ ବାନ୍ଧବୀଙ୍କ ନାମ ପ୍ରକାଶ କରାଯାଇଥିବାରୁ ହାଇକୋର୍ଟଙ୍କ ଉଦ୍‌ବେଗ। ପୀଡ଼ିତାଙ୍କ ନାମ କୌଣସି ପରିସ୍ଥିତିରେ ପ୍ରକାଶ ନ କରିବାକୁ ଗଣମାଧ୍ୟମ ଓ ସୋସାଲ ମିଡିଆକୁ କଡ଼ା ନିର୍ଦ୍ଦେଶ।
- ବରଗଡ଼ରେ ୪ ହଜାର ବୋତଲ କଫ୍ ସିରପ ଜବତ, ୧୭ ଗିରଫ।
- ମାଲକାନଗିରି ଜିଲ୍ଲା ସୀମା ସଂଲଗ୍ନ ଆନ୍ଧ୍ରପ୍ରଦେଶର ଆଲୁରି ଜିଲ୍ଲାର ଥିବା ଜଳ ତରଙ୍ଗିନୀ ଝରଣାରେ ଭାସିଯାଇଥିବା ୩ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨ଜଣଙ୍କ ଶବ ଉଦ୍ଧାର, ଜଣେ ନିଖୋଜ।

## ସୁପ୍ରିମକୋର୍ଟଙ୍କ ରାୟକୁ ସମର୍ଥନ କଲେ ରାଜ୍ୟ ସରକାର

**ଶିଶୁ ଅଶ୍ଲୀଳ ଭିଡିଓ ଦେଖିବା, ଡାଉନଲୋଡ କରିବା ଓ ରଖିବା ଦଣ୍ଡନୀୟ ଅପରାଧ**

**ଶିଶୁ ଯୌନ ଶୋଷଣ ପ୍ରତି ଶୂନ୍ୟ ସହନଶୀଳତା ନୀତି ଆପଣେଇବେ ସରକାର**



**କଟକ, ୨୩।୯ (ସଂଚାର ବ୍ୟୁରୋ):** ଶିଶୁ ଯୌନ ଶୋଷଣ ବିରୋଧରେ ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ନୀତି ଆପଣେଇବେ। ସୁପ୍ରିମକୋର୍ଟଙ୍କ ରାୟକୁ ରାଜ୍ୟ ସରକାର ପୂର୍ଣ୍ଣ ସମର୍ଥନ ଜଣାଇବା ସହ ରାଜ୍ୟରେ କୌଣସି ପ୍ରକାର ଶିଶୁ ଯୌନ ଶୋଷଣକୁ ବରଦାସ୍ତ କରାଯିବ ନାହିଁ ବୋଲି ମହିଳା ଶିଶୁ ବିକାଶ ବିଭାଗ ତରଫରୁ ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ, ପ୍ରୋଟେକଶନ ଅଫ୍ ଚିଲଡ୍ରେନ ଫ୍ରମ ସେକ୍ସୁଆଲ ଅଫେନ୍ସ ଆକ୍ଟ (ପୋକସୋ) ଆଇନ ଅନ୍ତର୍ଗତ ଶିଶୁ ପୃଷ୍ଠା-୬

## ଅର୍ଥ ବିଭାଗର ତାଗିଦ୍: ଭଡ଼ାଗାଡ଼ିରେ କାମ ଚଳାଅ

**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ସରକାରୀ ତହବିଲରୁ ନୂଆ ଗାଡ଼ି କିଣିବା ବଦଳରେ ଭଡ଼ାରେ ଗାଡ଼ି ଆଣି ଅଫିସ କାର୍ଯ୍ୟ କରିବା ପାଇଁ ଅର୍ଥ ବିଭାଗ ପୁଣିଥରେ ତାଗିଦ୍ କରିଛି । ବିଜେଡି ସରକାର ଅମଳରେ ଗତବର୍ଷ ଏଭଳି ନିର୍ଦ୍ଦେଶନାମା ଜାରି କରିଥିବା ଅର୍ଥ ବିଭାଗ ଆଜି ସମସ୍ତ ସଚିବ ଓ ବିଭାଗୀୟ ମୁଖ୍ୟଙ୍କୁ ଚିଠି ଲେଖି ପରାମର୍ଶ ଦେଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧୀନସ୍ଥ ଅର୍ଥ ବିଭାଗର ବିନା ଅନୁମତିରେ ଓ ଅତି ଜରୁରୀ ନ ଥିଲେ ନୂଆ ଗାଡ଼ି କିଣାଯିବ ନାହିଁ ବୋଲି ବିଭାଗଗୁଡ଼ିକୁ ରୋକଠୋକ ଜଣାଇ ଦେଇଛି।

ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଭାଗୀୟ ସଚିବ ଓ ମୁଖ୍ୟମାନଙ୍କୁ ଚିଠି ଲେଖି ଘରୋଇ ଗାଡ଼ି ଭଡ଼ାରେ ଆଣିବା ପାଇଁ ପରାମର୍ଶ ଦେଇଛନ୍ତି । ବ୍ୟବହାର ଅନୁପଯୋଗୀ ଗାଡ଼ିକୁ ସ୍କ୍ରାପିଂ କିମ୍ବା ନିଲାମ କରି ସେ ବାବଦ ଅର୍ଥ ଟ୍ରେଜେରୀରେ ଜମା କରିବା ପରେ ହିଁ ଅଫିସ୍ ଉପଯୋଗ ପାଇଁ ଘରୋଇ ଗାଡ଼ି ଭଡ଼ାରେ ଅଣାଯାଇପାରିବ। ଏଥିପାଇଁ ବିଭାଗଗୁଡ଼ିକ ନିଷ୍ପତ୍ତି ନେବାକୁ ପ୍ରାଧିକୃତ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଏ ସଂକ୍ରାନ୍ତରେ ଅର୍ଥ ବିଭାଗର ୨୦୨୩ ଅଗଷ୍ଟ ୧୪ତାରିଖର ନିର୍ଦ୍ଦେଶନାମାକୁ ମଧ୍ୟ ସେ ଉଲ୍ଲେଖ କରିଛନ୍ତି । ତେବେ ପୁରୁଣା ଗାଡ଼ିକୁ ନଷ୍ଟ ନ କରି ଘରୋଇ ଗାଡ଼ିରେ ଭଡ଼ା ଆଣିବାର ଆବଶ୍ୟକତା ପଡ଼ିଲେ ସେଥିପାଇଁ ଅର୍ଥ ବିଭାଗର ପୃଷ୍ଠା-୬

# ଦୁର୍ବଳ ହେଉଛି ବିଜେଡି ମୂଳଦୂଆ

**ଶଙ୍ଖଭବନ ପାଲଟିଲାଣି ରଣକ୍ଷେତ୍ର**




**ଭୁବନେଶ୍ୱର, ୨୩।୯ (ସଂଚାର ବ୍ୟୁରୋ):** ଦୀର୍ଘ ୨୫ ବର୍ଷ ଧରି ମଜବୁତ୍ ମୂଳଦୂଆ ଉପରେ ଛିଡା ହୋଇଥିବା ବିଜେଡିର ମୂଳ ନିର୍ବାଚନ ହାରିବାର ମାସ ତିନି ଟା ମଧ୍ୟରେ ଦୁର୍ବଳ ହେବାରେ ଲାଗିଲାଣି। ଯେଉଁ ନବୀନଙ୍କ ଆଗରେ ଦଳୀୟ ନେତାମାନେ ଛିଡା ହେବାକୁ ସାହସ କରୁନଥିଲେ ସେମାନେ ଏବେ କେବଳ ମନଇଛା ବୟାନବାଜି କରୁନାହାନ୍ତି, ଦଳୀୟ କାର୍ଯ୍ୟାଳୟ ଶଙ୍ଖଭବନ ଭିତରେ ମାରଣା ଷଣ୍ଢ ଭଳି ଆଚରଣ କରୁଛନ୍ତି ।

ନିର୍ବାଚନରେ ପରାଜୟ ପରେ ଏହାର କାରଣ ଖୋଜିବା ଲାଗି ଦଳୀୟ ସ୍ତରରେ ଦାବି ହେଉଥିବାବେଳେ ଦଳ ସଭାପତି ନବୀନ ପଟ୍ଟନାୟକ କୌଣସି ପ୍ରକାରେ ଏହାକୁ ଏଡାଇ ଯାଇଛନ୍ତି । ଏପରିକି ନିର୍ବାଚନ ହାରିବା ପଛରେ ପାଣ୍ଡିଆନଙ୍କୁ ଦାୟୀ କରାଯାଉଥିବାବେଳେ ପାଣ୍ଡିଆନ ଜଣେ ଭଲ ଲୋକ ଓ ବିଜେଡି ପାଇଁ ସେ ବହୁତ କିଛି କରିଛନ୍ତି ବୋଲି ଖୋଲାଖୋଲି ଭାବେ କହିବାକୁ ପଛାଇ ନାହାନ୍ତି । ଏହା ପରଠାରୁ ବିଜେଡି ଶିବିରରେ ବିଶୃଙ୍ଖଳା ସୃଷ୍ଟି ହେବାରେ ଲାଗିଛି । ଗୋଟିଏ ପଟେ ଦଳରେ ନିର୍ବାଚନ ପରାଜୟର କାରଣ ଖୋଜା ହୋଇନଥିବାବେଳେ ଅନ୍ୟପଟେ କିଛି ନେତାଙ୍କ ସ୍ୱରକୁ ଚାପି ଦିଆଗଲା।

ନିର୍ବାଚନ ପରେ ପରେ ଦଳୀୟ କାର୍ଯ୍ୟାଳୟ ଭିତରେ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଯୁବ କର୍ମୀମାନେ ହଲପଟା କରିଥିବାର ଖବର ଆସିଥିଲା। ସେହିଭଳି ନବୀନ ନିର୍ବାଚନ ଭିତରେ ବିଜେଡିର ଦୁଇ ଯୁବନେତା ଏଭଳି ସ୍ତରକୁ ଯାଇ ପାଟିତୁଣ୍ଡ କଲେ ଯେ ସୋମନଙ୍କୁ ଚୁପ୍ କରିବାପାଇଁ ଖୋଦ୍ ନବୀନଙ୍କୁ କବାଟ ଖୋଲି ବାହାରକୁ ଆସିବାକୁ ପଡିଲା । ଅବଶ୍ୟ ଏହି ଦୁଇ ଯୁବନେତା ଦୁଇ ପୂର୍ବତନ ମନ୍ତ୍ରୀ ଓ ଟାଣୁଆ ନେତା।

ଏହା ପରଠାରୁ ବିଜେଡିରେ ବିଚିତ୍ର ସ୍ଥିତି ସୃଷ୍ଟି ହୋଇଛି । କିଏ କେତେବେଳେ କ'ଣ କହୁଛି ତାହା ଜଣାପଡୁନାହିଁ । ଦଳର ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ ଖୋଲାଖୋଲି ଭାବେ ଦଳର କେତେକ ନିଷ୍ପତ୍ତିକୁ ବିରୋଧ କରୁଛନ୍ତି। ଦଳର ଦୁଇ ସାଂସଦ ବିଜେଡି ଛାଡି ବିଜେପିକୁ ଯିବାପରେ ଏହାର ପ୍ରଭାବ ଦଳ ଉପରେ ପଡିବ ନାହିଁ ବୋଲି ବିଜେଡିର କିଛି ନେତା ସମ ସ୍ୱରରେ କହୁଥିବାବେଳେ ଅମର କିନ୍ତୁ ଠିକ୍ ଓଲଟା କଥା କହିଥିଲେ । ଏବେ ଦଳର ଆଉ ଜଣେ ସାଂସଦ ଦେବାଶିଷ ସାମନ୍ତରାୟ ଖୋଲାଖୋଲି ଭାବେ କଂଗ୍ରେସ ସହ ମେଣ୍ଟ କରି ବିଜେଡି ପୃଷ୍ଠା-୬

## ଲଢେଇ ଏବେ ଥାନାରେ

**ବିଜେଡି ଲୋକହସା**

ବିଜେପି ସରକାରକୁ ଟକ୍କର ଦେବାପାଇଁ ବିଜେଡି ବଳ ଗୋଟାଉଥିବାବେଳେ ଦଳର ଯୁବ ଓ ବରିଷ୍ଠ ନେତାଙ୍କ କଳି ଥାନାରେ ପହଞ୍ଚିଛି । ରାଜଧାନୀର ଦୁଇ ଟାଣୁଆ କର୍ପୋରେଟର ବାଇଁଆ-ଲିଟୁ ଓ ନିର୍ବାଚନରେ ହାରିଥିବା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ମୁହାଁମୁହିଁ ହୋଇଛନ୍ତି । ଯଦିଓ ଏମାନଙ୍କ ମଧ୍ୟରୁ କେହି ସିଧାସଳଖ ଥାନାରେ ପହଞ୍ଚି ନାହାନ୍ତି କିନ୍ତୁ ଏମାନଙ୍କ ଚେଲାମାନେ ଏବେ କ୍ୟାପିଟାଲ ଥାନାରେ ପରସ୍ପର ବିରୁଦ୍ଧରେ ମାମଲା ରୁଜୁ କରିଛନ୍ତି । ବିଜେଡିର ଏହି ଏଫ୍‌ଆଇଆର ପାଲା ଚର୍ଚ୍ଚାର ବିଷୟ ହୋଇଥିବାବେଳେ ପୁଲିସ୍ କି ପଦକ୍ଷେପ ନେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର ।

ଆଜି ଶଙ୍ଖଭବନରେ ଦୁଇ କର୍ପୋରେଟର ବାଇଁଆ ଓ ଲିଟୁ ସିଧାସଳଖ ମନ୍ତ୍ରୀ ଅଶୋକପଣ୍ଡାଙ୍କୁ ଟାର୍ଗେଟ କରିବା ସହିତ ଅଶୋକଙ୍କ ସହାୟତାରେ ଶଙ୍ଖଭବନରେ ବସିଥିବା ରାଜେଶ ପାତ୍ର ବିଜେପି ସଦସ୍ୟତା ଗ୍ରହଣ କରିଛନ୍ତି ଏବଂ ଅଶୋକ ପଣ୍ଡାଙ୍କ ସହାୟତାରେ ବିଜେଡିରେ ଗୁଇନ୍ଦାଗିରି କରୁଥିବା ଅଭିଯୋଗ ଆଣିଥିଲେ । ଏଥି ସହିତ ରାଜେଶ ପାତ୍ର ବିଜେପି ସଦସ୍ୟତାଗ୍ରହଣ କରିଥିବାର କାଗଜ ମଧ୍ୟ ଦେଖାଇଥିଲେ । ତେବେ ଏହି ପୃଷ୍ଠା-୬

### ଜିଲ୍ଲାସ୍ତରୀୟ ବିକାଶ ମେଳାକୁ ବିଜେଡି ନେତାଙ୍କ ବଏକଟ୍

# ଯୋଗଦେଲେନି ୪ ବିଧାୟକ

**କେନ୍ଦ୍ରାପଡ଼ା, ୨୩।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା କଲେଜ ପଡିଆରେ ଜିଲ୍ଲାସ୍ତରୀୟ ବିକାଶର ଆଜି ଦ୍ୱିତୀୟ ସନ୍ଧ୍ୟାକୁ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଉଦଘାଟନ କରିଛନ୍ତି । ରାଜ୍ୟ ବିଜେପି ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଗତକାଲି ଏହି ବିକାଶ ମେଳାକୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉଦଘାଟନ କରିଥିଲେ । ତିନିଦିନ ଧରି ଆୟୋଜିତ ହେଉଥିବା ଏହି ମେଳାର ଆଜି ଦ୍ୱିତୀୟ ଦିବସ। ଆଜିର ଦ୍ୱିତୀୟ ସନ୍ଧ୍ୟାର ଅତିଥିଭାବେ ଥିବା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଆଳି ବିଧାୟକ ପ୍ରତାପକେଶରୀ ଦେବ କେହି ହେଲେ ଯୋଗଦେଲେ ନାହିଁ ।ଏହି ବିକାଶ ମେଳାକୁ ଏହି ୪ବିଧାୟକ ବୟକଟ କରିଛନ୍ତି। ନିମନ୍ତ୍ରିତ ଅତିଥିମାନେକୁ ଜିଲ୍ଲା ପ୍ରଶାସନ ବହୁ ସମୟ ଅପେକ୍ଷା କରିଥିଲେ । ହେଲେ କେହି ଜଣେ ଏହି କାର୍ଯ୍ୟକ୍ରମକୁ ଯୋଗଦେଲେ ନାହିଁ । ବାଧ୍ୟ ହୋଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଏହାକୁ ଉଦଘାଟନ କରିଥିଲେ ।ଆଜି କିନ୍ତୁ ଗଣେଶ୍ୱର ଏହି କାର୍ଯ୍ୟକ୍ରମରେ ଯୋଗଦେବା ନେଇ ତାଙ୍କ କାର୍ଯ୍ୟସୁଚିରେ ସାମାଜିକ ଗଣମାଧ୍ୟମରେ ଛାଡିଥିଲେ । ଏହା ଏକ ସରକାରୀ କାର୍ଯ୍ୟକ୍ରମ ଏହି କାର୍ଯ୍ୟକ୍ରମକୁ ବିଧାୟକମାନଙ୍କ ଯୋଗ ନଦେବା କେତେଦୂର ଠିକ? ଯାହାକୁ ନେଇ ବୁଦ୍ଧିଜୀବୀମାନେ ଆଲୋଚନା କରିଛନ୍ତି । ପୂର୍ବତନ ବିଧାୟକ ସିପ୍ରା ମଲ୍ଲିକ କହିଛନ୍ତି ଏହା ରାଜ୍ୟ ସରକାରଙ୍କ ବିକାଶ ମେଳା ଏହି ବିକାଶ ମେଳାରେ ବିଧାୟକ ସାମିଲ ହେବା ଆବଶ୍ୟକ ।ଏହା କୌଣସି ଦଳୀୟ କାର୍ଯ୍ୟକ୍ରମ ନୁହେଁ । ରାଜ୍ୟର ବିକାଶରେ ବିଧାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ।ସେହିପରି ସିପିମ ନେତା ଗୟାଧର ଧଳ କହିଛନ୍ତି ଏହି ମେଳା ଦ୍ୱାରା ରାଜ୍ୟ ସରକାର ନିଜର ଦଳର ପ୍ରଚାର କରୁଛନ୍ତି । ରାଜ୍ୟରେ ୧୦୦ ଦିନରେ କିଛି ବିକାଶ ହୋଇନାହିଁ । ରଙ୍ଗ ବଦଳାଯାଇଛି ଓ କିଛି ସରକାରୀ କର୍ମଚାରି ବଦଳି ହୋଇଛନ୍ତି । ଏହି ରାଜନୀତିକ ସଭାରେ ବିଧାୟକମାନେ ଅନୁପସ୍ଥିତ ରହିବାକୁ ମୁଁ ସମର୍ଥନ କରୁଛି ବୋଲି କହିଛନ୍ତି। ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ କହିଛନ୍ତି ଏହି କାର୍ଯ୍ୟକ୍ରମରେ ବିଧାୟକମାନଙ୍କର ଅନୁପସ୍ଥିତି ଦୁର୍ଭାଗ୍ୟ ଜନକ। କେନ୍ଦ୍ରାପଡ଼ା ବିକାଶରେ ବାଧକ ସାଜୁଛନ୍ତି ବିଧାୟକ। ଏହାର ଜ୍ୱଳନ୍ତ ଉଦାହରଣ ତାଙ୍କର ଅନୁପସ୍ଥିତି ଜଣାଉଛି।

### ଜିଲ୍ଲା ପାଲଟିଛି ଖଣି ବିଭାଗ ଓ ବାଲି ମାଫିଆଙ୍କ ଭୂସ୍ୱର୍ଗ !

# ନିଲାମକୁ ୩ ବର୍ଷ ହେଲା, ବାଲି ଉତ୍ତୋଳନ ପାଇଁ ଅନୁମତି କେବେ ?

**ଜଗତସିଂହପୁର, ୨୩।୯ (ସଂଚାର ବ୍ୟୁରୋ):** ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ ଠିକ ସେମିତି ଖଣିବିଭାଗରେ ଉପରୁ ତଳ ଯାଏ ଦୁର୍ନୀତିର ଗନ୍ଧବାରି ହେଉଛି। ପ୍ରାକୃତିକ ବିପର୍ଯ୍ୟୟରୁ ପରିବେଶକୁ ସୁରକ୍ଷିତ ରଖିବା ଲାଗି କେନ୍ଦ୍ର ଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ସ୍ଥଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ଏହାର ସଫଳ ରୂପାୟନ ହୋଇପାରୁନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି ଜଗତସିଂହପୁରରେ।



ଖଣି ଅଧିକାରୀଙ୍କ ମନମୁଖୀ କାର୍ଯ୍ୟରେ ସାଧାରଣ ଜନତା ଘର ଖଣ୍ଡେ କରିବା ପାଇଁ ପାଉନାହାନ୍ତି ବାଲି। ଚୋରା ବାଲି ମାଫିଆଙ୍କ ସହ ଖଣି ଅଧିକାରୀ ମିଶି ହେଉଛନ୍ତି ମାଲାମାଲ। ସ୍ଥାନୀୟ ଲୋକଙ୍କୁ ଅଲଗା ଜିଲ୍ଲାର ବାଲିଘାଟରୁ ଉଚ୍ଚା ଦରରେ କିଣିବାକୁ ପଡୁଛି ବାଲି। ଆଳିପିଙ୍ଗଳ ନଦୀରୁ ଦୀର୍ଘଦିନ ଧରି ବେନିୟମ ଭାବେ ମାଫିଆମାନେ ଦିନ ଦ୍ୱିପ୍ରହରରେ ବାଲି ଖୋଳି ନେଉଥିଲେ ମଧ୍ୟ ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଘାଟଗୁଡିକୁ ନିଲାମ କରାଯାଇଥିଲା। ନିଲାମ ପରେ ଅଞ୍ଚଳବାସୀ ବେଆଇନ ବାଲି ଖନନ ଉପରେ ରୋକ ଲାଗିବ ବୋଲି ଆଶା ବ୍ୟକ୍ତ କରିଥିବା ବେଳେ ଏଥିରେ ବେନିୟମ ହେଉଥିବା ଅଭିଯୋଗ ହେଉଛି। ସରକାରଙ୍କ ପ୍ରଦତ୍ତ ନିୟମକୁ କେହିବି ମାନୁନାହାନ୍ତି। ଖଣି ବିଭାଗ ଜ୍ଞାନସାରରେ ଦିନ ଦ୍ୱିପ୍ରହରରେ ଖୋଲା ଖୋଲି ଭାବେ ନଦୀଘାଟରୁ ଅଧିକ ବାଲି ଖୋଳାଯାଇ ଟ୍ରାକ୍ଟର ଓ ଟ୍ରକରେ ଅନ୍ୟ ସ୍ଥାନକୁ ପଠାଯାଉଛି। ଏହା ଜାଣି ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଅଭିଯୋଗ ହେଉଛି। ଗ୍ରାମବାସୀମାନେ ଏହାକୁ ବିରୋଧ କଲେ ମାଫିଆମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳିପାରୁ ନାହିଁ। ଘାଟ ନିଲାମ କେବଳ ପ୍ରହସନ ପାଲଟିଛି। ପ୍ରତିଦିନ ଏହିପରି ବେଧଡ଼କ ବାଲି ଖୋଳା ଯାଉଥିବାରୁ ନଦୀର ଗତି ପଥ ପରିବର୍ତ୍ତନ ଘଟୁଛି।

ଖଣିବିଭାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଜିଲ୍ଲାରେ ୨୭ଟି ବାଲିଘାଟରୁ ଚାଲିଛି ମାତ୍ର ୧୧ଟି ବାଲିଘାଟ ଚାଲୁ ରହିଛି। ଅନ୍ୟ ୧୬ଟି ଘାଟକୁ ବିଭିନ୍ନ କାରଣ ଯୋଗୁ ବନ୍ଦ ରହିଛି। ଜଗତସିଂହପୁର ସଦର ଅଞ୍ଚଳର ଏକ ମାତ୍ର ବାଲିଘାଟ ହେଉଛି ଆଳିପିଙ୍ଗଳ ବାଲିଘାଟ । ଏହି ଘାଟଟି ୨୦୨୧ ମସିହାରେ ୬ କୋଟି ୫୭ ଲକ୍ଷ ଟଙ୍କାରେ ନିଲାମ ହୋଇଥିଲା। ନିଲାମ ଧାରି ତ୍ରିଶୁଳିଆ ଅଞ୍ଚଳର ସୁବାସ ରାଉତ ନିଲାମ ନେଇଥିଲେ। ସରକାରୀ ନିୟମ ଅନୁଯାୟୀ ସିକ୍ୟୁରିଟି ଅର୍ଥ ମଧ୍ୟ ଦାଖଲ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଖଣି ବିଭାଗ ନିଲାମଧାରୀଙ୍କୁ ବାଲି ଉଠାଇବା ପାଇଁ ଅନୁମତି ଦେଉନାହାନ୍ତି । ତିନି ବର୍ଷ ହେବ ସିକ୍ୟୁରିଟି ମନି ଦେଇ ହତାଶ ହୋଇବସିଛନ୍ତି ବାଲିଘାଟ ନେଇଥିବା ନିଲାମଧାରୀ। ସରକାରୀ ଘାଟ ନିଲାମ ହେବାପରେ ନିଲାମ ଧାରୀଙ୍କୁ ବାଲି ଉଠାଇବା ପାଇଁ ଅନୁମତି ଦେଉ ନାହାନ୍ତି ଖଣି ଅଧିକାରୀ। ଗତ ତିନି ବର୍ଷ ହେବ ଘାଟରୁ ବାଲି ଉଠୁ ନଥିବାରୁ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର। ତେବେ ଏହି ଘାଟରୁ କମ ଦାମରେ ବାଲି ନେଇ ସ୍ଥାନୀୟ ଅଞ୍ଚଳବାସୀ ଘର କାର୍ଯ୍ୟ କରିଥାନ୍ତି। ବାହାର ଘାଟରୁ ଗୋଟିଏ ହାଇୱା ବାଲିକୁ ୧୨ରୁ୧୫ ହଜାର ଟଙ୍କା ଦେଇ କିଣିବାକୁ ପଡୁଛି। ତେବେ ଅନ୍ୟ ବାଲିଘାଟ ମାଲିକଙ୍କ ଠାରୁ ଖଣି ଅଧିକାରୀ ମୋଟା ଅଙ୍କର ଅର୍ଥ ନେଇ ଆଳିପିଙ୍ଗଳ ବାଲିଘାଟକୁ ନିଲାମ ପରେ କାଗଜ ପତ୍ର ଆଳ ଦେଖାଇ ବନ୍ଦ ରଖିଛନ୍ତି। ଚୋରା ବାଲି ମାଫିଆ ଓ ଖଣି ଅଧିକାରୀଙ୍କ ମଧୁ ଚନ୍ଦ୍ରିକା ଯୋଗୁ କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ରାଜ୍ୟ ସରକାର। ଖଣି ଅଧିକାରୀ କାହା ଚାପରେ ନିଲାମଧାରୀଙ୍କୁ ବାଲି ଉଠାଇବାକୁ ଅନୁମତି ଦେଉନାହାନ୍ତି ତାହା ଏବେ ପ୍ରଶ୍ନ ବାଚି ସୃଷ୍ଟି କରିଛି। ଆଳିପିଙ୍ଗଳ ବାଲିଘାଟ ନିକଟରେ କଟକ ଜିଲ୍ଲାର ଥିବା ବସ୍ତ ସାଇଲୋ ଘାଟରୁ ନିୟମିତ ବାଲି ଉଠୁଥିବା ବେଳେ ଏହି ଘାଟକୁ କଣ ପାଇଁ ବନ୍ଦ କରାଯାଇଛି ଓ ତିନି ବର୍ଷ ହେବ ଖଣି ବିଭାଗ ପକ୍ଷରୁ କାଗଜ ପତ୍ର କାହିଁକି ଠିକ ହୋଇ ପାରୁନି ବୋଲି ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ଖୁବ୍ ଶୀଘ୍ର ନଦୀରୁ ପାଣି ଛାଡ଼ିବା ପରେ ତଦନ୍ତ କରାଯାଇ ଘାଟରୁ ବାଲି ଉତ୍ତୋଳନ ପାଇଁ ଅନୁମତି ପ୍ରଦାନ କରାଯିବ ବୋଲି ଖଣି ଅଧିକାରୀ କହିଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବା ସହ ଆଳିପିଙ୍ଗଳ ଘାଟକୁ ସରକାରୀ ସ୍ତରରେ ବାଲି ଉଠାଣ ନିମନ୍ତେ ଅନୁମତି ପ୍ରଦାନ କରାଯାଉ ବୋଲି ଅଞ୍ଚଳବାସୀ ଦାବୀ କରିଛନ୍ତି ।

## ମିଳିତ ଅଭିଯୋଗ ଶୁଣାଣି

**ବ୍ରହ୍ମପୁର, ୨୩।୯ (ସଂଚାର ବ୍ୟୁରୋ)** ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଆଜି ସୋମବାର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା , ଉପ-ଜିଲ୍ଲାପାଳ ବ୍ରହ୍ମପୁର ଦୀନା ଦସ୍ତଗୀର , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅସୀମ ପଣ୍ଡା ମିଳିତ ଅଭିଯୋଗ ଶୁଣାଣିରେ ଯୋଗ ଦେଇଥିଲେ । ଏହି ଅଭିଯୋଗ ଶୁଣାଣିର ସମୁଦାୟ ୬୧ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ବ୍ୟକ୍ତିଗତ ଅଭିଯୋଗ ୫୮ ଟି ଥିଲା ବେଳେ, ଗ୍ରାମ ଅଭିଯୋଗ ୩ଟି । ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୩୦୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଆବେଦନ ଗୁଡ଼ିକ ଶୁଣାଣି କରି ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ପରିଡା ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହି ଅଭିଯୋଗ ଶୁଣାଣି ସମୟରେ ଜିଲ୍ଲାର ସମସ୍ତ ଅଧିକାରୀ ଓ ବ୍ରହ୍ମପୁର ଉପଖଣ୍ଡର ସମସ୍ତ ବି.ଡି.ଓ, ତହସିଲଦାର ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

### ମାତାଲ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍

# ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ: ଅତିରିକ୍ତ ଜିଲ୍ଲାପାଳ

**କେନ୍ଦ୍ରାପଡ଼ା, ୨୩।୯ (ସଂଚାର ବ୍ୟୁରୋ):** ବ୍ଲକ ପରିସର ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟରେ ମଦ୍ୟପାନ କରୁଥିବା ଘଟଣା ବାରମ୍ବାର ପ୍ରକାଶିତ ହେବା ପରେ ଘଟଣାକୁ ଗୁରୁତ୍ୱର ଭାବେ ନେଇଛି ଜିଲ୍ଲା ପ୍ରଶାସନ । ମଦ୍ୟପାନ କରିଥିବା ଓଏଲଏମ କର୍ମଚାରୀ ରବୀନ୍ଦ୍ର ପଢ଼ିହାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା ଜାଣିବାକୁ ମିଳିଛି। ହେଲେ ମଦ୍ୟପାନ କରି ବିବାଦୀୟ ହୋଇପଡ଼ିଥିବା ରବୀନ୍ଦ୍ର ଘଟଣାରୁ ବର୍ତ୍ତିବା ପାଇଁ ଅତି ଚତୁରତାର ସହିତ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଦୁଇଦିନ ଛୁଟି ନେଇଥିବା ବିଡ଼ିଓ ବନ୍ଦନା ଖଟୁଆଙ୍କ ପ୍ରତିକ୍ରିୟାରୁ ଶୁଣିବା ପରେ ସରକାରୀ ବାବୁଙ୍କ ଚାଲାଖି ପଣିଆ ବର୍ତ୍ତମାନ ପଦାରେ ପଡ଼ିଛି । ମହିଳାମାନଙ୍କ ଉନ୍ନତି ଦିଗରେ କାର୍ଯ୍ୟ କରିଆସୁଥିବା ବିଭାଗ ଯେଉଁଠି ସ୍ୱାବଲମ୍ବୀ ଏବଂ ସଶକ୍ତ ହେବା ପାଇଁ ନିଯୁକ୍ତ ହୋଇଛନ୍ତି । ଯେଉଁ କାର୍ଯ୍ୟାଳୟକୁ ନିୟମିତ ବ୍ଲକର ମହିଳାମାନେ ଆସିଥାନ୍ତି ସେହି କାର୍ଯ୍ୟାଳୟର ସମ୍ମାନ ଓ ସୁରକ୍ଷାକୁ ଜଳାଞ୍ଜଳି ଦେଇ ତାହାରି ମଧ୍ୟରେ ଜଣେ ପୁରୁଷ କର୍ମଚାରୀ ଜଣଙ୍କ ମଦ୍ୟପାନର ଦୃଶ୍ୟ ପଦାକୁ ଆସିବା ପରେ ମହିଳାଙ୍କ ସୁରକ୍ଷାକୁ ନେଇ ଉଠୁଛି ନାନାଦି ପ୍ରଶ୍ନ । ସରକାର ଜିରୋ ଟଲେରିଆନ୍ସ ନୀତି ଆପଣାଇ ପୂର୍ବରୁ ଅନେକ ବେଫିକର ସରକାରୀ କର୍ମଚାରୀ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ବେଳେ ଏହି ଘଟଣା ଦିଗରେ କାହିଁକି ବିଳମ୍ବ ହେଉଛି ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି । ମଦ୍ୟପାନ କରୁଥିବା ଦୃଶ୍ୟ ପଦାକୁ ଆସିବା ପରେ ଆଉ କେଉଁ କେଉଁ ବଳିଷ୍ଠ ପ୍ରମାଣ ଉପରିସ୍ଥ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ପଡ଼ିଛି ଯେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ବା ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଏଭଳି ସମ୍ବେଦନଶିଳ ଘଟଣା ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗ ଓଡ଼ିଶା ଜୀବିକା ମିଶନରେ ଦୃଶ୍ୟମାନ ହେବା ପରେ ଏନେଇ ସଂପୃକ୍ତ କର୍ମଚାରୀ ଜଣଙ୍କ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ହାସାସ୍ପଦ୍ୟ ଭଳି ମନେ ହୋଇଛି। କର୍ମଚାରୀ ଜଣଙ୍କ କହିଛନ୍ତି ମଦ୍ୟପାନ କରିଥିବା ଦୃଶ୍ୟ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଏବଂ ତାହାକୁ ଏଡିଟି କରି କେହି ଅପପ୍ରଚାର ଉଦ୍ଦେଶ୍ୟରେ ଗଣମାଧ୍ୟମକୁ ଦେଇଛି ହେଲେ କର୍ମଚାରୀ ରବୀନ୍ଦ୍ର ପଢ଼ିହାରିଙ୍କ ମନ୍ତବ୍ୟ ସମ୍ପୂର୍ଣ୍ଣ ଘଟଣାକୁ ଲୁଚାଇବା ପାଇଁ ପ୍ରୟାସ କିମ୍ବା ଏଥିରୁ ବର୍ତ୍ତିବାର ଏହା ଏକ ପ୍ରୟାସ କରିଛନ୍ତି । କାରଣ ଏହା ଯଦି ମିଥ୍ୟା ଘଟଣା ତେବେ ପୂର୍ବରୁ ଏନେଇ ପରିକ୍ରୀୟ ନେବାକୁ ଯାଇଥିବା ସାମ୍ବାଦିକ ମାନଙ୍କୁ ରବୀନ୍ଦ୍ର କେଉଁ ଉଦ୍ଦେଶ୍ୟରେ ଘଟଣାକୁ ସମାଧାନ କରିବାକୁ କହିଛନ୍ତି ତାକୁ ନେଇ ଉଠିଛି ପ୍ରଶ୍ନ । ଅନ୍ୟପଟେ ଘଟଣା ସଂପର୍କରେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ପଚାରିବାରୁ ଗଣମାଧ୍ୟମକୁ ପରିକ୍ରିୟାରେ କହିଛନ୍ତି ଘଟଣାର ତଦନ୍ତ ଚାଲିଛି ରିପୋର୍ଟ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



## ନବ ନିର୍ବାଚିତ ଜିଲ୍ଲା ଓଷ୍ଟାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

**କେନ୍ଦ୍ରାପଡା, ୨୩।୯ (ସଂଚାର ବ୍ୟୁରୋ):** ନବ ନିର୍ବାଚିତ ଜିଲ୍ଲା ଓଷ୍ଟାର ସଭାପତି ଅଶୋକ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଜିଲ୍ଲା ଓଷ୍ଟାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କୁତୁରଙ୍ଗ ପଞ୍ଚାୟତସ୍ଥିତ ସିଦ୍ଧ ସେତୁଆ ମହାପୁରୁଷ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନୂତନ ରୂପେ ଦାୟିତ୍ୱ ଗ୍ରହଣ କରିଥିବା ସମ୍ପାଦକ ଭଗବାନ ସାହୁ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଉପସ୍ଥିତ ପ୍ରାକ୍ତନ ନେତୃତ୍ୱ ତୈଲୋକ ସ୍ୱାଇଁ, କାଳୀ ପ୍ରସାଦ ନାୟକ, ତପନ କୁମାର ସିଂହ, ପ୍ରାକ୍ତନ ସଭାପତି ପ୍ରମୋଦ କୁମାର ବେହେରା, ପ୍ରାକ୍ତନ ସମ୍ପାଦକ ନିର୍ମଳ କୁମାର ନାୟକଙ୍କ ସମେତ ରାଜ୍ୟ ଓଷ୍ଟା ସମ୍ପାଦକ ଶିକ୍ଷକ ନାତା ପ୍ରଣବ କୁମାର ଜେନା, କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର, ରବୀନ୍ଦ୍ର କୁମାର ପରିଡ଼ା ପ୍ରମୁଖ ନୂତନ ରୂପେ ଜିଲ୍ଲା କାର୍ଯ୍ୟକାରିଣୀରେ ସାମିଲ ହୋଇଥିଲା ସମସ୍ତ ସଦସ୍ୟ/ସଦସ୍ୟାମାନଙ୍କୁ ଓଷ୍ଟାର ସାମ୍ବିଧାନିକ ବିଧି ବ୍ୟବସ୍ଥା ଉପରେ ଆଲୋଚନା କରିବା ସହ ରାଜ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ଓଷ୍ଟାର ସ୍ୱାଭିମାନ ଓ ଐତିହ୍ୟକୁ ପୂର୍ବପରି ଅକ୍ଷୁର୍ଣ୍ଣ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ୯ଟି ବ୍ଲକର ସଭାପତି, ସମ୍ପାଦକ, ଜିଲ୍ଲା କାର୍ଯ୍ୟକାରିଣୀର ସମସ୍ତ ସଦସ୍ୟ/ସଦସ୍ୟା ଆଲୋଚନାରେ ଅଂଶ ଗ୍ରହଣ କରି ଜିଲ୍ଲାକୁ ରାଜ୍ୟରେ ୧ ନମ୍ବର ସାଙ୍ଗଠନିକ ଜିଲ୍ଲା ରୂପେ ପ୍ରତିପାଦନ କରିବା ପାଇଁ ସୁଚିନ୍ତିତ ମତାମତ ବ୍ୟକ୍ତ କରିବା ସହ ଅଧିକ ସଂଖ୍ୟକ ସଭ୍ୟ ଦେୟ ସଂଗ୍ରହ ଓ ନଭେମ୍ବର ୨୪ ତାରିଖରେ ହେବାକୁ ଥିବା ଓଷ୍ଟା ମେଧାବୃତ୍ତି ଅନ୍ୱେଷଣ ପରୀକ୍ଷା(ଓଟିଏସ୍ଇ)ରେ ଜିଲ୍ଲାର ପ୍ରତ୍ୟେକ ମାଧ୍ୟମିକ ବିଦ୍ୟାଳୟରୁ ଅଧିକ ସଂଖ୍ୟକ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପଞ୍ଜିକରଣ କରାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ଜିଲ୍ଲା ଉପସଭାପତି ସଞ୍ଜୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଏସ୍ଏଫ୍ ପକ୍ଷରୁ ଅସହାୟ ପରିବାରକୁ ସହାୟତା



**ରାଜନଗର, ୨୩।୯ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବେଲପାଳ ପଞ୍ଚାୟତ ବେଲପାଳ ଗାଁର ସ୍ୱର୍ଗତ ରାମଚନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ହାରାମଣି କର୍କଟ ରୋଗରେ ପୀଡିତ ହୋଇ ଗତ ୯ଦିନ ତଳେ ମୃତ୍ୟୁବରଣ କରିଥିଲେ। ରାମଚନ୍ଦ୍ରଙ୍କ ପୁତ୍ର ଅମରଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ମାଆର ଶୁଦ୍ଧିକ୍ରିୟା କିପରି କରିବ, ସେହି ଚିନ୍ତାରେ ଥିବା ବେଳେ ଏହିଭଳି ଦୁଃଖଦ ଖବର ପାଇ ଓଡ଼ିଶା ସାଇନ ଫାଉଣ୍ଡେସନ ପକ୍ଷରୁ ହାରାମଣିଙ୍କ ଶୁଦ୍ଧୀକ୍ରିୟା ନିମନ୍ତେ ସାହାଯ୍ୟର ହାତ ବଢ଼ାଇଛନ୍ତି। ଫାଉଣ୍ଡେସନ ତରଫରୁ ହାରାମଣିଙ୍କ ଶୁଦ୍ଧିକ୍ରିୟା ପାଇଁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିହାର ରଞ୍ଜନ ବିଶ୍ୱାଳ, ପ୍ରତାପ ନାୟକ, ସମୀର ବାଇ, ତପନ ମହାନ୍ତି, ମଣିଚରଣ ସାହୁ, କବିତା ନାୟକ, ମାଧବାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ନାବାଳିକା ଅସଦାଚରଣ ମାମଲା

## ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ

**ଯାଜପୁର, ୨୩।୯ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅଂଚଳରେ ଗତ ୧୮ତାରିଖରେ ୨ଜଣ ନାବାଳିକା ଭଉଣୀଙ୍କୁ କରଡ଼ାପାଳ ଗ୍ରାମର କୁନା ମଲିକ (୪୫) ନାମକ ବ୍ୟକ୍ତି ଏକ ଚାଷ ଜମିରେ ତଳି ରୋଇବା ପାଇଁ ଡ଼ାକିନେଇ ସ୍ଥାନୀୟ ସାମନ୍ତରାପୁର ଜଙ୍ଗଲ ଭିତରେ ଦୁଷ୍କର୍ମ ଉଦ୍ୟମ କରିବା ସହ ଉଭୟଙ୍କୁ ଅସଦାଚରଣ କରୁଥିବା ବେଳେ ନାବାଳିକା ଦ୍ୱୟ ଘଟଣାସ୍ଥଳରୁ କୌଶଳ କ୍ରମେ ଖସି ଆସି ସ୍ଥାନୀୟ ଜଣେ ଯୁବକ ଲୁଲୁ ମଲିକଙ୍କୁ ସାହାଯ୍ୟ ମାଗି ଘରେ ପହଂଚି ପିତାମାତାଙ୍କୁ ଜଣାଇ ଥିଲେ। ଘଟଣା ଶୁଣି ପୀଡିତାଙ୍କ ବାପା ଏ ସଂକ୍ରାନ୍ତରେ ସୁକିନ୍ଦା ଥାନାରେ ଏତଲା ଦେଇଥିଲେ। ସୁକିନ୍ଦା ପୋଲିସ କେଶ ନ -୧୦୭/୨୦ଦଫା ୩୫୪ (ଏ), ୩୫୪ (ବି), ୩୭୬,୫୧୧, ଆଇ ପି ସି ଓ ୮ପୋକ୍ସ ଆକ୍ଟ ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ଆଜି ଏହିମାମଲାର ଚୂଡାନ୍ତ ଶୁଣାଣି କରି ଯାଜପୁର ପୋକ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଅଭିଜିତ ପଲେଇ ଅଭିଯୁକ୍ତଙ୍କୁ ପୋକ୍ସ ଆଇନର ୮ ଧାରା ଅନୁଯାୟୀ ୩ବର୍ଷ ସଶ୍ରମ କାରାଦଣ୍ଡାଦେଶ ଓ ୧୦୦୦ ଟଙ୍କା ଜୋରିମାନାର ରାୟ ଶୁଣାଇଛନ୍ତି। ସେହିପରି ନାବାଳିକା ଦ୍ୱୟଙ୍କୁ ୧୦ହଜାର ଲେଖାଏଁ କ୍ଷତି ପୂରଣ ଦେବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକାରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାଟିକୁ ସରକାରୀ ଓକିଲ ରାଜୀବ ମହାନ୍ତି ପରିଚାଳନା କରିଥିଲେ।

# ନଦୀକୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

**ଟାଙ୍ଗୀ-ଚୌଦ୍ୱାର, ୨୩।୯ (ସଂଚାର ବ୍ୟୁରୋ):** ଚୌଦ୍ୱାର ନିକଟ ବିରୂପା ବ୍ୟାରେଜ ଉପରେ ନଦୀକୁ ଡେଇଁ ଜଣେକ କଲେଜ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ଚୌଦ୍ୱାର ପୌରପାଳିକା ୧୨ ନମ୍ବର ୱାର୍ଡ଼ ଓଟିଏମ୍ କଲୋନୀରେ ରହୁଥିବା ପାଟକୁରା ଅଞ୍ଚଳର ପ୍ରଭାତ ଦାସଙ୍କ ପୁଅ ପ୍ରଦୀପ



(୧୯)। ସୂଚନା ଅନୁଯାୟୀ ପ୍ରଦୀପ ସୋମବାର ଭୋର ପ୍ରାୟ ୪ଟା ସମୟରେ ସାଇକେଲ ନେଇ ନିଜ ଘରୁ ବାହାରକୁ ଚାଲି ଯାଇଥିଲେ। ସକାଳେ ପରିବାର ଲୋକେ ପ୍ରଦୀପକୁ ଖୋଜାଖୋଜି କରି ନପାଇବାରୁ ତାଙ୍କ ମୋବାଇଲକୁ ଫୋନ୍ କରିଥିଲେ ହେଁ ସେ ଉଠାଇ ନଥିଲେ। ସକାଳେ ବିରୂପା ବ୍ୟାରେଜ ବ୍ରିଜର ୬ନମ୍ବର ଗେଟ ପାଖରେ ସ୍କୁଲ ବ୍ୟାଗ୍ ଝୁଲୁଥିବା ଏକ ସାଇକେଲ ବହୁ ସମୟ ଧରି ଥୁଆ ହୋଇଥିବା ଦେଖି ସ୍ଥାନୀୟ ଲୋକେ ଚୌଦ୍ୱାର ପୋଲିସକୁ ଖବର ଦେଇଥିଲେ। ଖବର ପ୍ରଚାରିତ ହେବାରେ ପ୍ରଦୀପଙ୍କ ବାପା ଓ ମା ଘଟଣାସ୍ଥଳରେ ପହଞ୍ଚି ସେହି ସାଇକେଲ ଓ ବ୍ୟାଗ୍ଟି ତାଙ୍କ ପୁଅର ବୋଲି ଚିହ୍ନଟ କରିଥିଲେ। ଚୌଦ୍ୱାର, ଜଗତପୁର ଥାନା ପୋଲିସ ଓ ଚୌଦ୍ୱାର ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେହେଁ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରଦୀପଙ୍କ କୌଣସି ପତ୍ତା ମିଳିପାରିନଥିଲା। ଦିନ ତମାମ ଖୋଜାଖୋଜି ପରେ ଶେଷରେ ଅପରାହ୍ନ ପ୍ରାୟ ୪ଟା ସମୟରେ ବ୍ୟାରେଜ ଫାଟକ ଠାରୁ ପ୍ରାୟ ୧୦୦ମିଟର ଦୂରରେ ୨୦ଫୁଟ ପାଣି ତଳୁ ପ୍ରଦୀପଙ୍କ ମୃତଦେହକୁ ଖୋଜି ପାଇବାରେ ସକ୍ଷମ ହୋଇଥିଲେ ଅଗ୍ନିଶମ ବିଭାଗ। ଜଗତପୁର ପୋଲିସ ପ୍ରଦୀପଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ପ୍ରଦୀପ କାହିଁକି ଏଭଳି ଏକ ପଦକ୍ଷେପ ନେଲେ ତାହା ଜଣା ପଡ଼ିନାହିଁ। ପ୍ରଦୀପଙ୍କ ମୃତଦେହ ଉଦ୍ଧାର ହେବାପରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

### ମିରିଗିଣିରେ ବହୁଦେଶୀୟ କମ୍ପାନୀକୁ ବିରୋଧ

# ଖଣ୍ଡିଆହୁଡ଼ି ସୁରକ୍ଷା ମଞ୍ଚ ପକ୍ଷରୁ ଜନ ସମାବେଶ

**ନୀଳଗିରି, ୨୩।୯ (ସଂଚାର ବ୍ୟୁରୋ):** ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ମିରିଗିଣି ଖଣ୍ଡିଆ ହୁଡ଼ିକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିବା ପରେ 'ଖଣ୍ଡିଆହୁଡ଼ି ସୁରକ୍ଷାମଞ୍ଚ' ତରଫରୁ ମିରିଗିଣୀଠାରେ ବହୁଦେଶୀୟ କମ୍ପାନୀକୁ ଉକ୍ତ ପଥର ଖାଦାନ ନ ଦେବା ପାଇଁ ଉକ୍ତ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନିଷ୍ପତ୍ତିର ପୁନର୍ବିଚାର ପାଇଁ ବାଲେଶ୍ୱର ସାଂସଦ, ନୀଳଗିରି ବିଧାୟକଙ୍କୁ ଦାବିପତ୍ର ପଠାଇଥିବା ବେଳେ ସୋମବାର ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ସରକାରୀ ନିୟମ ଅନୁଯାୟୀ ପରିବେଶ ସମ୍ବେଦନଶୀଳ ବା ଇକୋ ସେନ୍ସିଟିଭ ଜୋନର ପାଚେରିଠାରୁ ୧୦୦୦ ମିଟର ମଧ୍ୟରେ କୌଣସି ଖନନ କାର୍ଯ୍ୟ ହୋଇପାରିବ ନାହିଁ। ତେବେ ଉଦେଶ୍ୟମୂଳକ ଭାବେ ନୀଳଗିରିର ମିରିଗିଣିସ୍ଥିତ ଖାଣ୍ଡିଆ ହୁଡ଼ିକୁ ୨ଟି ପ୍ଲଟ ଏସ -୧ ଓ ଏସ -୨ରେ ଭାଗ କରାଯାଇ ଏସ-୨କୁ ହଜାରେ ମିଟର ମଧ୍ୟରେ ଦର୍ଶାଇ ଏସ-୧କୁ ୧୦୦୬ ମିଟର ଦୂରତାରେ ରଖାଯାଇଛି। ଏହା ସହ ଏସ-୧ ଠାରୁ ୧୪୦ ମିଟର ମଧ୍ୟରେ ଜନବସତି ରହିଥିବାର ଦର୍ଶାଯାଇଅଛି।




ଖଣ୍ଡିଆହୁଡ଼ି ଇକୋ ସେନସେଟିଭ ଜୋନରେ ଯାଉଥିବା ବେଳେ ସୁରକ୍ଷା ମଞ୍ଚପକ୍ଷରୁ ଏହାକୁ ଅବଗତ କରିବାସହ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ମାଇନିଂ କାର୍ଯ୍ୟ ପାଇଁ କୌଣସି ଜନ ଶୁଣାଣି ବା ଗ୍ରାମସଭା ଅଦ୍ୟାବଧି କରାଯାଇ ନାହିଁ। ଖଣି ଖନନହେଲେ ପ୍ରସ୍ତାବିତ ଅଞ୍ଚଳରେ ଭୂତଳ ଜଳ ସ୍ତର ହ୍ରାସ ପାଇବା ଯୋଗୁଁ ଭବିଷ୍ୟତରେ ପାନୀୟ ଜଳ ସଙ୍କଟ ଆଶଙ୍କା, ବ୍ଲାଷ୍ଟିଙ୍ଗ ହେଲେ ଖଣ୍ଡିଆହୁଡ଼ି ପାର୍ଶ୍ୱବର୍ତ୍ତୀ ୧୪ ପ୍ରମୁଖ ଗ୍ରାମମାନଙ୍କରେ ବସବାସ କରୁଥିବା ଲୋକଙ୍କ ବାସଗୃହର ସ୍ଥାୟିତ୍ୱ ପ୍ରତି ବିପଦ ବଢିବା ସହ ସ୍ଥାନୀୟ ଅଞ୍ଚଳବାସୀ, ଶ୍ୱାସ, କାଶ ଭଳି ମାରାତ୍ମକ ରୋଗରେ ଶିକାର ହେବେ ବୋଲି ଉପସ୍ଥିତ ନେତୃମଣ୍ଡଳୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ସ୍ଥାନୀୟ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ପରିବେଶ ମଞ୍ଜୁରୀର ପୁନର୍ବିଚାର କରି ମଞ୍ଜୁରୀ ବାତିଲ କରିବା ପାଇଁ ଖଣ୍ଡିଆ ହୁଡ଼ି ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଯଦି ପ୍ରଶାସନ ଆଗାମୀ ଦିନରେ ଲୋକଙ୍କ ସ୍ୱାର୍ଥକୁ ଉଚିତ ନ୍ୟାୟ ନ ଦିଅନ୍ତି ତେବେ ସର୍ବୋଚ୍ଚ ନ୍ୟାୟାଳୟରେ ଆଶ୍ରୟ ନିଆଯିବ ବୋଲି ସୁରକ୍ଷାମଞ୍ଚ ପକ୍ଷରୁ ସୁଚନା ମିଳିଛି।

ଅନୁଷ୍ଠିତ ଜନ ସମାବେଶରେ ସୁରକ୍ଷାମଞ୍ଚର ଉପଦେଷ୍ଟା ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିଲା ବେଳେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡ଼ି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହି, ରାଜ୍ୟ ବିଜେଡ଼ି ପ୍ରବକ୍ତା ଡଃ ଲେଖାଶ୍ରୀ ସାମନ୍ତ ସିଂହାର, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ଆବାହକ ପୂର୍ବତନ ନଗରପାଳ କ୍ଷେତ୍ରମୋହନ ସିଂ, ଲୋକନାଥ ଦଳେଇ, ରାମଚନ୍ଦ୍ର ଦାସ, ଶରତ ଦାସ, ସୁନିଲ କୁମାର ପ୍ରଧାନ, ରବିନ୍ଦ୍ର ସିଂ, ବୈଦ୍ୟନାଥ ସିଂ, ମାନସ ବେହେରା, ଅଭିରାମ ପାତ୍ର, ବିଷ୍ଣୁନାରାୟଣ ଜେନା, ଉଦୟଜ୍ୟୋତି ମହାନ୍ତି, ରାଜିବ ଦାସବାବୁ, ରାଧାଗୋବିନ୍ଦ ଖଟୁଆ ସମେତ ବହୁ ଅଞ୍ଚଳବାସୀ ଏହି ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ। ସୂଚନାଥାଉକି ପୂର୍ବରୁ ଏହି ପାହାଡ଼କୁ ବହୁ କମ୍ପାନୀ ନିଲାମ ନେଇ ଅସୁରକ୍ଷିତ ଅବସ୍ଥାରେ ଛାଡ଼ିଦେଇଛନ୍ତି। ଯାହା ଫଳରେ ଉକ୍ତ ସ୍ଥାନଟି ଏବେ ଜନସାଧାରଣ ଓ ଜଙ୍ଗଲୀ ଜନ୍ତୁଙ୍କ ପାଇଁ ମରଣଯନ୍ତା ପାଲଟିଛି।

### ନୟାଗଡ଼ ବିକାଶ ମେଳା ଉଦ୍ଯାପିତ

# ପାଣିରେ ପଡ଼ିଲା ଲକ୍ଷାଧିକ ଟଙ୍କା

**ନୟାଗଡ଼, ୨୩।୯ (ସଂଚାର ବ୍ୟୁରୋ):** ପ୍ରହସନ ପାଲଟିଲା ନୟାଗଡ଼ ଜିଲ୍ଲାର ବିକାଶ ମେଳ । ତିନିଦିନ ଧରି ଅନୁଷ୍ଠିତ ହେଉଥିବା ବିକାଶ ମେଳା ବିନାଶ ମେଳା ପାଲଟିଥିବା ଦେଖାଯାଇଛି । ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଆୟୋଜିତ କାର୍ଯ୍ୟକ୍ରମ ସରକାରଙ୍କ ଶହେ ଦିନର ସଫଳତା ବଖାଣିବା ବଦଳରେ ବିଫଳତାକୁ ପ୍ରତିପାଦିତ କରିଛି । ନୟାଗଡ଼ ଷ୍ଟାଡିୟମଠାରେ ଆଜି ସଂନ୍ଧ୍ୟାରେ ବିକାଶ ମେଳା ଉଦଯାପନ ହୋଇଥିବା ସୂଚନା ମିଳିଛି । ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ହାତ ଗଣତି ଲୋକ ଷ୍ଟେଜ ପାଖରେ ରହିଥିବା ବେଳେ ଓରମାସ ଦ୍ୱାରା ଖୋଲା ଯାଇଥିବା ୨୫ଟି ଷ୍ଟଲରେ ୩ ଦିନରେ ମାତ୍ର ୧ ଲକ୍ଷ ୨୦ ହଜାର ଟଙ୍କା ବ୍ୟବସାୟ ହୋଇଛି।



ଫଳରେ ଷ୍ଟଲ ଲଗାଇଥିବା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖିବାକୁ ମିଳିଛି । ବିକାଶ ମେଳାକୁ ଆସି ହଜାର ହଜାର ଟଙ୍କା କ୍ଷତି ସହିଥିବା ଜୈନିକ ବ୍ୟବସାୟୀ କହିଛନ୍ତି । ଉଦଘାଟନ କାର୍ଯ୍ୟକ୍ରମ ପାଇଁ ଗାଁ ଗହଳୀରୁ ମହିଳା, ଅଙ୍ଗନବାଡ଼ି କର୍ମୀ ଏବଂ ସିଆରପି, ଏମବିକେଙ୍କୁ ଠୁଳ କରାଯାଇଥିବା ବେଳେ ଅନ୍ୟ ଦୁଇ ଦିନ ଖାଁ ଖାଁରେ ବିକାଶ ମେଳ ଶେଷ ହୋଇଛି। ସରକାର ବିକାଶ ମେଳା ନାଁରେ ଯେଉଁ ପ୍ରହସନ କରିଛନ୍ତି, ତାହାକୁ ନେଇ ରାଜନୈତିକ ମହଲରେ ଆଲୋଚନା ଜୋର ଧରିଥିବା ବେଳେ ସରକାରୀ ଅର୍ଥରେ କେବଳ ଦଳୀୟ ଆତ୍ମସ୍ୱାର୍ଥ ସାଧିତ ହେଲା ବୋଲି ଆଲୋଚନା ହେଉଛି ।

## ଯକ୍ଷ୍ମା ଟୀକାକରଣକୁ ଉଦ୍ଘାଟନ କଲେ ଜିଲ୍ଲାପାଳ

**ପଟ୍ଟାମୁଣ୍ଡାଇ, ୨୩।୯ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ପ୍ରାପ୍ତବୟସ୍କଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ ଅଭିଯାନକୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଉଦଘାଟନ କରିଛନ୍ତି । ଏହି ଉପଲକ୍ଷେ ସବଡିଭିଜନ ହସ୍ପିଟାଲ ମେଡିକାଲ ଅଫିସର ଡା ନିରାକାର ପରିଡାଙ୍କ ପୌରିହିତ୍ୟରେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ସିଡ଼ିଏମଓ ଡା ଅନିତା ପଟନାୟକ, ଏଏସଡ଼ିଏମଓ ଡା ସଚ୍ଚିଦାନନ୍ଦ ମିଶ୍ର, ଡା ନୃପେନ୍ଦ୍ର ଦାସ, ଜିଲ୍ଲା ପରିଚାଳିକା ଗୀତାଞ୍ଜଳି ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଏଇ ଅବସରରେ ୩୦ ଜଣଙ୍କୁ ଟୀକା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପି ଏ ଇ ଓ ସ୍ନେହଲତା ମହାନ୍ତି, ବି ପି ଏମ ପ୍ରଶାନ୍ତ ଦାସ,ଚିତ୍ତ ରଞ୍ଜନ ଚାନ୍ଦ, ନୃସିଂହ ଦାସ ଓ ସଞ୍ଜୟ ଦାସ ପ୍ରମୁଖ ପରିଚାଳନା କରିଥିବା ବେଳେ ଶୁଭଲକ୍ଷ୍ମୀ ପଣ୍ଡା, ମଧୁଛନ୍ଦା ମହାପାତ୍ର, ପ୍ରିୟଦର୍ଶିନୀ ଦୀପ୍ତିମୟୀ ସାହୁ, ସାବିତ୍ରୀ ମହାନ୍ତି ଓ ସ୍ୱାଗତିକା ଲେଙ୍କା ପରିଚାଳନାରେ ସହଯୋଗ କରିଥିଲେ ।

ଜୀବନ ଅମୃତ ଅନୁଚିନ୍ତା

ଦୀପର ମହାନତା-ଦୀପ ତ୍ୟାଗର ପ୍ରତୀକ। ନିଜେ ଜଳି ଅନ୍ୟଙ୍କୁ ଆଲୋକ ବାଣ୍ଟେ, ତେଣୁ ସେହି ଜୀବନ ମହାନ ଯିଏ ଦୀପର ଆଦର୍ଶରେ ଅନୁପ୍ରାଣିତ।

SANCHAR
ସଂଚାର

୪ ମଙ୍ଗଳବାର ୨୪ ସେପ୍ଟେମ୍ବର ୨୦୨୪, ଭୁବନେଶ୍ୱର
Tuesday 24 September 2024 Bhubaneswar

# ଖାଉଟୀଙ୍କ ସ୍ୱାର୍ଥ ସର୍ବାଗ୍ରେ

ଦେଶରେ ପ୍ରତିବର୍ଷ କୃଷି ଉତ୍ପାଦନ ବଢ଼ୁଛି। ଅଧିକାଂଶ ଖାଦ୍ୟ ଉତ୍ପାଦନରେ ଭାରତ ସ୍ୱାବଲମ୍ବୀ ହୋଇପାରିଛି। ନିଜର ଚାହିଦାକୁ ମେଣ୍ଟାଇ ଆମେ ବିଦେଶକୁ ପ୍ରଚୁର ଖାଦ୍ୟ ସାମଗ୍ରୀ ରପ୍ତାନୀ କରୁଛୁ ଏବଂ ଏହା ମାଧ୍ୟମରେ ବୈଦେଶିକ ବିନିମୟ ମୁଦ୍ରା ଅର୍ଜନ କରି ଏଥିରେ ବିଦେଶରୁ ଅନ୍ୟ ସାମଗ୍ରୀ ଆମଦାନୀ କରିପାରୁଛୁ। ଗୋଟିଏ ବାକ୍ୟରେ କହିଲେ ଭାରତର ଅର୍ଥନୀତି ଅନେକାଂଶରେ କୃଷି ବିକାଶ ଉପରେ ନିର୍ଭରକରୁଛି। ଏହା ହିଁ ଆମ ଆର୍ôଥକ, ସାମାଜିକ ଏବଂ ରାଜନୈତିକ ବ୍ୟବସ୍ଥାର ମେରୁଦଣ୍ଡ। ଏଥିପାଇଁ କରୋନା ମହାମାରୀ ସତ୍ତ୍ୱେ ଭାରତର ଆର୍ôଥକ ସ୍ଥିତି ଦୋହଲିଯାଇନି କିମ୍ବା ଲୋକେ ଖାଇବାକୁ ନପାଇ ଭୋକରେ ଛଟପଟ ହୋଇନାହାଁନ୍ତି। ଦୁଇ ବର୍ଷ ହେଲା କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ମାଗଣାରେ ୮୦ କୋଟି ଲୋକଙ୍କୁ ରାସନ ଦେଉଛନ୍ତି। ପୃଥିବୀର ଅନ୍ୟ କୌଣସି ଦେଶରେ ଏଭଳି ଯୋଜନା ଦେଖିବାକୁ ମିଳିବନି। ଏଥିପାଇଁ ଆଇଏମଏଫ ଭାରତକୁ ପ୍ରଶଂସା କରିଛି ଏବଂ ମହାମାରୀ ସତ୍ତ୍ୱେ ଦେଶର ଅତି ଉତ୍କଟ ଦାରିଦ୍ର୍ୟ ହାର ବଢ଼ି ନାହିଁ ବୋଲି କହିଛି। ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନା ଯୋଗୁଁ ଏହା ସମ୍ଭବ ହୋଇପାରିଛି। ୟୁକ୍ରେନ-ଋଷିଆ ଯୁଦ୍ଧ ପରେ ଭାରତରୁ ଚାଉଳ ଓ ଗହମ ରପ୍ତାନୀ ବୃଦ୍ଧି ପାଇଛି। ଯେଉଁମାନେ ୟୁକ୍ରେନରୁ ଗହମ କିଣୁଥିଲେ ସେମାନେ ଏବେ ଭାରତରୁ ଗହମ ନେବାକୁ ଆଗଭର ହେଉଛନ୍ତି। ଇଜିପ୍ଟ ଭାରତକୁ ଗହମ ଯୋଗାଣକାରୀ ରାଷ୍ଟ୍ରର ମାନ୍ୟତା ପ୍ରଦାନ କରିଛି। ତେବେ କେବଳ ଚାଉଳ ବା ଗହମ ଉତ୍ପାଦନରେ ସ୍ୱାବଲମ୍ବୀ ହେଲେ ହେବ ନାହିଁ, ଅନ୍ୟ ବହୁ ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ଆମକୁ ସ୍ୱାବଲମ୍ବୀ ହେବାକୁ ପଡ଼ିବ। ୟୁକ୍ରେନ ଉପରେ ଋଷିଆର ଆକ୍ରମଣ ପରେ ସେଠାରୁ ସୂର୍ଯ୍ୟମୁଖୀ ତେଲ ଆମଦାନୀ ବନ୍ଦ ହୋଇଯାଇଛି। ତେଣୁ ଭାରତରେ ଖାଇବା ତେଲ ଦର ବୃଦ୍ଧି ପାଇଛି। କେବଳ ଭାରତ ନୁହେଁ, ଅନ୍ୟ ଦେଶରେ ମଧ୍ୟ ସମାନ ପରିସ୍ଥିତି। ଭାରତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛି। ତେବେ ଭାରତରେ ଯଦିଓ ଖାଦ୍ୟ ସାମଗ୍ରୀର ଅଭାବ ନାହିଁ କିନ୍ତୁ ଦରବୃଦ୍ଧି ଅସହ୍ୟ ହେଲାଣି। ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଏବଂ ଦରବୃଦ୍ଧିକୁ ରୋକିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ଏହାକୁ ସରକାର ଅଣଦେଖା କରିପାରିବେ ନାହିଁ। ନିକଟରେ ଭାରତ ସରକାର ଦେଶର କୃଷକ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖାଇବା ତେଲ ଆମଦାନୀ ଉପରେ ଟିକସ ବୃଦ୍ଧି କରିଛନ୍ତି। ଉଦ୍ଦେଶ୍ୟ ହେଲା ବିଦେଶରୁ ଆମଦାନୀ କମିବ ଏବଂ ଭାରତର ତୈଳବୀଜ ଚାଷୀମାନେ ଉପକୃତ ହେବେ। କିନ୍ତୁ ସରକାର ଆମଦାନୀ ଟିକସ ବୃଦ୍ଧି କରିବା ଫଳରେ ଖାଇବା ତେଲ ଦର ବୃଦ୍ଧି ପାଇଛି। ଅର୍ଥାତ ସରକାର ଖାଉଟୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଲେନି। ଯେଉଁମାନେ ଚାଷୀ ସେମାନେ ମଧ୍ୟ ଖାଉଟୀ। ସେମାନେ ଉତ୍ପାଦିତ ଫସଲର ଭଲ ମୂଲ୍ୟ ପାଇବେ, କିନ୍ତୁ ଦରବୃଦ୍ଧିରେ ହନ୍ତସନ୍ତ ହେବେ। ଶହେ ଟଙ୍କା ଅଧିକ ଆୟ ହେଲେ ଦରବୃଦ୍ଧି ଯୋଗୁଁ ସେମାନେ ଅଧିକ ଦେଢ଼ ଶହ ଟଙ୍କା ଖର୍ଚ୍ଚ କରିବେ। ତେଣୁ ସରକାର କୃଷକଙ୍କ ସ୍ୱାର୍ଥ ରକ୍ଷା ସହିତ ସାଧାରଣ ଖାଉଟୀଙ୍କ ସ୍ୱାର୍ଥ ପ୍ରତି ମଧ୍ୟ ଦୃଷ୍ଟି ଦେବା ଉଚିତ। ଚାଷୀଙ୍କ ସ୍ୱାର୍ଥ ରକ୍ଷା ଜରୁରୀ। କିନ୍ତୁ ଖାଉଟୀଙ୍କ ସ୍ୱାର୍ଥକୁ ବଳି ଦେଇ ଚାଷୀଙ୍କ ସ୍ୱାର୍ଥ ରକ୍ଷା ଏକ ଅନୁଚିତ ପଦକ୍ଷେପ। ଦ୍ୱିତୀୟ ମହାଯୁଦ୍ଧ ସମୟରେ ସାରା ବିଶ୍ୱରେ ଉତ୍କଟ ଖାଦ୍ୟ ସଙ୍କଟ ଦେଖାଦେଇଥିଲା। ୧୯୩୯ରୁ ୧୯୪୫ ପର୍ଯ୍ୟନ୍ତ ଦୀର୍ଘ ୬ ବର୍ଷ ଧରି ଚାଲିଥିବା ଏହି ମହାଯୁଦ୍ଧରେ ବିଶ୍ୱର ଅଧିକାଂଶ ଦେଶ ସାମିଲ ହୋଇଥିଲେ ଏବଂ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ଜର୍ମାନୀର ତତ୍କାଳିନ ଏକଛତ୍ରବାଦୀ ଶାସକ ଆଡଲଫ ହିଟଲରଙ୍କ ଅହଂକାର, କ୍ଷମତା ଲିପ୍ସା ଏବଂ ଯୁଦ୍ଧଖୋର ଆଭିମୁଖ୍ୟ ଯୋଗୁଁ ସାରା ବିଶ୍ୱ ପ୍ରଭାବିତ ହେଲା। ଜର୍ମାନୀ ସହିତ ଇଟାଲୀ, ଜାପାନ ମଧ୍ୟ ହାତ ମିଳାଇଥିଲେ। ପରବର୍ତ୍ତୀ ସମୟରେ ଆମେରିକା ଓ ଋଷ ଏକାଠି ହେବା ଫଳରେ ଜର୍ମାନୀ ପରାଜିତ ହେଲା ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବସାନ ହେଲା। ବିଶ୍ୱ ଇତିହାସର ଏହା ଥିଲା ସବୁଠାରୁ କାଳିମାମୟ ଅଧ୍ୟାୟ। ଏହା ପରେ ବିଶ୍ୱବାସୀ ଯୁଦ୍ଧର କୁପ୍ରଭାବ ଅଙ୍ଗେ ନିଭେଇଲେ। ଏଥିପାଇଁ ଜାତିସଂଘ ଗଠିତ ହେଲା। ଆଉ ଥରେ ଯେପରି ବିଶ୍ୱଯୁଦ୍ଧ ନହୁଏ ଏବଂ ନିରୀହ ଲୋକେ ଅତ୍ୟାଚାରିତ ନହୁଅନ୍ତି ସେଥିପାଇଁ ସବୁ ଶାନ୍ତିକାମୀ ଦେଶ ଏକାଠି ହେଲେ। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଏଭଳି ତିକ୍ତ ଅନୁଭୂତି ସତ୍ତ୍ୱେ ଏବେ ବି ବିଶ୍ୱରୁ ଯୁଦ୍ଧ ଭୟ ଯାଇନାହିଁ କିମ୍ବା ଲୋକେ ଶାନ୍ତିରେ ବଞ୍ଚିପାରୁନାହାଁନ୍ତି। ଏବେ ବି ହିଟଲରଙ୍କ ଭଳି ଅନେକ ଏକଛତ୍ରବାଦୀ ଶାସକ ରହିଛନ୍ତି ଯେଉଁମାନେ ଅନ୍ୟ ଦେଶକୁ ପଦଦଳିତ ରଖିବାକୁ ଚାହୁଁଛନ୍ତି ଏବଂ ନିଜର କ୍ଷମତା ସବୁ ବେଳେ ଅକ୍ଷୁର୍ଣ୍ଣ ରହିବ ବୋଲି ଭାବୁଛନ୍ତି। ଏଥିପାଇଁ ସବୁ ବେଳେ ବିଶ୍ୱର କେଉଁଠି ନା କେଉଁଠି ଯୁଦ୍ଧ ଲାଗି ରହୁଛି, ତାହା ସମ୍ମୁଖ ଯୁଦ୍ଧ ହେଉ ଅଥବା ଶୀତଳ ଯୁଦ୍ଧ ହେଉ। ଆତଙ୍କବାଦୀ ମାନେ ମଧ୍ୟ ଏଭଳି ପରିସ୍ଥିତି ସୃଷ୍ଟି କରୁଛନ୍ତି। ଦୁଇ ବର୍ଷ ତଳେ ୟୁକ୍ରେନ ଉପରେ ଋଷିଆ ଆକ୍ରମଣ କରିଥିଲା। ଏହି ଯୁଦ୍ଧ ଏବେ ବି ଜାରି ରହିଛି ଏବଂ ଉଭୟ ପକ୍ଷରୁ ଲକ୍ଷେ ଲୋକ ପ୍ରାଣ ହରାଇଲେଣି। ବିପୁଳ ସମ୍ପତ୍ତି ନଷ୍ଟ ହୋଇଛି। ଶାନ୍ତି ଆଲୋଚନା ସମ୍ଭବ ହୋଇପାରୁନାହିଁ। ଏହି ଯୁଦ୍ଧ ତୃତୀୟ ବିଶ୍ୱଯୁଦ୍ଧରେ ରୂପାନ୍ତରିତ ହେବ ବୋଲି ମଧ୍ୟ ଅନେକ ଆଶଙ୍କା ପ୍ରକାଶ କରୁଛନ୍ତି। ଏହି ଯୁଦ୍ଧ ସାରା ବିଶ୍ୱକୁ ରାଜନୈତିକ ଏବଂ ଅର୍ଥନୈତିକ ଦୃଷ୍ଟିରୁ ଗଭୀର ଭାବେ ପ୍ରଭାବିତ କରିଛି ଏବଂ ଏହାକୁ ନେଇ ବିଶ୍ୱ ଏବେ ଦୁଇଭାଗରେ ବିଭକ୍ତ ହୋଇଛି। ଗୋଟିଏ ପଟେ ଋଷିଆ ଓ ଏହାର ସମର୍ଥକ ଏବଂ ଅନ୍ୟ ପଟେ ଆମେରିକା ନେତୃତ୍ୱରେ ନାଟୋ ଓ ଏହାର ସମର୍ଥକ ଦେଶ। ଏହି ଯୁଦ୍ଧ ଆରମ୍ଭ ହେବା ପରେ ବିଶ୍ୱରେ ଅଭିବୃଦ୍ଧି ହାର ଧିମେଇ ଯାଇଛି। ସବୁ ଦେଶରେ ସମାନ ପରିସ୍ଥିତି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଅଧିକାଂଶ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ସୁଧହାର ବୃଦ୍ଧି କରିଛନ୍ତି। ଚଳିତ ବର୍ଷ ଆରବିଆଇ ପକ୍ଷରୁ ଭାରତର ଜିଡିପି ୭.୨ ପ୍ରତିଶତ ରହିବ ବୋଲି ଯେଉଁ ଆକଳନ କରାଯାଇଛି ତାହା ବାସ୍ତବତାରେ ପରିଣତ ହୋଇନପାରେ। ସବୁଠାରୁ ଉଦବେଗର ବିଷୟ ହେଲା ୟୁକ୍ରେନ ଯୁଦ୍ଧ ଲାଗିବା ପରେ ଭାରତ ସମେତ ସାରା ବିଶ୍ୱରେ ଉତ୍କଟ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଛି। ଏବେ ଋଷିଆ-ୟୁକ୍ରେନ ଯୁଦ୍ଧକୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ବଳିଗଲାଣି। ଗତ ବର୍ଷ ଅକ୍ଟୋବରରେ ହମାସ ପକ୍ଷରୁ ଇସ୍ରାଏଲ ଉପରେ ବର୍ବର ଆକ୍ରମଣ କରାଯାଇଥିଲା। ଏହାର ଜବାବରେ ଇସ୍ରାଏଲ ଗାଜା ଉପରେ ଆକ୍ରମଣ କରିଥିଲା। ଏହି ଯୁଦ୍ଧ ଏବେ ସୁଦ୍ଧା ଲାଗି ରହିଛି। ଯୁଦ୍ଧରେ ବିରାମ ଲାଗିବା ଦୂରର କଥା ବରଂ ଏହା ଦିନକୁ ଦିନ ସମ୍ପ୍ରସାରିତ ହେବାରେ ଲାଗିଛି। ଲେବାନନରେ ଇସ୍ରାଏଲ ହିଜବୁଲ୍ଲା ସଙ୍ଗଠନ ବିରୋଧରେ ପ୍ରଚଣ୍ଡ ଆକ୍ରମଣ କରିଛି। ଇରାନ ମଧ୍ୟ ଏଥିରେ ସାମିଲ ହୋଇଛି ଏବଂ ଇସ୍ରାଏଲ ବିରୋଧରେ ଯୁଦ୍ଧ ଆହ୍ୱାନ ଦେଇଛି। କିନ୍ତୁ ଏମାନଙ୍କ ମିଳିତ ମୁକାବିଲା ନିମନ୍ତେ ଏକା ଇସ୍ରାଏଲ ସକ୍ଷମ। କରୋନା ମହାମାରୀ ବେଳେ ଲୋକେ ଯେତିକି ଅସୁବିଧାର ସମ୍ମୁଖୀନ ହୋଇନଥିଲେ ଏବେ ତାଠାରୁ ୪ଗୁଣ ଅଧିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଲୋକଙ୍କ କ୍ରୟ ଶକ୍ତି ହ୍ରାସ ପାଇଥିବା ବେଳେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ଲୋକଙ୍କ ସ୍ଥିତି ଆହୁରି ଶୋଚନୀୟ ହୋଇପଡ଼ିଛି। କେବଳ ଯୁଦ୍ଧ ଯୋଗୁଁ ନୁହେଁ, ଅଦିନିଆ ବର୍ଷା ବା ଅସ୍ୱାଭାବିକ ପାଣିପାଗ ଯୋଗୁଁ ମଧ୍ୟ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ଆମେ ଆଗୁଆ ପ୍ରସ୍ତୁତ ହୋଇନଥିବାରୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

## ସମ୍ପାଦକଙ୍କୁ ପତ୍ର

### ସହରାଞ୍ଚଳରେ ଘରଭଡ଼ା ସମସ୍ୟା

*ମହାଶୟ,*

କେବଳ ଓଡ଼ିଶା ନୁହେଁ, ଦେଶର ସବୁ ସହରରେ ଘରଭଡ଼ା ଏକ ପ୍ରମୁଖ ସମସ୍ୟା। ସ୍ୱଳ୍ପ ଆୟକାରୀ ମଧ୍ୟବିତ୍ତ ଏବଂ ନିମ୍ନମଧ୍ୟବିତ୍ତ ବର୍ଗ ସହରରେ ମୁଣ୍ଡ ଗେଞ୍ଜିବାକୁ ନିଜ ଆୟର ଏକ ବଡ଼ ଅଂଶ ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛନ୍ତି। ଆଉ ଅନେକ ଲୋକଙ୍କ ପାଇଁ ଏହା ଏକ ମୁଖ୍ୟ ଆୟର ଉତ୍ସ। ରାଜଧନୀ ଭୁବନେଶ୍ୱରରେ ଘର ଭଡ଼ା ଏକ ବଡ଼ ସମସ୍ୟା। ପ୍ରତିଦିନ ସହରର ଜନସଂଖ୍ୟା ବଢ଼ୁଛି। ବହୁ ଲୋକ ସରକାରୀ ବା ବେସରକାରୀ ଚାକିରୀ କରିବାକୁ ଏବଂ ବ୍ୟବସାୟ କରିବାକୁ ରାଜଧାନୀକୁ ଆସୁଛନ୍ତି। ସେମାନଙ୍କ ପ୍ରଥମ କାମ ହେଲା ଘର ଖୋଜିବା। ତା ଛଡ଼ା ରାଜଧାନୀରେ ଗତ ୨୦ ବର୍ଷ ଭିତରେ ଅନେକ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ଖୋଲିଛି। ସେଠାରେ ପଢ଼ୁଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଭଡ଼ା ଘରେ ରହୁଛନ୍ତି। ସେମାନଙ୍କୁ ଏ ବାବଦରେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ସରକାରୀ ଚାକିରୀଆଙ୍କ ପାଇଁ ମଧ୍ୟ ପର୍ଯ୍ୟାପ୍ତ କ୍ୱାର୍ଟର ନାହିଁ। ଯଦି ସରକାର ପୁରୁଣା କ୍ୱାର୍ଟରକୁ ଭାଙ୍ଗି ବହୁତଳ ବିଶିଷ୍ଟ ଘର ତିଆରି କରି ସବୁ ବର୍ଗର ଲୋକଙ୍କୁ ସୁଲଭ ମୂଲ୍ୟରେ ଭଡ଼ା ଦିଅନ୍ତେ ତେବେ ଗର ଭଡ଼ା ସମସ୍ୟା ଅନେକାଂଶର ଦୂର ହୋଇପାରନ୍ତା। ଏ ବାବଦ ଖର୍ଚ୍ଚ ମଧ୍ୟ ୫ ବର୍ଷ ଭିତରେ ଅସୁଲ ହୋଇପାରିବ।

କାଦମ୍ବିନୀ ମହାପାତ୍ର
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର

# ନୀତି, ନୈତିକତା ଓ ରାଜଧର୍ମ



ଆଶୁତୋଷ ନାୟକ

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତା ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି। ଜନତାଙ୍କ ଆଶୀର୍ବାଦ ବିନା କୌଣସି ରାଜନୈତିକ ବ୍ୟକ୍ତି କିମ୍ବା ଦଳ କ୍ଷମତା ହାସଲ କରିବା ଅସମ୍ଭବ। ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜରେ ବଞ୍ଚିବା ଅସମ୍ଭବ। ଆମ ଦେଶର ଗରିବ ଏବଂ ମଧ୍ୟବିତ୍ତ ଏହି ୩ଟି ମୌଳିକ ଚାହିଦା ପୂରଣ କରିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି। ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ।ଆମ ଦେଶର ସୁବିଧାବାଦୀ, ସ୍ୱାର୍ଥପର ରାଜନେତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର।ସେମାନେ ସମସ୍ତ ନୀତି, ନିୟମ, ନୈତିକତା, ଆଦର୍ଶତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ପାଇଁ ସଦାସର୍ବଦା ଚେଷ୍ଟିତ।

ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସପୂର୍ଣ ଅଛି। ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ୍ୟ ଏବେବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି।

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ବିଭିନ୍ନ ବଡ ଅନୁଷ୍ଠାନ, ସଂସ୍ଥା ଦ୍ୱାରା ଆମ ସରକାର ପ୍ରଶଂସା, ପୁରସ୍କାର ଗୋଟାଉଛନ୍ତି କିନ୍ତୁ ଏବେବି ଅନେକ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି ଯୋଜନାର ଲାଭ କିମ୍ବା ସୁବିଧା ଅପହଞ୍ଚ। ବିଭିନ୍ନ ଜାତୀୟ ଆଗ ଧାଡିର ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏବେବି ଆମ ଦେଶରେ ଅନେକ ଅସହାୟ ବ୍ୟକ୍ତି କ୍ଷୁଦାର ଜ୍ୱାଳା ସହ୍ୟ କରି ନପାରି ଅର୍ଥ ଅଭାବରୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ବାଧ୍ୟ ହେଉଛନ୍ତି। ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଲଜ୍ୟାଜନକ ଘଟଣା।

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଏବେବି ଅନେକ ଗରିବ ଓ ମଧ୍ୟବିତ୍ତ ପରିବାର ନିଜର ମୌଳିକ ଅଧିକାର ଖାଦ୍ୟ, ବସ୍ତ୍ର, ବାସଗୃହରୁ ବଞ୍ଚିତ। ଆମ ରାଜ୍ୟ ଓଡିଶାରେ ୨୪ବର୍ଷ ଧରି ବିଜୁଜନତା ଦଳ ଶାସନ କ୍ଷମତାରେ ଥିଲା। ତଥାପି ରାଜ୍ୟର ୧୧ଟି ବୁଥରେ ପ୍ରାୟ ୧୦ହଜାର ଲୋକ ଭୋଟ ବର୍ଜନ କରିବା ଘଟଣା ଦୁର୍ଭାଗ୍ୟଜନକ କହିଲେ ଅତ୍ୟୁକ୍ତି ହେବନାହିଁ।ଏତିକି ସଂଖ୍ୟକ ଲୋକ କେବଳ ଭୋଟ ବର୍ଜନ କରିଛନ୍ତି ବୋଲି ସମସ୍ୟା କେବଳ ଏସବୁ ଅଞ୍ଚଳରେ ରହିଛି ଏହା କହିବା ନିଶ୍ଚିତ ଭାବେ ଅନ୍ୟାୟ ହେବ। ଏବେବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ମଧ୍ୟବିତ୍ତ ଲୋକଙ୍କ ପାଇଁ ନିଜର ମୌଳିକ ଅଧିକାର ପାଇବା ଦିବା ସ୍ୱପ୍ନ ସଦୃଶ।ନିଜର ପୁଞ୍ଜିଭୂତ ଅସନ୍ତୋଷକୁ ଜାହିର କରିବା ପାଇଁ ଏଇ ନିର୍ବାଚନରେ ସରକାର ପରିବର୍ତ୍ତନ ପାଇଁ ଭୋଟ ଦେଇଛନ୍ତି।ଆଉ କିଛି ଲୋକ ସ୍ଥିତି ଅସହ୍ୟ ହେବାରୁ ଶେଷ ଉପାୟ ଭାବେ ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ।

ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଖରେ ନୀତି, ନିୟମ, ନୈତିକତାର ଅଭାବ ପରିଲକ୍ଷିତ ହେଉଛି।ଧୀରେ ଧୀରେ ଆମ ଦେଶର ରାଜନୀତି କଳୁଷିତ ହେବାକୁ ଲାଗିଛି ଏହା ଅପ୍ରିୟ ସତ୍ୟ।

ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ଆଦର୍ଶ ରାଜନେତା ଲାଲବାହାଦୁର ଶାସ୍ତ୍ରୀ ରେଳମନ୍ତ୍ରୀ ଥିବା ସମୟରେ ଏକ ବଡ଼ ରେଳ ଦୁର୍ଘଟଣା ହୋଇଥିଲା। ଏଥିରେ ୨୦୦ରୁ ଅଧିକ ନିରୀହ ଯାତ୍ରୀଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା ଏବଂ ଅନେକ ଏଥିରେ ଆହତ ହୋଇଥିଲେ।

ଏହାପରେ ନୈତିକତା ଦୃଷ୍ଟିରୁ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ। ସେହିପରି ମହାନ ରାଷ୍ଟ୍ରବାଦୀ, ସାହିତ୍ୟପ୍ରେମୀ, ଆଦର୍ଶ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଲୋକସଭାରେ ମାତ୍ର ୧ଖଣ୍ଡ ଭୋଟ ପାଇଁ ସଂଖ୍ୟାଗରିଷ୍ଟତାର ପ୍ରମାଣ ଦେବାରେ ବିଫଳ ହୋଇଥିଲେ ଏବଂ ତାଙ୍କ ସରକାର ଭାଙ୍ଗିଯାଇଥିଲା।ରାଜନୀତିରେ ଘୋଡାବେପାରକୁ ସେ ନାପସନ୍ଦ କରୁଥିଲେ।କ୍ଷମତା ଲାଳସା ତାଙ୍କୁ ସ୍ପର୍ଶ କରିପାରିନଥିଲା। ତାଙ୍କ ପାଇଁ ନିଜ ଦଳୀୟ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା।ସେଥିପାଇଁ ଡ଼ିସେମ୍ବର୨୫ ତାରିଖକୁ ଆମ ଦେଶରେ ସୁଶାସନ ଦିବସ ଭାବେ ପାଳନ କରାଯାଉଛି।

କିଛି ସୁବିଧାବାଦୀ, ସ୍ୱାର୍ଥବାଦୀ, କ୍ଷମତାଲୋଭୀ ରାଜନେତା ନିର୍ବାଚନ ପାଣିପାଗକୁ ଲକ୍ଷ୍ୟ କରି ଦଳ ପରିବର୍ତ୍ତନ କରୁଛନ୍ତି। ଏହିପରି ଅନେକ ଉଦାହରଣ ରହିଛି।ବର୍ତ୍ତମାନ ଏହିଭଳି ଘଟଣା ବାରମ୍ବାର ଘଟୁଛି।ଏହାର ଶ୍ରେଷ୍ଠ ଜ୍ୱଳନ୍ତ ଉଦାହରଣ ବିହାରର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନୀତିଶ କୁମାର। ଦଳ ପରିବର୍ତ୍ତନ କରିବାରେ ସେ ବିଶ୍ୱରେକର୍ଡ ବନାଇଛନ୍ତି। ସେଥିପାଇଁ ରାଜନୀତିରେ ତାଙ୍କୁ 'ପଲଟୁ ରାମ 'ର ଆଖ୍ୟା ଦିଆଯାଇଛି।

ସଦ୍ୟ ସମାପିତ ଲୋକସଭା ନିର୍ବାଚନରେ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ରାଜନୈତିକ ଦଳ ମାନେ ବିପୁଳ ଟଙ୍କା, ସୁନା ଅଳଙ୍କାର ଓ ବିଭିନ୍ନ ଲୋଭନୀୟ ସାମଗ୍ରୀ ବାଣ୍ଟିଥିଲେ। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ୧୦୦୦୦କୋଟିରୁ ଅଧିକ ନଗଦ ଟଙ୍କା, ୧୨୬୦କୋଟିରୁ ଅଧିକ ସୁନା ଅଳଙ୍କାର ଏବଂ ବିଭିନ୍ନ ଲୋଭନୀୟ ସାମଗ୍ରୀ ଦେଶର ବିଭିନ୍ନ ସ୍ଥାନରୁ ଜବତ କରାଯାଇଥିଲା। ଏହା ନିଶ୍ଚିତ ଭାବେ ଭାରତୀୟ ନିର୍ବାଚନ ଇତିହାସ ପାଇଁ ଏହା ଏକ କଳଙ୍କିତ ଅଧ୍ୟାୟ।

ସେହିପରି ଆମ ରାଜ୍ୟରେ ୨୪ବର୍ଷ ଧରି ଶାସନ କ୍ଷମତାରେ ଥିବା ଗୋଟିଏ ଆଞ୍ଚଳିକ ଦଳ ବିଜେଡ଼ି କ୍ଷମତାଚ୍ୟୁତ ହୋଇଛି। ନିଜର ଏକଛତ୍ରବାଦୀ ନୀତି, ଅହଂକାର ପାଇଁ ବିଜେଡ଼ି ଦୁର୍ଗର ପତନ ଘଟିଛି। ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀର ସ୍ୱପ୍ନ ଦେଖୁଥିବା ନବୀନ ପଟ୍ଟନାୟକଙ୍କ ସବୁ ସ୍ୱପ୍ନ ଧୂଳିସାତ ହୋଇଯାଇଛି। ଜନତା ପରିବର୍ତ୍ତନ ପାଇଁ ନିଜର ମତାମତ ସାବ୍ୟସ୍ତ କରିଛନ୍ତି ଏହା ଅପ୍ରିୟ ସତ୍ୟ।

ବର୍ତ୍ତମାନ ଉଭୟ ଆମ ରାଜ୍ୟ ଓ କେନ୍ଦ୍ରରେ ଦିଆଯାଇଥିବା ଜନାଦେଶକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଭାବରେ ପ୍ରତୀୟମାନ ହୁଏ ଯେ କେନ୍ଦ୍ରରେ ମୋଦି ସରକାରଙ୍କୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିନଥିବାରୁ ମିଳିତ ସହଯୋଗୀ ଦଳ ଏନଡ଼ିଏକୁ ନେଇ ସରକାର ଚଲାଇବାକୁ ପଡ଼ିବ। ନିର୍ବାଚନ ପ୍ରଚାର ସମୟରେ ବିଜେପିର ବଡ଼ ବଡ଼ ନେତା, ମନ୍ତ୍ରୀ, 'ଅବକି ବାର ୪୦୦ ପାର 'ର ଡିଣ୍ଡିମ ପିଟୁଥିଲେ।ହେଲେ ବିଜେପି ନେତାଙ୍କର ଅତୀବ ଆତ୍ମବିଶ୍ୱାସ, ବିରୋଧୀ ଦଳଙ୍କୁ ହେୟଜ୍ଞାନ ମନେକରିବା ଯୋଗୁଁ ବହୁସଂଘର୍ଷପରେ ୨୪୦ଆସନ ଜିତିବାକୁ ସକ୍ଷମ ହୋଇଥିଲେ।

ନିରପେକ୍ଷ ଭାବରେ କାର୍ଯ୍ୟ କରୁଥିବା ଆଗ ଧାଡ଼ିର ସର୍ବେକ୍ଷଣ ସଂସ୍ଥା ଏଡ଼ିଆର ଏବଂ ଇଲେକ୍ସନ ୱାଚର ରିପୋର୍ଟ ଅନୁସାରେ ସଦ୍ୟ ସମାପିତ ହୋଇଥିବା ଲୋକସଭା ନିର୍ବାଚନରେ ୮୩୬୦ଜଣ ପାର୍ଥୀ ନିର୍ବାଚନ ରଣାଙ୍ଗନରେ ନିଜର ଭାଗ୍ୟ ପରୀକ୍ଷା କରିଥିଲେ।



ସେଥିମଧ୍ୟରୁ ୧୩୩୩ଜଣ ପାର୍ଥୀ ଜାତୀୟ ଦଳରୁ, ୫୩୨ଜଣ କ୍ଷତ୍ରୀୟ ଦଳରୁ ଏବଂ ୩୯୧୫ଜଣ ପାର୍ଥୀ ସ୍ୱାଧୀନ ଭାବରେ ଲଢ଼ିଥିଲେ ଏବଂ ୨୫୮୦ଜଣ ପାର୍ଥୀ ଅଣତାଲିକାଭୁକ୍ତ ଦଳରୁ ନିର୍ବାଚନ ଲଢ଼ିଥିଲେ। ଜାତୀୟ ଦଳରୁ ନିର୍ବାଚନ ଲଢ଼ିଥିବା ୧୩୩୩ଜଣ ପାର୍ଥୀଙ୍କ ମଧ୍ୟରୁ ୪୪୩ଜଣ ପାର୍ଥୀ ନିଜ ନାମରେ ରହିଥିବା ଅପରାଧ ମାମଲାକୁ ସତ୍ୟପାଠରେ ଦର୍ଶାଇଛନ୍ତି।ସେଥିମଧ୍ୟରୁ ୧୬୯ଜଣ ପାର୍ଥୀଙ୍କ ନାମରେ ରହିଛି ହତ୍ୟା, ଧର୍ଷଣ, ଚୋରି, ଦଙ୍ଗା ଉସୁକାଇବା, ଡକାୟତି, ଦେଶଦ୍ରୋହ ପରି ଅତି ସଙ୍ଗୀନ ଅପରାଧିକ ମାମଲା।

ସ୍ୱାଧୀନ ଭାବରେ ଲଢୁଥିବା ୩୯୧୫ଜଣ ପାର୍ଥୀଙ୍କ ମଧ୍ୟରୁ ୫୫୦ଜଣଙ୍କ ନାମରେ ଅପରାଧିକ ମାମଲା ରହିଛି ସେଥିମଧ୍ୟରୁ ୪୧୧ଜଣ ପାର୍ଥୀଙ୍କ ନାମରେ ରହିଛି ସଙ୍ଗନୀ ଅପରାଧିକ ମାମଲା।

ଏକବିଂଶ ଶତାବ୍ଦୀର ରାଜନେତାଙ୍କୁ ଲକ୍ଷ୍ୟ କଲେ ଏହା ସଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ସବୁ ରାଜନୈତିକ ଦଳ ନିଜର ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରନ୍ତି। ନିର୍ବାଚନରେ ବିଜୟୀ ହେବା ପାଇଁ ସାଧାରଣ ଜନତାଙ୍କୁ ମିଥ୍ୟା ପ୍ରତିଶ୍ରୁତି, ଅବାସ୍ତବ ସ୍ୱପ୍ନ ଦେଖାଇଥାନ୍ତି।ସବୁ ନୀତି, ନିୟମ, ନୈତିକତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କଳ, ବଳ, କୌଶଳ ପ୍ରୟୋଗ କରି କ୍ଷମତା ହାତେଇବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ଥାଏ।

ଶାସନ କ୍ଷମତାରେ ରହିଥିବା ଶାସକଦଳ ଅଧିକ ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରିବାକୁ ସକ୍ଷମ ହୋଇଥାଏ। ବିରୋଧୀ ଦଳଙ୍କୁ ସେହିପରି ସୁଯୋଗ ମିଳିନଥାଏ। ଏହି ସତ୍ୟକୁ ସ୍ୱୀକାର କରିବାକୁ ପଡ଼ିବ। ଏକବିଂଶ ଶତାବ୍ଦୀର ରାଜନେତାଙ୍କ ରାଜନୈତିକ ଇତିହାସକୁ ଅବଲୋକନ କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ନିର୍ବାଚନରେ ବିଜୟ ଲାଭ କରିବା ପାଇଁ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଯେପରିକି ଆୟକର ବିଭାଗ, ଇଡ଼ି, ସିବିଆଇ, ଏନଆଇ, ଏହା ସହିତ ନିର୍ବାଚନ କମିଶନଙ୍କୁ ପ୍ରଭାବିତ କରିବା ପାଇଁ କ୍ଷମତାଧିନ ଶାସକଦଳ ଚେଷ୍ଟା କରେ। ଅନେକାଂଶରେ ଶାସକ ଦଳ ଏଥିରେ ସଫଳ ହୁଏ ଏବଂ ବିରୋଧୀମାନଙ୍କୁ ଭୟଭୀତ କରିବା ପାଇଁ ଏହାକୁ ଅମୋଘ ଅସ୍ତ୍ର ଭାବରେ ବ୍ୟବହାର କରେ।

ସଦ୍ୟ ସମାପିତ ଲୋକସଭା ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ କରାଇବା କାର୍ଯ୍ୟ ନିର୍ବାଚନ କମିଶନଙ୍କ ହାତରେ ନ୍ୟସ୍ତ ଥାଏ।ନିର୍ବାଚନ ପ୍ରଚାର ସମୟରେ ହିଂସା, ଘୃଣା, ଧର୍ମ ଆଧାରରେ ବିଭାଜିତ ବୟାନବାଜି ପାଇଁ ଅନେକ ଅଭିଯୋଗ ନିର୍ବାଚନ କମିଶନଙ୍କ ପାଖରେ ହୋଇଥିଲା। ଅଭିଯୋଗର ତ୍ୱରିତ ସମାଧାନ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ନିର୍ବାଚନ କମିଶନ ସେତେଟା ସଫଳ ହୋଇପାରିନଥିଲେ।ବିରୋଧୀ ଦଳର ନେତାଙ୍କ ବିରୁଦ୍ଧରେ ଯେପରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା କିନ୍ତୁ ଶାସକ ଦଳର ନେତାଙ୍କ ପ୍ରତି ନରମଭାବ ପୋଷଣ କରିବା ନିର୍ବାଚନ କମିଶନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଗତ ଦିନର ରାଜନୈତିକ ଇତିହାସକୁ ଅବଲୋକନ କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ଶାସକଦଳ ଦ୍ୱାରା ସିବିଆଇ, ଇଡ଼ି, ପୋଲିସ ବିଭାଗର ବ୍ୟାପକ ଦୂରପଯୋଗ ହୁଏ ନିଜର ରାଜନୈତିକ ବିରୋଧୀମାନଙ୍କ ସ୍ୱରକୁ ଦବାଇବା ପାଇଁ ଓ ସେମାନଙ୍କୁ ଭୟଭୀତ କରିବା ପାଇଁ ଏବଂ ଏହା ସହିତ ଭୋଟ ବ୍ୟାଙ୍କ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ। ଏହା ଆମ ଗଣତନ୍ତ୍ର ପାଇଁ ଭୟଙ୍କର।

ସେଥିପାଇଁ ମନମୋହନ ସିଂ ସରକାର ଶାସନ ସମୟରେ ୨୦୧୩ମସିହାରେ ବିଚାରପତି ଆରଏମ୍ ଲୋଧାଙ୍କ ଖଣ୍ଡପୀଠ କୋଇଲା ଆବଣ୍ଟନ ଦୁର୍ନୀତି ମାମଲାରେ ସିବିଆଇ ଉପରେ କ୍ଷୁବ୍ଧ ହୋଇଥିଲେ ଏବଂ ସିବିଆଇ କାର୍ଯ୍ୟଦକ୍ଷତାକୁ ଲକ୍ଷ୍ୟକରି 'ପୋଷା ଶୁଆ 'ବୋଲି ମତବ୍ୟକ୍ତ କରିଥିଲେ। ସେତେବେଳେ ବିଭିନ୍ନ ମହଲରେ ସିବିଆଇକୁ ସମାଲୋଚିତ ହେବାକୁ ପଡ଼ିଥିଲା। ସିବିଆଇ ଏବଂ ଇଡ଼ି ପରି ତଦନ୍ତକାରୀ ସଂସ୍ଥାର ନିରପେକ୍ଷତା ଉପରେ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛି ଦିନ ପୂର୍ବରୁ ନ୍ୟୁଜ କ୍ଲିକର ପ୍ରତିଷ୍ଠାତା ଓ ସମ୍ପାଦକ ପ୍ରବୀର ପୁରକାୟସ୍ଥଙ୍କୁ ୟୁଏପିଏ ମାମଲାରେ ଦିଲ୍ଲୀ ପୋଲିସର ଗିରଫଦାରୀକୁ ସୁପ୍ରିମକୋର୍ଟ ବେଆଇନ ବୋଲି ମତବ୍ୟକ୍ତ କରିଥିଲେ ଏବଂ ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।ଗିରଫ ଦାୟିତ୍ୱରେ ଥିବା ତଦନ୍ତକାରୀ ସଂସ୍ଥାର ଆଚରଣ ଉପରେ ମଧ୍ୟ୍ୟ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି।

ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଆମ ଦେଶରେ ଅପାତକାଳ ଘୋଷଣା କରାଯାଇଥିଲା। ଏହି ସମୟକୁ ଗଣତନ୍ତ୍ରର କଳାଦିବସ ଭାବେ ବିବେଚନା କରାଯାଏ। ସରକାରଙ୍କ ଏକଛତ୍ରବାଦୀ ନୀତିକୁ ସମାଲୋଚନା କରୁଥିବା ଅନେକ ସ୍ୱେଚ୍ଛାସେବୀ, ବିରୋଧୀ ଦଳ ନେତା, ସାମ୍ବାଦିକ ମାନଙ୍କୁ ବନ୍ଦୀ କରାଯାଇ କାରାଗାରରେ ରଖାଯାଇଥିଲା। ସେହି ସମୟରେ ୨୦୦ରୁ ଅଧିକ ସାମ୍ବାଦିକଙ୍କୁ କରାଗାରରେ ରଖାଯାଇଥିଲା। ଇଂରାଜୀ ଦୈନିକ ଖବରକାଗଜ ଇଣ୍ଡିଆନ ଏକ୍ସପ୍ରେସ ଇନ୍ଦିରାଗାନ୍ଧୀଙ୍କ ଏକଛତ୍ରବାଦୀ ନୀତି ଏବଂ ଅପାତକାଳକୁ ବିରୋଧ କରି ୧୯୭୫ମସିହା ଜୁନ୨୫ ତାରିଖରେ ତାର ସମ୍ପାଦକୀୟ ପୃଷ୍ଠାକୁ ଖାଲି ରଖିଥିଲା।ଏହିପରି ଅନେକ ଘଟଣାରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ସାଧାରଣ ଜନତାଙ୍କ ବିଦ୍ରୋହର ସ୍ୱର ପ୍ରଖର ହୋଇଥିଲା ଏବଂ ନିରୀହ ଜନସାଧାରଣଙ୍କ ମନରେ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହୋଇଥିଲା।

ସେଥିପାଇଁ ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ସତ୍ୟ ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି ଶୋଷଣକାରୀ ମାନେ ଯେବେ ସଂଗ୍ରାମୀକୁ ଲୋଭ ଦେଖାଇ କିଣିନପାରନ୍ତି, ସେତେବେଳେ ଯନ୍ତ୍ରଣା ଦେଇ ମୁହଁ ବନ୍ଦ କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ସତ୍ୟର ଏକ ଚମତ୍କାର ଶକ୍ତି ଅଛି ଏହାକୁ ହଇରାଣ କରାଯାଇପାରିବ କିନ୍ତୁ ପରାଜିତ ନୁହଁ।

ଗଣତନ୍ତ୍ରରେ ବିରୋଧୀ ଦଳ ଶକ୍ତିଶାଳୀ ହେବା ଶୁଭ ସଂକେତ। ଏହାଦ୍ୱାରା ଗଣତନ୍ତ୍ର ମଜବୁତ, ସଶକ୍ତ ହୁଏ। ଗୁରୁତ୍ୱପୂର୍ଣ୍ଣ ବିଲ୍ଲ ପାସ କରିବାକୁ ହେଲେ ଏନଡ଼ିଏର ସହଯୋଗୀ ଦଳ ମାନେ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ସେଥିପାଇଁ ଶାସକ ଦଳକୁ ବିନମ୍ର ହୋଇ ସମସ୍ତଙ୍କ ସହଯୋଗରେ ଭାରତକୁ ଏକ ବିକଶିତ ରାଷ୍ଟ୍ର ନିର୍ମାଣରେ ସମସ୍ତ ପ୍ରକାର ପ୍ରଚେଷ୍ଟା କରିବା ଆବଶ୍ୟକ। ମହାନ ଜନନାୟକ ଆଦର୍ଶ ରାଜନେତା ଲାଲବାହାଦୁର ଶାସ୍ତ୍ରୀ, ଉତ୍କଳ କେଶରୀ ଡ଼କ୍ଟର ହରେକୃଷ୍ଣ ମହତାବ, ମହାନ ରାଜନେତା ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପରି ରାଜନେତାଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ନୈତିକତାକୁ ପ୍ରାଧାନ୍ୟ ଦେଇ ଆମ ରାଷ୍ଟ୍ରର କଲ୍ୟାଣ ପାଇଁ ସବୁ ରାଜନେତାଙ୍କୁ କାର୍ଯ୍ୟ କରିବାକୁ ପଡ଼ିବ। ଭୋଟ ବ୍ୟାଙ୍କ ଏବଂ କାଦୁଅ ପିଙ୍ଗା ରାଜନୀତିରୁ ଦୁରେଇ ରହି ନିଜର ଦଳୀୟ ସ୍ୱାର୍ଥ ଅପେକ୍ଷା ଆମ ରାଷ୍ଟ୍ରର ହିତ ତଥା ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ମଧ୍ୟ୍ୟବିତ୍ତ ଲୋକଙ୍କ ଅଧିକାର ପାଇଁ ସବୁ ରାଜନେତାଙ୍କୁ ଲଢେଇ କରିବାକୁ ପଡ଼ିବ।ସମସ୍ତଙ୍କ ମିଳିତ ସହଯୋଗରେ ଆମ ଦେବଭୂମି, ମାତୃଭୂମି, ପୁଣ୍ୟଭୂମି ଭାରତର ସର୍ବାଙ୍ଗୀନ ବିକାଶ ହୋଇପାରିବ ଏବଂ ଅନ୍ୟ ରାଷ୍ଟ୍ର ପାଇଁ ଉଦାହରଣ ସୃଷ୍ଟି କରିବ ଏଥିରେ ସନ୍ଦେହର ଅବକାଶ ନାହିଁ।

ଗୋପାଳପୁର, ବାଲେଶ୍ୱର
ମୋବାଇଲ- ୭୦୨୦୬୧୧୩୦୦

# ବିଶ୍ୱରେ ସ୍ଥାୟୀ ଶାନ୍ତି ସମ୍ଭବ କି ?



ମୌଲାନା ଫଜଲ ହକ ଖାଁ

ଆଜି ଆମେ ଯେଉଁ ଦିଗକୁ ଦୃଷ୍ଟି ପକାଉଛେ, କେଉଁଠି ଅଘଟଣ, ଦୂର୍ଘଟଣା ତ କେଉଁଠି ବିପଦ ଆପଦ। ଆଉ କେଉଁଠି ଅସ୍ଥିରତା ତ କେଉଁଠି ଅରାଜକତା। କେଉଁଠି ହଣା-କଟା ତ କେଉଁଠି ଟଣା-ଓଟରା। କେହି କାହାର ନେଇଗଲାଣି ତ କେହି କାହାରିକୁ ଦେଉନାହିଁ। ଏହିଭଳି ବ୍ୟକ୍ତିଗତ ଅବସ୍ଥାରୁ ଆରମ୍ଭ କରି ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ବି ଦୈନନ୍ଦିନ ଜୀବନରେ ଆମେ ବ୍ୟସ୍ତ ବିବ୍ରତ ହୋଇଯିବାର ଦେଖୁଛେ। ଆମେ ସମସ୍ତେ ଶାନ୍ତିର ଆଶାରେ ଧାଉଁଛେ, ହେଲେ ତାହା ମରୀଚିକା ପରି ଆମର ହାତରେ ଧରା ପଡୁ ନାହିଁ। ବିଶୃଙ୍ଖଳା ଓ ହିଂସା ସାରା ପୃଥିବୀକୁ ଗିଳିବାକୁ ଲାଗିଛି। ଏପରି କି ଜାତିଭେଦ, ବର୍ଣ୍ଣଭେଦ, ଧର୍ମଭେଦର ବିଦ୍ୱେଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ତଫାତ ବହୁତ ବଢ଼ିବାରେ ଲାଗିଛି। ଏହିଭଳି ପରିସ୍ଥିତିରେ ଗୋଟିଏ ଶାନ୍ତ, ସରଳ ଓ ସାଧାରଣ ମଣିଷଟି ଆଜି ବେସାହାରା ହୋଇଯାଇଛି। ଠିକ-ଭୁଲ ବିଚାର କରିବାରେ ଏହି ନିରୀହ ମଣିଷଟି ଦ୍ୱନ୍ଦରେ ପଡ଼ିଯାଇଛି। ବିଶ୍ୱର ଅନେକ ସ୍ଥାନରେ ଯେଉଁ ସରକାର ସାଧାରଣ ଲୋକଙ୍କର ଭଲ କରିବାର ପ୍ରତିଶ୍ରୁତି ଦେଉଛି, ଶାସନ କ୍ଷମତାକୁ ଆସିବା କ୍ଷଣେ ସେହି ନିରୀହ ଲୋକଙ୍କ ସ୍ୱାର୍ଥ ବିରୁଦ୍ଧରେ କାମ କରୁଛି। ସଂଖ୍ୟାଲଘୁ ଉପରେ ସଂଖ୍ୟା ଗରିଷ୍ଠଙ୍କର ପ୍ରାଦୁର୍ଭାବ ବଢ଼ୁଛି। ତେବେ ଏଭଳି ଏକ ପରିସ୍ଥିତିରେ ଆମେ କ'ଣ ଚୁପ ବସିବା। କାହିଁକି ଆମେ ଏକ ସୁସ୍ଥ ଓ ଆଦର୍ଶ ସମାଜର ପରିକଳ୍ପନା କରିପାରିବା ନାହିଁ। କାହିଁକି ବିକାଶର ଫଳ କେବଳ କେତେକ ମୁଷ୍ଟିମେୟ ଲୋକଙ୍କ ପାଖରେ ସୀମିତ ରହିଯାଉଛି। ତେବେ ଏକ ସଭ୍ୟ ସମାଜରେ ସମସ୍ତଙ୍କ ମନ ଓ ସ୍ୱାର୍ଥକୁ ନେଇ ଏକ ବିକଶିତ ସମାଜ କାହିଁକି ଗଠନ ହୋଇପାରିବ ନାହିଁ। କାହିଁକ ଆମେ ନିଜ ସ୍ୱାର୍ଥରୁ ଉପରକୁ ଉଠି ଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା ନାହିଁ। ଏହି ପ୍ରଶ୍ନର ଉତର ଖୋଜିବା ପାଇଁ ତଥା ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେଠି ସମସ୍ତେ ଏକତ୍ରିତ ହୋଇ ପାରିଥିଲେ। ଅହମଦୀୟା ମୁସଲିମ ସଂଗଠନର ଦୃଢ଼ ବିଶ୍ୱାସ ଯେ ଏହିଭଳି ଏକ ପୃଥିବୀ ବା ଶାନ୍ତିର ରାଜ୍ୟ ନିଶ୍ଚିତ ସମ୍ଭବ।

ଉତ୍କୃଷ୍ଟ କଳାର ଦେଶ ଉତ୍କଳ ବା ଆମ ରାଜ୍ୟ ଓଡ଼ିଶା। ଓଡ଼ିଶାର ଅଧିବାସୀ ଯୁଗେଯୁଗେ ଶାନ୍ତିର ପର୍ବକୁ ବଜାୟ ରଖିବାକୁ ସର୍ବଦା ଚେଷ୍ଟା କରିଆସୁଛନ୍ତି। ଚଣ୍ଡାଶୋକ ଧର୍ମାଶୋକ ହୋଇପାରୁଛି। ସେହି ଭଳି ଭକ୍ତ ସାଲବେଗ ହୁଅନ୍ତୁ ବା ଦାଶିଆ ବାଉରୀ ହୁଅନ୍ତୁ, ମନ୍ଦିର ମାଳୀନୀ ସହର ଏହି ଏକାମ୍ର ସହର ହେଉ, ବା ଜଗନ୍ନାଥ ସଂସ୍କୃତିର ଦେଶ, ଓଡ଼ିଆ ସମାଜ ସବୁ ଭେଦଭାବକୁ ଭୁଲି ସବୁଠି ଶାନ୍ତିର ପ୍ରୟାସ ଜାରି ରଖିଛି। ବିଶ୍ୱ ଭାତୃତ୍ୱ ପାଇଁ ଆମ ରାଜ୍ୟ ସବୁବେଳେ ଏକ ଉଦାହରଣ ହୋଇଛି। ଉତ୍କଳର ନୌବାଣିଜ୍ୟ କଥା ହେଉ ବା ସୂକ୍ଷ୍ମ କାରିଗର ଏବଂ କାରିଗରୀ, ତାରକସି ଶିଳ୍ପ ହେଉ ବା ବାନ୍ଧକଳା ସମ୍ବଲପୁରୀ ବା ମାଣିଆବନ୍ଧ, ନୂଆପାଟଣା ପାଟ ଶାଢ଼ି ହେଉ। ସବୁ କ୍ଷେତ୍ରରେ



ଓଡ଼ିଶାବାସୀ ନିଜର ନିଖୁଣତା ଓ ପାରଦର୍ଶିତା ଦେଖାଇ ଆସିଛନ୍ତି। ଏହି କଥା ସବୁ ମନେ ପଡ଼ିଗଲେ ଲାଗୁଛି ଏହି ଶାନ୍ତି ପ୍ରତିଷ୍ଠା ଦିଗରେ ଆମକୁ ହିଁ ଅଂଟା ଭିଡ଼ିବାକୁ ହେବ। ନିଜେ ଶାନ୍ତିର ମାର୍ଗ ବାହାର କରି ସାରା ବିଶ୍ୱକୁ ଏହି ଶାନ୍ତିର ଆଲୋକରେ ଆଲୋକିତ କରିବାକୁ ହେବ। ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଭୁବନେଶ୍ୱର ଶାଖା ଅହମଦୀୟା ମୁସଲିମ ସଂଗଠନର ଏହି ଶାନ୍ତି ସମ୍ମିଳନୀ ନିଶ୍ଚିତ ଏକ ମାଇଲ ଖୁଂଟ ହେବ। ଶାନ୍ତି ପ୍ରାପ୍ତ ସମ୍ବନ୍ଧରେ ଗୀତାରେ ଲେଖାଅଛି ; ତମେବ ଶରଣଂ ଗଚ୍ଛ, ସର୍ବଭାବେନ ଭାରତ / ତତ୍ପ୍ରସାଦାତ୍ ପରାଂଶାନ୍ତି, ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତଂ। ଅର୍ଥାତ୍ ହେ ଭାରତ ! ତୁମ୍ଭେ ସର୍ବତୋ ଭାବରେ ସେହି ପରମେଶ୍ୱରଙ୍କ ଠାରେ ଶରଣ ପଶ। ତାହାଙ୍କ ଅନୁଗ୍ରହରୁ ତୁମ୍ଭେ ପରମ ଶାନ୍ତି ଓ ନିତ୍ୟଧାମ ପ୍ରାପ୍ତ ହେବ। (ଶ୍ରୀମଦ୍ଭଗବଦ୍ଗୀତା, ଅଧ୍ୟାୟ ୮, ଶ୍ଳୋକ୬୨) ସେହିଭଳି ପବିତ୍ର କୋରାନରେ ଲେଖାଅଛି ; "ଅଲା ବିଜିକ୍ରିଲ୍ଲାହି ତତ୍ମଇନ୍ନଲ୍କୁଲୁବ୍" ଅର୍ଥାତ୍ ମନେରଖ ଯେ ଅଲ୍ଲାହଙ୍କ ସ୍ମରଣରେ ହିଁ ହୃଦୟ ସନ୍ତୋଷ ଲାଭ କରେ। (ପବିତ୍ର କୋରାନ, ଅଧ୍ୟାୟ ୧୩, ଆୟତ ୨୯) ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ପଞ୍ଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ଏବେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରକୁ ଭ୍ରମଣ କରି ସେଠାକାର ନେତା ଓ ରାଜନେତା ତଥା ପ୍ରଶାସକଙ୍କୁ ଭେଟି ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଏବଂ ତୃତୀୟ ବିଶ୍ୱଯୁଦ୍ଧକୁ କିପରି ମିଳିମିଶି ରୋକି ପାରିବା ସେ ବିଷୟରେ ପ୍ରୟାସ କରିଚାଲିଛନ୍ତି। ମିର୍ଜା ମସରୁର ଅହମଦ କୁହନ୍ତି; ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ୧୦ଗୋଟି ମୌଳିକ ନୀତି ରହିଛି। ତାହା ହେଲା ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନିବା। ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରିବା। ବିଶ୍ୱବ୍ୟାପୀ ଏକତାକୁ ପ୍ରଶୟ ଦେବା। ପରମାଣୁ ଅସ୍ତ୍ର ବର୍ଜନ କରିବା। ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ ବନ୍ଦ କରିବା। ଅର୍ଥନୈତିକ ସମାନତା ସୃଷ୍ଟି କରିବା ଏବଂ ଦାରିଦ୍ର ଦୂର କରିବା। ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରିବା। ଚରମପନ୍ଥୀ ଦଳର ପ୍ରତିବାଦ କରିବା। ପାରସ୍ପାରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା। ଏବଂ ମାନବ ଜାତିର ସେବା କରିବା।

ଆସନ୍ତୁ ଆମେ ସମସ୍ତେ ମିଳି ମିଶି ସ୍ଥାୟୀ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ନିଜ ନିଜର କର୍ତ୍ତବ୍ୟ ବହନ କରିବା ଏବଂ ମିର୍ଜା ମସରୁର ଅହମଦଙ୍କ ଏହି ଚିନ୍ତାଧାରାକୁ ସ୍ୱାଗତ କରିବା ସହ ଏହାର ସଦ୍ଉପଯୋଗ କରି ବିଶ୍ୱ କଲ୍ୟାଣ ଦିଗରେ ପ୍ରୟାସ ଜାରି ରଖିବା। ଏହା ହିଁ ଆମର କାମନା।

ମଙ୍ଗଳାବାଗ-କଟକ
୯୬୯୨୨୨୫୦୫୭

# ଚାଇଲ୍ଡ ପର୍ଣ୍ଣୋଗ୍ରାଫି ଦେଖିବା କିମ୍ବା ଡାଉନଲୋଡ୍ କରିବା ଅପରାଧ



**ନୂଆଦିଲ୍ଲୀ, ୨୩।୯:** ଚାଇଲ୍ଡ ପର୍ଣ୍ଣୋଗ୍ରାଫିକୁ ନେଇ ବଡ଼ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ପିଲାଙ୍କ ସହ ଜଡିତ ଅଶ୍ଳୀଳ କଣ୍ଟେଣ୍ଟ ଦେଖିବା, ପ୍ରକାଶିତ କରିବା କିମ୍ବା ଏହାକୁ ଡାଉନ୍‌ଲୋଡ୍ କରିବା ଦଣ୍ଡନୀୟ ଅପରାଧ। ଚାଇଲ୍ଡ ପର୍ଣ୍ଣୋଗ୍ରାଫି ଡାଉନଲୋଡ୍ କିମ୍ବା ଦେଖିବା ପୋକ୍‌ସୋ ଅଧିନିୟମ ଅଟେ।

ସିଜେଆଇ ଡିଓ୍ୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି ପାରଡିଓ୍ୱାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ରଙ୍କ ବେଞ୍ଚ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ଏହି ରାୟ ଦେବାବେଳେ ସୁପ୍ରିମକୋର୍ଟ ମାଡ୍ରାସ ହାଇକୋର୍ଟ ନିଷ୍ପତ୍ତିକୁ ମଧ୍ୟ ରଦ୍ଦ କରି ଦେଇଛନ୍ତି। ନିକଟରେ ମାଡ୍ରାସ ହାଇକୋର୍ଟ ମୋବାଇଲ୍ ଫୋନରେ ଶିଶୁ ଅଶ୍ଳୀଳ ବିଷୟବସ୍ତୁ ରଖିଥିବା ଅଭିଯୋଗ ହୋଇଥିବା ବ୍ୟକ୍ତିଙ୍କ ବିରୋଧରେ ଚାଲିଥିବା ମାମଲାକୁ ବାତିଲ କରିଦେଇଥିଲେ। କେବଳ ଶିଶୁ ଅଶ୍ଳୀଳତା ଡାଉନଲୋଡ୍ କରିବା ଏବଂ ଦେଖିବା ପୋକ୍‌ସୋ ଆକ୍ଟ ଅନୁଯାୟୀ ଅପରାଧ ନୁହେଁ ବୋଲି ଏଥିରେ ଦର୍ଶାଯାଇଥିଲା। ମାଡ୍ରାସ ହାଇକୋର୍ଟଙ୍କ ଏହି ରାୟ ଆସିବା ପରେ ଶିଶୁ ଅଧିକାର ପାଇଁ କାର୍ଯ୍ୟ କରୁଥିବା ଅନେକ ସଂଗଠନ ଏହାକୁ ବିରୋଧ କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଆଜି ଏହି ମାମଲାର ଶୁଣାଣି ହୋଇଛି।

ଶୁଣାଣି ବେଳେ ଜଷ୍ଟିସ ଜେ.ବି ପାରଡିଓ୍ୱାଲା କହିଛନ୍ତି ଯେ ଦୋଷୀମାନଙ୍କ ମାନସିକ ସ୍ଥିତିର ଅନୁମାନ ଉପରେ ସମସ୍ତ ପ୍ରଯୁଜ୍ୟ ବ୍ୟବସ୍ଥା ବୁଝାଇବାକୁ ଆମେ ଚେଷ୍ଟା କରିଛୁ ଏବଂ ନିର୍ଦ୍ଦେଶାବଳୀ ମଧ୍ୟ ରଖିଛୁ। ପୋକ୍ସୋ ଆକ୍ଟରେ ପରିବର୍ତ୍ତନ କରି ଚାଇଲ୍ଡ ପର୍ଣ୍ଣୋଗ୍ରାଫି ଶବ୍ଦ ସ୍ଥାନରେ ଚାଇଲ୍ଡ ସେକ୍ସୁଆଲି ଆବ୍ୟୁସିଭ୍ ଏକ୍ସପ୍ଲଏଟିଭ୍ ମାଟେରିଆଲ୍ (ସିଏସ୍ଏଇଏମ୍) ତଥା ଶିଶୁ ଯୌନ ନିର୍ଯାତନା ଓ ଦୁର୍ବ୍ୟବହାର ସାମଗ୍ରୀ ଲେଖାଯାଉ ବୋଲି କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରଧାନ ବିଚାରପତି ଡି ଓ୍ୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତା କରୁଥିବା ବେଞ୍ଚର ସଦସ୍ୟ ଜଷ୍ଟିଶ ଜେ ବି ପାରଡିଓ୍ୱାଲା ୨୦୦ ପୃଷ୍ଠାର ଏହି ରାୟ ଲେଖିଛନ୍ତି।

ସେ କହିଛନ୍ତି ଯେ ଯେପର୍ଯ୍ୟନ୍ତ ପୋକ୍ସୋ ଆଇନରେ ପରିବର୍ତ୍ତନ ସଂସଦରେ ଅନୁମୋଦନ ନହୁଏ ସେପର୍ଯ୍ୟନ୍ତ ଏକ ନିୟମ ଆଣିବା ଉଚିତ୍। ସୁପ୍ରିମକୋର୍ଟ ମଧ୍ୟ ଦେଶର ଅଦାଲତମାନଙ୍କୁ ସେମାନଙ୍କ ନିର୍ଦ୍ଦେଶରେ ସିଏସ୍ଏଇଏମ୍ ଲେଖିବାକୁ ପରାମର୍ଶ ଦେଇଛନ୍ତି। ଯାହାଫଳରେ ଏହିପରି ଅପରାଧର ବାସ୍ତବତାକୁ ଅଧିକ ସଠିକ୍ ଭାବରେ ଦର୍ଶାଯାଇପାରିବ।

## କଙ୍ଗନାଙ୍କୁ ଚେତାବନୀ: ସୋନିଆଙ୍କୁ କ୍ଷମା ମାଗ



**ନୂଆଦିଲ୍ଲୀ, ୨୩।୯(ଏଜେନ୍ସି):** ବିଜେପି ସାଂସଦ କଙ୍ଗନା ରାଣାଓ୍ୱତଙ୍କୁ କଡ଼ା ଚେତାବନୀ ଦେଇଛି କଂଗ୍ରେସ। ହିମାଚଳ ପ୍ରଦେଶର କ୍ଷମତାସୀନ କଂଗ୍ରେସ ସରକାର ବେଆଇନ ଭାବେ ବିପର୍ଯ୍ୟୟ ପରିଚାଳନା ପାଇଁ ଆସୁଥିବା ପାଣ୍ଠିକୁ ସୋନିଆ ଗାନ୍ଧିଙ୍କ ପାଖକୁ ପଠାଉଥିବା କଙ୍ଗନା ଅଭିଯୋଗ କରିଥିଲେ। ଏହା ଉପରେ ହିମାଚଳର ପୂର୍ତ୍ତ ବିଭାଗ ମନ୍ତ୍ରୀ ବିକ୍ରମାଦିତ୍ୟ ସିଂହ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କଙ୍ଗନାକୁ ନିଜ ବୟାନ ଫେରାଇ ନେଇ କ୍ଷମା ମାଗିବାକୁ ଚେତାବନୀ ଦେଇଛନ୍ତି। ନଚେତ ତାଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନର ସାମ୍ନା କରିବାକୁ ପଡ଼ିବ ବୋଲି ମଧ୍ୟ ସେ କହିଛନ୍ତି। ଶ୍ରୀ ସିଂହ କହିଛନ୍ତି, "ଯଦି କଙ୍ଗନା ନିଜ ବୟାନ ପ୍ରତ୍ୟାହାର ନ କରନ୍ତି, ତା'ହେଲେ ଆମେ ତାଙ୍କ ନାଁରେ ମାନହାନୀ କେସ କରିବୁ। ସେ କେଉଁ ଆଧାରରେ ଏପରି ବୟାନ ଦେଲେ? ସୋନିଆ ଗାନ୍ଧିଙ୍କ ଭଳି ନେତ୍ରୀଙ୍କ ସମ୍ପର୍କରେ ସେ ଏତେ ବଡ଼ କଥା କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେନ୍ଦ୍ରରୁ ଆସୁଥିବା ଟଙ୍କା କିମ୍ବା ରାଜ୍ୟର ବିକାଶ ପାଣ୍ଠିକୁ ସୋନିଆ ଗାନ୍ଧିଙ୍କୁ ଦିଆଯିବା ବୟାନ ଅତ୍ୟନ୍ତ ନିର୍ବୋଧର ପରିଚୟ। ମୁଁ କଙ୍ଗନାକୁ ଚ୍ୟାଲେଞ୍ଜ କରିବାକୁ ଚାହୁଁଛି ଯେ ଟଙ୍କାଟିଏ ମଧ୍ୟ ସ୍ଥାନାନ୍ତର ହୋଇଥିବାର ପ୍ରମାଣ ଦିଅନ୍ତୁ। ଯଦି ପ୍ରମାଣ ଦେଇପାରିବେ ନାହିଁ. ତା'ହେଲେ ନିଜର ଭିତ୍ତିହୀନ ଅଭିଯୋଗ ପାଇଁ ସୋନିଆ ଗାନ୍ଧିଙ୍କୁ କ୍ଷମା ମାଗନ୍ତୁ। ବିଜେପି କଙ୍ଗନାଙ୍କୁ ସତର୍କ କରାଇଥିଲା ଓ ସମ୍ବେଦନଶୀଳ ପ୍ରସଙ୍ଗରେ କୌଣସି ବୟାନ ନ ଦେବାକୁ କହିଥିଲା। କିନ୍ତୁ ଏବେ ଲାଗୁଛି ସେ ନିଜ ଦଳର ହାଇକମାଣ୍ଡଙ୍କ ପରାମର୍ଶକୁ ମଧ୍ୟ ଖାତିର କରୁ ନାହାନ୍ତି।" କଂଗ୍ରେସର ହିମାଚଳ ପ୍ରଦେଶ ସରକାର ଋଣ କରୁଛନ୍ତି ଓ ସୋନିଆ ଗାନ୍ଧିଙ୍କୁ ଦେଉଛନ୍ତି ବୋଲି କଙ୍ଗନା କରିଥିବା ଅଭିଯୋଗ ଉପରେ ଶ୍ରୀ ସିଂହ କହିଛନ୍ତି ଯେ କେନ୍ଦ୍ର ପାଖରୁ ଆସୁଥିବା ଟଙ୍କା କେଉଁ ସବୁ କାମରେ ଲାଗୁଛି, ତା'ର ରିପୋର୍ଟ ରହିଛି। ଏହା ଅତ୍ୟନ୍ତ ଅପମାନଜନକ ବୟାନ। ଆମେ ଏହାକୁ ନିନ୍ଦା କରୁଛୁ। ସେ ସପ୍ତାହକ ମଧ୍ୟରେ ପ୍ରମାଣ ରଖନ୍ତୁ। ଯଦି ସେ ପ୍ରମାଣ ଦେଇ ପାରିବେ ନାହିଁ କିମ୍ବା କ୍ଷମା ମାଗିବେ ନାହିଁ, ତା'ହେଲେ ଆମେ ତାଙ୍କ ନାଁରେ ଅପରାଧିକ ମାନହାନୀ କେସ୍ କରିବୁ ବୋଲି ଶ୍ରୀ ସିଂହ କହିଛନ୍ତି। ରବିବାର ନିଜ ନିର୍ବାଚନ ମଣ୍ଡଳୀ ମଣ୍ଡିରେ ବିଜେପିର ସଦସ୍ୟତା ସଂଗ୍ରହ ଅଭିଯାନ ଆରମ୍ଭ କରି କଙ୍ଗନା କଂଗ୍ରେସ ଓ ହିମାଚଳ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁଙ୍କୁ ଟାର୍ଗେଟ କରିଥିଲେ।

# ଦାୟିତ୍ୱ ଗ୍ରହଣ କଲେ ଆତିଶୀ



**ନୂଆଦିଲ୍ଲୀ, ୨୩।୯:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ସୋମବାର ତାଙ୍କ ଦାୟିତ୍ୱ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ସେ ବିଭିନ୍ନ୍ ଫାଇଲ ଦେଖିବା ସହ କର୍ମଚାରୀମାନଙ୍କୁ ଡାକି ସେମାନଙ୍କ ସହ ଆଲୋଚନା କରିଛନ୍ତି। ନିଜ ପୂର୍ବ ଘୋଷଣା ମୁତାବକ ସେ ମୁଖ୍ୟମନ୍ତ୍ରୀ ଭାବେ କେଜରିଓ୍ୱାଲ ବସୁଥିବା ଆସନକୁ ଖାଲି ରଖିଛନ୍ତି। ଏହି ଆସନ ନିକଟରେ ଏକ ସାଧାରଣ ଚେୟାର ପକାଇ ସେ କାମ ଆରମ୍ଭ କରିଛନ୍ତି। ଆପ ବିଧାୟକ ଦଳ ନେତା ନିର୍ବାଚିତ ହେବା ପରେ ସେ କହିଥିଲେ ଯେ, ସେ ମୁଖ୍ୟମନ୍ତ୍ରୀ ଆସନାରେ ବସିବେ ନାହିଁ କିମ୍ବା ସମ୍ବର୍ଦ୍ଧନା ଗ୍ରହଣ କରିବେ ନାହିଁ। କେଜରିଓ୍ୱାଲଙ୍କ ପ୍ରତିନିଧି ଭାବେ ସେ କାର୍ଯ୍ୟ କରିବେ। ଆସନ୍ତା ବିଧାନସଭା ନିର୍ବାଚନରେ ଦିଲ୍ଲୀବାସୀଙ୍କୁ ସେ ପୁନର୍ବାର ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବାକୁ ନିବେଦନ କରିବେ ବାଲି କହିଛନ୍ତି। କେଜରିଓ୍ୱାଲ

### କେଜରିଓ୍ୱାଲଙ୍କ ଆସନ ଖାଲି ରଖିଲେ

ବ୍ୟବହାର କରୁଥିବା ଚେୟାରକୁ ଖାଲି ରକିବା ସମ୍ପର୍କରେ ସେ କହିଛନ୍ତି ଯେ, ଏହା ହେଉଛନ୍ତି କେଜରିଓ୍ୱାଲଙ୍କ ଆସନ। ରାମାୟଣରେ ପ୍ରଭୁ ଶ୍ରୀରାମଙ୍କ ସ୍ଥାନରେ ତାଙ୍କ କଠଉ ରଖି ରାମଙ୍କ ପ୍ରତିନିଧି ଭାବେ ଭରତ ଶାସନ କରୁଥିଲେ। ଆତିଶୀ ନିଜକୁ ଭରତଙ୍କ ସହ ତୁଳନା କରି ସେ କେଜରିଓ୍ୱାଲ ବନମାସରୁ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବେ ବୋଲି କହିଛନ୍ତି।

ଆତିଶୀ କହିଛନ୍ତି, ଆଜି ମୋ ମନରେ ସେହି ଭଳି ଯନ୍ତ୍ରଣା ଅଛି, ଯାହା ଭରତଙ୍କ ଥିଲା। ଯେଉଁଭଳି ଭାବରେ ଭରତ ସିଂହାସନରେ ଭଗବାନ ରାମଙ୍କ କଠଉ ରଖି ରାଜ୍ୟଭାର ସମ୍ଭାଳିଥିଲେ। ସେହିପରି ମୁଁ ମଧ୍ୟ ଆସନ୍ତା ୪ ମାସ ପାଇଁ ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିବି। ଏହି ସମୟରେ ଆତୀଶି ବିଜେପିକୁ କଡ଼ା ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି, ଗତ ଦୁଇ ବର୍ଷ ଧରି ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଉପରେ କାଦୁଅ ଫିଙ୍ଗିବାରେ ବିଜେପି କୌଣସି ମଉକା ଛାଡି ନାହିଁ। ତାଙ୍କୁ ୬ ମାସ ଧରି ଜେଲ୍‌ରେ ରଖାଗଲା। ଅଦାଲତ ମଧ୍ୟ କହିଛନ୍ତି ଯେ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ମନ୍ଦ ଉଦ୍ଦେଶ୍ୟରେ ଗିରଫ କରାଯାଇଥିଲା।

# ତିରୁପତି ମନ୍ଦିରକୁ ଶୁଦ୍ଧ କରାଗଲା



**ହାଇଦ୍ରାବାଦ, ୨୩।୯:** ତିରୁପତି ମନ୍ଦିରରେ ପ୍ରଭୁ ବାଲାଜୀଙ୍କୁ ସମର୍ପିତ ହେଉଥିବା ଲଡୁ ପ୍ରସ୍ତୁତିରେ ବ୍ୟବହୃତ ହେଉଥିବା ଘିଅରେ ପଶୁ ଚର୍ବି ରହିଥିବା ଲ୍ୟାବ ରିପୋର୍ଟରୁ ଜଣାପଡ଼ିବା ପରେ ଆଜି ତିରୁପତି ମନ୍ଦିରକୁ ଶୁଦ୍ଧ କରାଯାଇଛି। ଏଥିଲାଗି ମନ୍ଦିରରେ ସୋମବାର ମହା ଶନି ହୋମ କରାଯାଇଛି। ଏହା ଦ୍ୱାରା ମନ୍ଦିରରୁ ସମସ୍ତ ଅପବିତ୍ର ସାମଗ୍ରୀର ପ୍ରଭାବ ଦୂର ହେବ ଏବଂ ଭକ୍ତଙ୍କ ରିଷ୍ଟ ଖଣ୍ଡନ ହେବ ବୋଲି ତିରୁପତି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଘଟଣାର ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ (ଏସଆଇଟି) ଗଠନ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କ ଶାସନ କାଳରେ ଏହି ସୂଚନା ମିଳିଥିଲା। କିନ୍ତୁ ତତ୍କାଳୀନ ସରକାର ଏହାକୁ ଅଣଦେଖା କରିଥିଲେ। ତେବେ ଜଗନ ମୋହନ ଏହାକୁ ଦୃଢ଼ ଭାବେ ଖଣ୍ଡନ କରି ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇନୁଙ୍କୁ ଜଣେ ମିଛୁଆ ଭାବେ ବର୍ଣ୍ଣନା କରିଛନ୍ତି। ସୋମବାର ସକାଳ ୬ଟାରୁ ତିରୁପତି ମନ୍ଦିରରେ ଶୁଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୪ଘଣ୍ଟା କାଳଏହି ପ୍ରକ୍ରିୟା ଚାଲିଥିଲା। ତିରୁପତି ତିରୁମାମଳା ଦେବସ୍ଥାନମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୟାମଳ ରାଓ କହିଛନ୍ତି ଯେ, ପଶୁ ଚର୍ବିରୁ ପ୍ରସ୍ତୁତ ଘିଅରେ ପ୍ରସ୍ତୁତ ଲଡୁ ପ୍ରସାଦ ଯୋଗୁ ମନ୍ଦିର ଅପବିତ୍ର ହୋଇଛି। ଏଥିଲାଗି ମନ୍ଦିରକୁ ଶୁଦ୍ଧ କରିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଆଜି ସକାଳେ ମହା ଶନି ହୋମ କରାଯାଇଛି।

# ପୁଣି ଏକ ଟ୍ରେନ୍ ଦୁର୍ଘଟଣାର ଷଡ଼ଯନ୍ତ୍ର

### ଟ୍ରାକ୍‌ରୁ ମିଳିଲା ୯ ଲୁହା ରଡ୍

**ଲକ୍ଷ୍ନୌ, ୨୩।୯:** ଗୁଜରାଟର ବଡୋଦରା, ଉତ୍ତରପ୍ରଦେଶର କାନପୁର ଓ ରାମପୁର ପରେ ଏବେ ପଞ୍ଜାବର ବଠିଣ୍ଡାରେ ବି ହୋଇଛି ରେଳ ଦୁର୍ଘଟଣାର ଷଡଯନ୍ତ୍ର। ମାତ୍ର ରେଳ ବିଭାଗର ତତ୍ପରତା ହେତୁ ଏକ ବଡ଼ ରେଳ ଦୁର୍ଘଟଣା ଟଳିଯାଇଛି। ଦିଲ୍ଲୀ -ବଠିଣ୍ଡା ରେଳ ଟ୍ରାକ୍‌ରୁ ୯ଟି ଲୁହା ରଡ ଜବତ ହୋଇଛି। ରେଲଓ୍ୱେ ପୁଲିସ୍ ମାମଲା ରୁଜୁ କରି ଏହି ଘଟଣାର ଛାନଭିନ ଆରମ୍ଭ କରିଛି। ରବିବାର ଭୋର ୩ଟାରେ ବଠିଣ୍ଡା- ଦିଲ୍ଲୀ ରେଳ ଟ୍ରାକ୍‌ରେ ଏକ ମାଲବାହୀ ଟ୍ରେନ୍ ଯାଉଥିଲା। ମାତ୍ର ଟ୍ରାକ୍‌ରେ ଲୁହା ରଡ ପଡ଼ିଥିବାରୁ ଟ୍ରେନ୍ କୌଣସି ସିଗନାଲ ପାଇ ପାରି ନ ଥିଲା। ଏହାପରେ ତୁରନ୍ତ ଛାନଭିନ ଆରମ୍ଭ କରାଯାଇ ଟ୍ରାକ୍‌ରୁ ୯ଟି ଲୁହା ରଡ ଜବତ କରାଯାଇଛି। ଏହାର କିଛି ସମୟ ପରେ ଟ୍ରାକ୍‌ରେ ରେଳ ଚଳାଚଳ ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ଥିବା ରେଲଓ୍ୱେ ଟ୍ରାକ୍‌ରୁ ନିୟମିତ ଭାବେ କିଛି ନା କିଛି ଜିନିଷ ଜବତ କରାଯାଉଛି। କେଉଁଠୁ ଗ୍ୟାସ୍ ସିଲିଣ୍ଡର ତ କେଉଁଠୁ ସିମେଣ୍ଟ ଖଣ୍ଡ, କେଉଁଠୁ ପଥର ଆଦି ଜିନିଷ ଜବତ ହେଉଛି। ରେଳ ଦୁର୍ଘଟଣା ଘଟାଇବା ଉଦ୍ଦେଶ୍ୟରେ କିଏ ଏପରି କାଣ୍ଡ କରୁଥିବା ସନ୍ଦେହ ହେଉଛି। ତେବେ କିଏ ବାରମ୍ବାର ଏପରି ଘଟଣା ଘଟାଉଛି, ଏହା ପଛରେ ଆଉ କାହାର ହାତ ଅଛି ତାହା ସ୍ପଷ୍ଟ ହୋଇପାରୁନି। ଦିନକ ପୂର୍ବରୁ କାନପୁରର ମହାରାଜପୁର ରେଲଓ୍ୱେ ଷ୍ଟେଶନ ନିକଟ ଟ୍ରାକ୍‌ରୁ ଏକ ଗ୍ୟାସ୍ ସିଲିଣ୍ଡର ଜବତ ହୋଇଥିଲା। କିନ୍ତୁ ପାଇଲଟଙ୍କ ଉପସ୍ଥିତି ବୁଦ୍ଧି ଯୋଗୁ ଏକ ବଡ଼ ଦୁର୍ଘଟଣା ଟଳିଗଲା। ଏହାପୂର୍ବରୁ ୮ ତାରିଖରେ ବି କାନପୁରରେ ସମାନ ଘଟଣା ଘଟିଥିଲା। ଏକ ଗ୍ୟାସ୍ ଭର୍ତ୍ତି ଟାଙ୍କି ରଖି କାଳନ୍ଦୀ ଏକ୍ସପ୍ରେସ୍ ଟ୍ରେନ୍‌କୁ ବ୍ଲାଷ୍ଟ କରି ଉଡ଼ାଇବାକୁ ଷଡଯନ୍ତ୍ର ହୋଇଥିଲା। ଦ୍ରୁତ ଗତିରେ ଥିବା ଟ୍ରେନ୍‌ଟି ସିଲିଣ୍ଡରରେ ପିଟି ହୋଇ ରହି ଯାଇଥିଲା। ଏହାପରେ ଯାଞ୍ଚ ସମୟରେ ଟ୍ରାକ୍ ଉପରୁ ପେଟ୍ରୋଲ ଭର୍ତ୍ତି ବୋତଲ, ଦିଆସିଲ, ବାରୁଦ ଆଦି ଜବତ ହୋଇଥିଲା। ଏନ୍ଆଇଏ ଏହି ଘଟଣାର ଯାଞ୍ଚ କରୁଛି।

## ୭ ଯାଏଁ ଜେଲ ହାଜତକୁ ଗଲେ ଆପ୍ ବିଧାୟକ



**ନୂଆଦିଲ୍ଲୀ, ୨୩।୯:** ଦିଲ୍ଲୀ ଓ୍ୱାକଫ ବୋର୍ଡ ନିଯୁକ୍ତି ହେରଫେର ଘଟଣାରେ ଗିରଫ ଆପ ବିଧାୟକ ଅମନତୁଲ୍ଲା ଖାନଙ୍କ ଜେଲ ଅବଧି ବୃଦ୍ଧି ପାଇଛି। ତାଙ୍କୁ ଦିଲ୍ଲୀର ଗୋଟିଏ କୋର୍ଟ ଅକ୍ଟୋବର ୭ ତାରିଖ ଯାଏ ଜେଲ ହାଜତକୁ ପଠାଇ ଦେଇଛନ୍ତି। ଅମନତୁଲ୍ଲା ଖାନ ଓ୍ୱାକଫ ବୋର୍ଡର ଅଧ୍ୟକ୍ଷ ଥିବା ବେଳେ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଇଡି ଅମନତୁଲ୍ଲାଙ୍କ ନାଁରେ ଗୋଟିଏ ମନି ଲଣ୍ଡରିଂ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି। ଆଜି ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ଅମନତୁଲ୍ଲା ଖାନଙ୍କ ହାଜତ ଅବଧି ବୃଦ୍ଧି କରିଥିଲେ ହେଁ ତାଙ୍କୁ ଜେଲକୁ ମେଡିକାଲ ରିପୋର୍ଟ ନେଇ ଯିବାକୁ ଅନୁମତି ଦେଇଛନ୍ତି।

ଇଲେକ୍ଟ୍ରିକ କେଟିଲ ଓ ଗ୍ଲୁକୋଜ ମନିଟରିଂ ଯନ୍ତ୍ର ନେବାକୁ ଅମନତୁଲ୍ଲା କରିଥିବା ଆବେଦନ ଉପରେ କୋର୍ଟ ଜେଲ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ମାଗିଛନ୍ତି। ତାଙ୍କୁ ୭ ତାରିଖ ଯାଏ ଜେଲ ହାଜତକୁ ପଠାଯାଇଥିଲେ ହେଁ ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୫ରେ ହେବ ବୋଲି କୋର୍ଟ କହିଛନ୍ତି।

## ହେଜବୋଲ୍ଲା ଆଡ୍ଡାରେ ଏୟାରଷ୍ଟ୍ରାଇକ: ୧୮୨ ମୃତ



**ବିରୁଟ, ୨୩।୯:** ଲେବାନନସ୍ଥିତ ହେଜବୋଲ୍ଲାର ବିଭିନ୍ନ ଆଡ୍ଡା ଏବଂ ଅସ୍ତ୍ରାଗାର ଉପରେ ଇସ୍ରାଏଲ ବୋମାମାଡ଼ କରିଛି। ହେଜବୋଲ୍ଲାର ବିଭିନ୍ନ ଆଡ୍ଡା ଉପରେ ଇସ୍ରାଏଲ ପ୍ରାୟ ୩୦୦ ଏୟାରଷ୍ଟ୍ରାଇକ କରିଥିବା ସୂଚନା ମିଳିଛି। ଏହା ଦ୍ୱାରା ହିଜବୁଲ୍ଲାର ବ୍ୟାପକ କ୍ଷୟକ୍ଷତି ହୋଇଛି। ଏୟାର ଷ୍ଟ୍ରାଇକ ପୂର୍ବରୁ ଇସ୍ରାଏଲ ଲେବାନନର ସାଧାରଣ ଲୋକଙ୍କୁ ଯେଉଁଠି ହିଜବୋଲ୍ଲାର ଅସ୍ତ୍ରଶସ୍ତ୍ର ଗଚ୍ଛିତ ରହିଛି ସେହି ସ୍ଥାନ ଛାଡ଼ି ଚାଲିଯିବାକୁ ପରାମର୍ଶ ଦିଆଯାଇଥିଲା। ଯେତେ ଶୀଘ୍ର ପାରୁଛ ଆତ୍ମରକ୍ଷା ପାଇଁ ହେଜବୋଲ୍ଲା ଆଡ୍ଡାରୁ ଦୁରେଇ ଯାଅ ବୋଲି ଇସ୍ରାଏଲ ପକ୍ଷରୁ ପରାମର୍ଶ ଦିଆଯାଇଛି। ଇସ୍ରାଏଲର ଏୟାରଷ୍ଟ୍ରାଇକ ପରେ ହେଜବୋଲ୍ଲା ପାଲଟା ଜବାବରେ ଇସ୍ରାଏଲର ମିଲିଟାରୀ ପୋଷ୍ଟ ଉପରେ ରକେଟ ମାଡ଼ କରାଯାଇଛି। ଫଳରେ ଇସ୍ରାଏଲ-ଲେବାନନ ସଂଘର୍ଷ ଆହୁରି ଜଟିଳ ହୋଇଛି। ଇସ୍ରାଏଲର ଆକ୍ରମଣକୁ ଦୃଷ୍ଟିରେ ରଖି ଲେବାନନର ସମସ୍ତ ସ୍କୁଲକୁ ୨ ଦିନ ପାଇଁ ଛୁଟି ଘୋଷଣା କରାଯାଇଛି। ଇସ୍ରାଏଲ-ହେଜବୋଲ୍ଲା ସଂଘର୍ଷ ଅଧିକ ଘନୀଭୂତ ହେଉଥିବାରୁ ଋଷିଆ ଏଥିନେଇ ଉଦବେଗ ପ୍ରକାଶ କରିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ତୁରନ୍ତ ବନ୍ଦ ହେବା ଉଚିତ ବୋଲି ଋଷ ରାଷ୍ଟ୍ରପତି ପୁଟିନ କହିଛନ୍ତି।

ଇସ୍ରାଏଲ ସେନାର ଜଣେ ଅଧିକାରୀ ସୋଶାଲ ମିଡିଆ ପୋଷ୍ଟରେ କହିଛନ୍ତି, ହେଜବୁଲ ଦ୍ୱାରା ସାମରିକ ଉଦ୍ଦେଶ୍ୟରେ ବ୍ୟବହୃତ କୋଠା ଏବଂ ଅଞ୍ଚଳରେ ରହୁଥିବା ଲୋକଙ୍କୁ ତୁରନ୍ତ ସେ ସ୍ଥାନ ଖାଲି କରିବାକୁ ପରାମର୍ଶ ଦିଆଯାଉଛି। ଏସବୁ ଅଞ୍ଚଳରୁ ସାଧାରଣ ଲୋକମାନେ ଯଥା ସମ୍ଭବ ଚାଲିଯାଆନ୍ତୁ। ଇସ୍ରାଏଲ୍ ସେନା ଦକ୍ଷିଣ ଲେବାନନର ୧୭ଟି ଗାଁ ଏବଂ ସହରକୁ ଦର୍ଶାଇ ଏକ ମାନଚିତ୍ର ମଧ୍ୟ ପ୍ରକାଶ କରିଛି। ଲେବାନନର ଏହି ସବୁ ଗାଁରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ଇସ୍ରାଏଲ ସେନା ପରାମର୍ଶ ଦେଇଛି। ତଥାପି, ସେନା କେଉଁ ଅଞ୍ଚଳରେ ଆକ୍ରମଣ କରିବାକୁ ଟାର୍ଗେଟ ରଖିଛି, ସେନେଇ କୌଣସି ଇଙ୍ଗିତ କରିନାହିଁ। ପାଲେଷ୍ଟାଇନର ସମର୍ଥିତ ସଂଗଠନ ହମାସ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଧୀରେ ଧୀରେ ପଡୋଶୀ ରାଷ୍ଟ୍ରକୁ ଘନଉଛି। ଇରାନ, ଇରାକ ଏବଂ ଲେବାନନ ପାଲେଷ୍ଟାଇନ ସମର୍ଥନରେ ବାହାରିବା ପରେ ଏହି ବିବାଦ ମୁଣ୍ଡ ଟେକିଛି। କିଛି ଦିନ ହେବ ଇରାନ ଏବଂ ଲେବାନନରର ହେଜବୁଲା ସଂଗଠନ ଉପରେ ଆକ୍ରମଣ କରିଆସୁଛି ଇସ୍ରାଏଲ। ତେବେ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ଏପରି ଭିଡିଓ ପ୍ରକାଶ କରିବା ପରେ ଇସ୍ରାଏଲ ଆଉ ଏକ ବଡ଼ ଷ୍ଟ୍ରାଇକ୍ କରିବାକୁ ଯୋଜନା କରୁଥିବା ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି।



## ମୋଦିଙ୍କୁ ଶ୍ରୀଲଙ୍କାର ନବନିର୍ବାଚିତ ରାଷ୍ଟ୍ରପତିଙ୍କ ଧନ୍ୟବାଦ

**କଲମ୍ବୋ, ୨୩।୯:** ଶ୍ରୀଲଙ୍କାର ନବନିର୍ବାଚିତ ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶୁଭେଚ୍ଛା ବାର୍ତ୍ତାର ପ୍ରତିକ୍ରିୟା ଦେଇ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ସେ ଦୁଇ ଦେଶର ସମ୍ପର୍କକୁ ମଜବୁତ କରିବାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ପ୍ରଧାନମନ୍ତ୍ରୀଙ୍କ ଏକ୍ସ ପୋଷ୍ଟରେ ପ୍ରତିକ୍ରିୟା ଦେଇ କହିଛନ୍ତି, "ସମର୍ଥନ ଓ ଶୁଭେଚ୍ଛା ପାଇଁ ଆପଣଙ୍କୁ ଧନ୍ୟବାଦ। ଆମ ଦେଶ ମଧ୍ୟରେ ସମ୍ପର୍କକୁ ମଜବୁତ କରିବା ପାଇଁ ମୁଁ ଆପଣଙ୍କ ପ୍ରତିବଦ୍ଧତାକୁ ଶେଆର କରିଛି। ଦୁଇ ଦେଶର ଜନତା ଏବଂ ଅଞ୍ଚଳର ଉନ୍ନତି ପାଇଁ ଆମେ ଏକାଠି ମିଳିତ ଭାବେ କାର୍ଯ୍ୟ କରିପାରିବା।"

ତେବେ ଦିଶାନାୟକେ ଶ୍ରୀଲଙ୍କାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ, "ଶ୍ରୀଲଙ୍କା ଭାରତର ରଣନୀତିକ ପଡୋଶୀ। ଦ୍ୱୀପପୁଞ୍ଜ ରାଷ୍ଟ୍ର ସହ ଭାରତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ଅପେକ୍ଷା କରିଛି। ଦୁଇ ଦେଶ ମଧ୍ୟରେ ବହୁମୁଖୀ ସହଯୋଗ ଭାରତୀୟ ନାଗରିକ ତଥା ଏହି ଅଞ୍ଚଳର ଅନ୍ୟ ଲୋକଙ୍କୁ ମଧ୍ୟ ଉପକୃତ କରିବ।" ଅନୁରା କୁମାର ଦିଶାନାୟକେ ହେଉଛନ୍ତି ଶ୍ରୀଲଙ୍କାର ପ୍ରଥମ ବାମପନ୍ଥୀ ନେତା, ଯିଏକି ରାଷ୍ଟ୍ରପତି ହୋଇଛନ୍ତି। ସେ ବିପକ୍ଷ ଦଳର ସଜିତ ପ୍ରେମଦାସାଙ୍କୁ ବିପୁଳ ଭୋଟ୍ ବ୍ୟବଧାନରେ ହରାଇ ଏହି ପଦ ଅଳଙ୍କୃତ କରିଛନ୍ତି। ଆଜି ସେ ରାଷ୍ଟ୍ରପତି ଭାବେ ଶପଥ ନେବେ। ତେବେ ଦିଶାନାୟକେ ହେଉଛନ୍ତି ଜନତା ଭିମୁକ୍ତି ପେରମୁନା ପାର୍ଟିର ଜଣେ ନେତା। ସେ ନ୍ୟାସନାଲ ପିପୁଲ୍ସ ପାଓ୍ୱାର ମିଳିତ ମଞ୍ଚର ପ୍ରାର୍ଥୀ ଭାବରେ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

୨୦୨୨ରେ ଶ୍ରୀଲଙ୍କା ଘୋର ଆର୍ଥିକ ସଙ୍କଟ ମଧ୍ୟରେ ତତ୍କାଳୀନ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ଷେ ଉସ୍ତଫା ଦେଇଥିଲେ। ଦେଶରେ ଦେଖା ଦେଇଥିବା ଆର୍ଥିକ ସଙ୍କଟ ପରେ ଏହା ହେଉଛି ଶ୍ରୀଲଙ୍କାରେ ପ୍ରଥମ ରାଷ୍ଟ୍ରପତି ନିର୍ବାଚନ। ତେବେ ଦିଶାନାୟକେ ଦେଶର ସ୍ଥିତିକୁ କିପରି ପରିଚାଳନା କରୁଛନ୍ତି ତା ଉପରେ ନଜର ରହିବ ନିଶ୍ଚୟ।

## ମସଜିଦ୍‌ରେ ନାବାଳିକାଙ୍କୁ ଦୁଷ୍କର୍ମ ବନ୍ଧା ହେଲେ ମୌଲବୀ

**ଜୟପୁର, ୨୩।୯:** ରାଜସ୍ଥାନରେ ଘଟିଛି ଲଜ୍ଜାଜନକ ଘଟଣା। ମସଜିଦ ଭିତରେ ଜଣେ ୫ ବର୍ଷୀୟା ନାବାଳିକା ଦୁଷ୍କର୍ମର ଶିକାର ହୋଇଛନ୍ତି। ଆଉ ଏପରି କାଣ୍ଡ ଘଟାଇଛନ୍ତି ମୌଲବୀଜଣକ। ଏହି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ପୁଲିସ୍ ଅଭିଯୁକ୍ତ ମୌଲବୀଙ୍କୁ ବାନ୍ଧିଛି।

ଘଟଣା ଦିନ ନାବାଳିକାଜଣକ ନିଜ ଘର ସମ୍ମୁଖରେ ଖେଳୁଥିଲେ। ନାବାଳିକାର ଘର ନିକଟରେ ମସଜିଦ ଅବସ୍ଥିତ। ଏହି ସମୟରେ ଛୁଆଟି ଏକୁଟିଆ ଥିବା ଦେଖି ମୌଲବୀଜଣକ ତାକୁ ପ୍ରଲୋଭିତ କରି ମସଜିଦ୍‌କୁ ନେଇ ଯାଇଥିଲେ। ସେଠାରେ ସେ ପିଲାଟି ସହ ଦୁଷ୍କର୍ମ କରୁଥିଲେ। ଉକ୍ତ ସମୟରେ ନାବାଳିକାଙ୍କ ମା' ଝିଅକୁ ଖୋଜାଖୋଜି କରୁଥିବା ବେଳେ ତା' ଚିତ୍କାର ଶୁଣିବାକୁ ପାଇଲେ। ଏହାପରେ ତୁରନ୍ତ ମସଜିଦ ଭିତରକୁ ଦୌଡ଼ିଯାଇ ସେଠାରୁ ନିଜ ଝିଅକୁ ଉଦ୍ଧାର କରିଥିଲେ। ନାବାଳିକାଙ୍କ ମା'କୁ ଦେଖି ମୌଲବୀ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ନାବାଳିକାଙ୍କ ପରିବାର ଲୋକେ ଏନେଇ ତୁରନ୍ତ ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ନାବାଳିକାଙ୍କ ଡାକ୍ତରୀ ମାଇନା କରିଛି। ଏହାପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୁଲିସ୍ ଅଭିଯୁକ୍ତ ମୌଲବୀଙ୍କୁ ଗିରଫ କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି।

### ଜମ୍ମୁ-କଶ୍ମୀରର ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି କଲେ ରାହୁଲ

## ଜନତାଙ୍କ ଗଣତାନ୍ତ୍ରିକ ଅଧିକାର ଛଡ଼ାଇ ନେଇଛି କେନ୍ଦ୍ର



**ନୂଆଦିଲ୍ଲୀ, ୨୩।୯:** ଲୋକସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ସୋମବାର ପୁଣିଥରେ ଜମ୍ମୁ-କଶ୍ମୀର ପାଇଁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି ଦୋହରାଇଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରର ଲୋକଙ୍କଠାରୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ଛଡ଼ାଇ ନେଇଛନ୍ତି ବୋଲି ରାହୁଲ ଅଭିଯୋଗ କରିଛନ୍ତି। ପୁଞ୍ଚରେ ଆୟୋଜିତ ଗୋଟିଏ ନିର୍ବାଚନୀ ସଭାରେ ରାହୁଲ ଗାନ୍ଧି କହିଛନ୍ତି, "ପ୍ରଥମ ଥର ପାଇଁ ଗୋଟିଏ ରାଜ୍ୟକୁ କେନ୍ଦ୍ର ଶାସିତ ଅଞ୍ଚଳ କରାଯାଇଛି। ଅନେକ ଥର ଏକାଧିକ କେନ୍ଦ୍ର ଶାସିତ ଅଞ୍ଚଳରେ ରାଜ୍ୟରେ ପରିଣତ ହୋଇଛି। ସାଧାରଣତଃ କେନ୍ଦ୍ର ଶାସିତ ଅଞ୍ଚଳକୁ ରାଜ୍ୟରେ ପରିଣତ କରାଯାଏ ଓ ରାଜ୍ୟ ଦୁଇ ଭାଗରେ ବିଭକ୍ତ ହୁଏ। ଗୋଟିଏ ରାଜ୍ୟ ବିଭାଜିତ ହୋଇ ଆନ୍ଧ୍ର ଓ ତେଲଙ୍ଗାନା ହୋଇଛି। ଛତିଶଗଡ଼ ଭିତରୁ ମଧ୍ୟପ୍ରଦେଶ ବାହାରିଛି। ବିହାର ଠାରୁ ଅଲଗା ହୋଇ ଝାଡ଼ଖଣ୍ଡ ଗଠନ ହୋଇଛି। କିନ୍ତୁ ପ୍ରଥମଥର ପାଇଁ ଭାରତ ଇତିହାସରେ ଗୋଟିଏ ରାଜ୍ୟକୁ କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ କରାଯାଇଛି। ଆପଣମାନଙ୍କ ଗଣତାନ୍ତ୍ରିକ ଅଧିକାର ଛଡ଼ାଇ ନିଆଯାଇଛି। ଭାରତ ଇତିହାସରେ ପ୍ରଥମଥର ପାଇଁ ଏପରି ଘଟିଛି। ପ୍ରଥମଥର ପାଇଁ ଜମ୍ମୁ-କଶ୍ମୀର ରାଜ୍ୟକୁ କୁହାଯାଇଛି ଯେ ଏବେ ଏହା କେନ୍ଦ୍ର ଶାସିତ ଅଞ୍ଚଳ। ଏଥିପାଇଁ ଆମେ ପ୍ରଥମେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଦିଆଯାଉ ବୋଲି ଦାବି କରିଛୁ। ଆପଣମାନଙ୍କ ରାଜ୍ୟ ଆପଣମାନଙ୍କୁ ଫେରାଇ ଦିଆଯାଉ।"

# ଗାଲେ ଟେଷ୍ଟରେ ଶ୍ରୀଲଙ୍କା ବିଜୟୀ



**କଲମ୍ବୋ, ୨୩।୯:** ଗାଲେରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଶ୍ରୀଲଙ୍କା ଭ୍ରମଣକାରୀ ନ୍ୟୁଜିଲାଣ୍ଡକୁ ୬୩ ରନରେ ପରାସ୍ତ କରି ୧-୦ରେ ଅଗ୍ରଣୀ ହାସଲ କରିଛି। ବିଜୟ ହାସଲ ନିମନ୍ତେ ଦ୍ୱିତୀୟ ଇନିଂସାରେ ନ୍ୟୁଜିଲାଣ୍ଡକୁ ୨୭୫ ରନର ଆବଶ୍ୟକତା ଥିବା ବେଳେ ସମୁଦାୟ ଦଳ ୨୧୧ରେ ଅଲ ଆଉଟ ହୋଇଯାଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଦ୍ୱିତୀୟ ଇନିଂସରେ ରଚିନ ରବିନ୍ଦ୍ରନ ସର୍ବାଧିକ ୯୨ ରନ କରିଥିବା ବେଳେ କେନ ୱିଲିୟମସନ ଏବଂ ଟମ ବ୍ଲଣ୍ଡେଲ ୩୦ ରନ ଲେଖାଏଁ ସଂଗ୍ରହ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ପ୍ରଭାତ ଜୟସୁରିୟା ସର୍ବାଧିକ ୫ଟି ଏବଂ ରମେଶ ମେଣ୍ଡିସ ୩ଟି ୱିକେଟ ଦଖଲ କରିଥିଲେ। ଶ୍ରୀଲଙ୍କା ପ୍ରଥମ ଇନିଂସରେ କୁଶଲ ମେଣ୍ଡିସ ଶତକ ହାସଲ କରିଥିଲେ। ତେବେ ମ୍ୟାଚରେ ୯ଟି ୱିକେଟ ନେଇଥିବା ଜୟସୂରିୟାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।



# ଚେସ୍ ଅଲିମ୍ପିଆଡ୍‌ରେ ଭାରତ କଲା କମାଲ

**ନୂଆଦିଲ୍ଲୀ,୨୩।୯:** ଚେସ ଅଲିମ୍ପିଆଡ଼ରେ ଭାରତ ଇତିହାସ ସୃଷ୍ଟି କରିଛି। ୯୭ ବର୍ଷରେ ଯାହା ଘଟି ନ ଥିଲା, ଡି ଗୁକେଶ ଏବଂ ଅର୍ଜୁନ ଏରିଗାଇସିଙ୍କୁ ଭାରତ ପାଇଁ ଚମତ୍କାର ଖେଳିଛନ୍ତି। ଚେସ ଅଲିମ୍ପିଆଡ଼ର ଓପନ୍ ସେକ୍ସନରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଛି। ଏହା ବ୍ୟତୀତ ଭାରତ ମହିଳା ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଛି। ଏହିପରି ଭାରତ ମୋଟ ୩ଟି ସ୍ୱର୍ଣ୍ଣ ପଦକ ଜିତିଛି। ଚେସ ଅଲିମ୍ପିଆଡ଼ ଇତିହାସରେ ଏହା ପ୍ରଥମ ଥର ପାଇଁ ଭାରତ ଉଭୟ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଛି। ଡି ଗୁକେଶ ଭ୍ଲାଡିର୍ମି ଫେଡୋସିଭଙ୍କୁ ପରାସ୍ତ କରିଥିବାବେଳେ ଅର୍ଜୁନ ଏରିଗାଇସି ଜନ ସୁବେଲଙ୍କୁ ପରାସ୍ତ କରିଛନ୍ତି।

ହଙ୍ଗେରୀର ରାଜଧାନୀ ବୁଦାପେଷ୍ଟରେ ଚେସ ଅଲିମ୍ପିଆଡ ଆୟୋଜିତ ହେଉଛି। ଏଥିରେ ଭାରତର ଆଧିପତ୍ୟ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଥର ପାଇଁ ସ୍ୱର୍ଣ୍ଣ ପଦକ ଜିତି ଭାରତର ଡି ଗୁକେଶ ଇତିହାସ ସୃଷ୍ଟି କରିଛନ୍ତି। ସେ ବ୍ୟକ୍ତିଗତ ଇଭେଣ୍ଟରେ ସଫଳତା ହାସଲ କରିଛନ୍ତି। ଏହାପୂର୍ବରୁ ଡି ଗୁକେଶ ଚେସ ଅଲିମ୍ପିଆଡ ୨୦୨୨ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହିପରି ଗ୍ରାଣ୍ଡ ମାଷ୍ଟର ବିଶ୍ୱନାଥ ଆନନ୍ଦଙ୍କ ପରେ କ୍ରମାଗତ ୨ଟି ସ୍ୱର୍ଣ୍ଣ ପଦକ ଜିତିବାରେ ଡି ଗୁକେଶ ଦ୍ୱିତୀୟ ଭାରତୀୟ ହୋଇଛନ୍ତି। ସେ ଏହା କରିବା ପାଇଁ ଦୁନିଆର ୧୬ତମ ଗ୍ରାଣ୍ଡ ମାଷ୍ଟର ହୋଇଥିଲେ।

ମହିଳା ବିଭାଗରେ ଭାରତୀୟ ମହିଳା ଦଳରେ ହରିକା ଦ୍ରୋନାଭାଲ୍ଲୀ, ବୈଶାଲୀ ରମେଶବାବୁ, ଦିବ୍ୟା ଦେଶମୁଖ, ଭାଣ୍ଟିକା ଅଗ୍ରୱାଲ, ତାନିଆ ସଚଦେବ ଏବଂ ଅଭିଜିତ କୁନ୍ତେ ସାମିଲ ହୋଇଥିଲେ। ଶେଷ ମ୍ୟାଚରେ ଭାରତୀୟ ମହିଳା ଦଳ ଆଜେରବାଇଜାନକୁ ୩.୫-୦.୫ ରେ ପରାସ୍ତ କରିଛି। ଚେସ ଅଲିମ୍ପିଆଡ଼ ଇତିହାସରେ ପ୍ରଥମ ଥର ପାଇଁ ଭାରତ ଉଭୟ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଛି। ଭାରତ ଏହା ପୂର୍ବରୁ କେବେ କରିପାରି ନ ଥିଲା। ଦୁଇ ବର୍ଷ ପୂର୍ବେ ଚେସ ଅଲିମ୍ପିଆଡରେ ଭାରତକୁ ବ୍ରୋଞ୍ଜ ପଦକ ସହ ସନ୍ତୁଷ୍ଟ ହେବାକୁ ପଡିଥିଲା। ଏହା ବ୍ୟତୀତ ଚେସ ଅଲିମ୍ପିଆଡ ୨୦୧୪ରେ ଭାରତ ମଧ୍ୟ ବ୍ରୋଞ୍ଜ ପଦକ ପାଇଛି।

# ଅଜବ ପ୍ରକାରରେ ଆଉଟ ହେଲେ ଆଫଗାନ ବ୍ୟାଟର ରହମତ ଶାହ

**ନୂଆଦିଲ୍ଲୀ, ୨୩।୯:** ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜରେ ବାଜିମାତ କରି ଆଫଗାନିସ୍ତାନ କ୍ରିକେଟ ଟିମ ବେଶ ଚର୍ଚ୍ଚାରେ ରହିଛି। ପ୍ରଥମଥର ପାଇଁ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଆଫଗାନିସ୍ତାନ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ହରାଇ ଇତିହାସ ସୃଷ୍ଟି କରିଛି। ୩ଟିକିଆ ଦିନିକିଆ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଥିବା ଆଫଗାନିସ୍ତାନ ରବିବାର ଖେଳା ଯାଇଥିବା ଶେଷ ଦିନିକିଆରେ ହାରି ଯାଇଛି। ତଥାପି ଦଳ ୨-୧ରେ ସିରିଜ ଜିତିବାକୁ ସକ୍ଷମ ହୋଇଛି। ତୃତୀୟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ମାତ୍ର ୧୬୯ ରନରେ ଦକ୍ଷିଣ ଆଫ୍ରିକା ଅଲଆଉଟ କରିବା ସହ ୧୭୦ ରନର ଟାର୍ଗେଟକୁ ୩ ୱିକେଟ ହରାଇ ହାସଲ କରି ନେଇଥିଲା। ଏଥିସହ ଲଜ୍ଜାଜନକ ସିରିଜକ କ୍ଲିନସୁଇପରୁ ଦଳ ବର୍ତ୍ତି ଯାଇଛି। ତେବେ ତୃତୀୟ ମ୍ୟାଚରେ ଆଫଗାନ ବ୍ୟାଟର ରହମତ ଶାହ ଅଜବ ପ୍ରକାରରର ଆଉଟ ହେବାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆଫଗାନିସ୍ତାନ ଇନିଂସର ୯ମ ଓଭରରେ ପୂରା ଘଟଣା ଘଟିଥିଲା। ଷ୍ଟ୍ରାଇକରେ ଥିବା ଆଫଗାନର ରହମନୁଲ୍ଲା ଗୁରବାଜ ଦକ୍ଷିଣ ଆଫ୍ରିକାର ଲୁଙ୍ଗି ଏନଗିଡିଙ୍କ ଗୋଟିଏ ଫୁଲ ଲେନ୍ଥ ଡେଲିଭରୀକୁ ସିଧା ଖେଳିଥିଲେ। ଏହାକୁ ଏନଗିଡି ଧରିବାକୁ ଚେଷ୍ଟା କରିଥିଲେ ହେଁ ବଲଟି କେବଳ ତାଙ୍କ ଅଙ୍ଗୁଳିରେ ବାଜିଥିଲା। ବଲ ତାଙ୍କ ଅଙ୍ଗୁଳିରେ ବାଜି ନନଷ୍ଟ୍ରାଇକରେ ଥିବା ରହମତଙ୍କ ଆଡ଼କୁ ଯାଇଥିଲା।



ଏହି ସମୟରେ ସେ କ୍ରିଜ ଛାଡ଼ି ୧ ରନ ନେବାକୁ ଚେଷ୍ଟା କରୁଥିଲେ। ବଲଟି ଏନଗିଡିଙ୍କ ଅଙ୍ଗୁଳିକୁ ସ୍ପର୍ଶ କରି ରହମତଙ୍କ ଦେହରେ ମାଡ଼ ହୋଇ ସିଧା ବୋଲିଂ ଏଣ୍ଡ ୱିକେଟରେ ବାଜିଥିଲା। ରହମତ କ୍ରିଜ ବାହାରେ ଥିବାରୁ ତାଙ୍କୁ ନିରାଶ ହୋଇ ପ୍ୟାଭିଲିୟନ ଫେରିବାକୁ ପଡ଼ିଥିଲେ। ସେ ୬ ବଲରେ ୧ ରନ କରି ଆଉଟ ହୋଇଥିଲେ। ଏହି ଅଜବ ପ୍ରକାରର ଆଉଟ ହେବାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ଧୋନୀ-ପନ୍ତଙ୍କ ମଧ୍ୟରେ ତୁଳନା ଗ୍ରହଣୀୟ ନୁହେଁ: ଦୀନେଶ କାର୍ତ୍ତିକ

**ନୂଆଦିଲ୍ଲୀ,୨୩।୯:** କାର ଦୁର୍ଘଟଣା ପରେ ରିଷଭ ପନ୍ତ ଟେଷ୍ଟ ଫର୍ମାଟରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚେନ୍ନାଇରେ ବାଂଲାଦେଶ ବିପକ୍ଷରେ ଖେଳାଯାଇଥିବା ଟେଷ୍ଟ ମାଧ୍ୟମରେ ସେ ଫେରିବା ମାତ୍ରେ ପନ୍ତ ଏକ ଚମତ୍କାର ସ୍କୋର କରିଥିଲେ। ବିଶେଷକରି ପନ୍ତଙ୍କ ଅନୁପସ୍ଥିତିରେ



ଭାରତୀୟ ଟେଷ୍ଟ ଦଳ ଅସମ୍ପୂର୍ଣ୍ଣ ଦେଖାଯାଉଥିଲା, ଯାହା ଏବେ ପୂରଣ ହୋଇଛି। ଚେନ୍ନାଇରେ ବାଂଲାଦେଶ ବିପକ୍ଷରେ ଖେଳାଯାଇଥିବା ଟେଷ୍ଟରେ ଶତକ ହାସଲ କରିବା ପରେ ପନ୍ତ ଆଲୋଚନାର ବିଷୟ ପାଲଟିଛନ୍ତି। ପନ୍ତ ଏବଂ ପୂର୍ବତନ ଉଇକେଟ୍‌କିପର୍ ବ୍ୟାଟ୍ସମ୍ୟାନ୍ ଏମଏସ ଧୋନୀଙ୍କ ତୁଳନାକୁ ନେଇ ଦୀନେଶ କାର୍ତ୍ତିକ ଏକ ବଡ଼ ବିବୃତ୍ତି ଦେଇଛନ୍ତି। ରିଷଭ ପନ୍ତ ଏବଂ ଏମଏସ ଧୋନୀଙ୍କ ତୁଳନାରେ କାର୍ତ୍ତିକ କହିଛନ୍ତି, ପନ୍ତ ଏବଂ ଧୋନୀଙ୍କ ମଧ୍ୟରେ ତୁଳନା ଗ୍ରହଣୀୟ ନୁହେଁ। କେବଳ ୩୪ଟି ଟେଷ୍ଟ ଖେଳିଥିବା ବ୍ୟକ୍ତିଙ୍କୁ ମହାନ ବୋଲି କହିବା ଠିକ ନୁହେଁ। ଏହାସହ ଭାରତ ପାଇଁ ଜଣେ ଭଲ ଉଇକେଟ କିପର ବୋଲି କହିବା ଗ୍ରହଣୀୟ ନୁହେଁ। ସମୟ ଆହୁରି ବାକି ଅଛି। କିନ୍ତୁ ନିଶ୍ଚିତ ଭାବେ ସେ ଭାରତ ପାଇଁ ଜଣେ ମହାନ ଉଇକେଟ କିପର ଭାବରେ କ୍ୟାରିୟର୍ ଶେଷ କରିବେ। କାର୍ତ୍ତିକ ଆହୁରି ମଧ୍ୟ କହିଛନ୍ତି, ଧୋନୀଙ୍କୁ କେବଳ ଉଇକେଟ କିପର ଭାବରେ ଗଣିବା ଉଚିତ୍ ନୁହେଁ। ସେ କେବଳ ଚମତ୍କାର ପ୍ରଦର୍ଶନ କରିନାହାଁନ୍ତି, ଯେତେବେଳେ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା, ସେତେବେଳେ ସେ ବ୍ୟାଟିଂ କରି ରନ ସ୍କୋର କରିଥିଲେ। ପନ୍ତ ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ୩୪ଟି ଟେଷ୍ଟ ଖେଳିଛନ୍ତି। ସେ ୫୮ ଇନିଂସରେ ସେ ହାରାହାରି ୪୪.୭୯ରେ ୨୪୧୯ ରନ ସଂଗ୍ରହ କରିଛନ୍ତି। ସେ ୬ ଶତକ ଏବଂ ୧୧ ଅର୍ଦ୍ଧଶତକ ହାସଲ କରିଛନ୍ତି। ତାଙ୍କର ଶ୍ରେଷ୍ଠ ସ୍କୋର ଅପରାଜିତ ୧୫୯ ରନ।

# ଚଳିତବର୍ଷ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ସର୍ବାଧିକ ରନ୍ କରିଥିବା ଖେଳାଳି ଯଶସ୍ୱୀ



**ନୂଆଦିଲ୍ଲୀ,୨୩।୯:** ଚେନ୍ନାଇ ଟେଷ୍ଟରେ ବାଂଲାଦେଶ ବିପକ୍ଷ ପ୍ରଥମ ଇନିଂସରେ ଯଶସ୍ୱୀ ଜୟସ୍ୱାଲ ୫୬ ରନ ସ୍କୋର କରିଥିଲେ। ଦ୍ୱିତୀୟ ଇନିଂସରେ ସେ ୧୦ ରନ ସ୍କୋର କରି ଆଉଟ୍ ହୋଇଥିଲେ। ଚଳିତ ବର୍ଷ ଭାରତ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ସର୍ବାଧିକ ସ୍କୋର କରିଛନ୍ତି ଜଶସ୍ୱୀ ଜୟସ୍ୱାଲ। ଚଳିତ ବର୍ଷ ଏପର୍ଯ୍ୟନ୍ତ ଜଶସ୍ୱୀ ଭାରତ ପାଇଁ ୨୧ଟି ଇନିଂସରେ ୧୦୯୯ ରନ ସଂଗ୍ରହ କରିଛନ୍ତି। ଏଥି ସହିତ ଜଶସ୍ୱୀଙ୍କ ପରେ ଭାରତୀୟ ଟେଷ୍ଟ ଅଧିନାୟକ ରୋହିତ ଶର୍ମା ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରୋହିତ ଶର୍ମା ୨୭ ଇନିଂସରେ ୧୦୦୧ ରନ ସଂଗ୍ରହ କରିଛନ୍ତି। ଜଶସ୍ୱୀ ଏବଂ ରୋହିତ ଶର୍ମାଙ୍କ ପରେ ଶୁଭମନ ଗିଲ ତୃତୀୟ ସ୍ଥାନରେ ଅଛନ୍ତି। ଚଳିତ ବର୍ଷ ଏପର୍ଯ୍ୟନ୍ତ ଶୁଭମନ ଗିଲ ଭାରତ ପାଇଁ ୨୪ଟି ଇନିଂସରେ ୯୪୦ ରନ ସଂଗ୍ରହ କରିଛନ୍ତି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଜଶସ୍ୱୀ ବହୁତ ରନ ସଂଗ୍ରହ କରିଥିଲେ। ଏହି ସିରିଜରେ ଜଶସ୍ୱୀ ଏକ ରେକର୍ଡ ୭୧୨ ରନ କରିଥିଲେ। ଏଥିରେ ଦ୍ୱିଶତକ ଅତିକ୍ରମ କରିଥିଲେ।

୧୦ଟି ଟେଷ୍ଟ ମ୍ୟାଚ ବ୍ୟତୀତ ୨୩ ଟି-୨୦ ମ୍ୟାଚରେ ଜଶସ୍ୱୀ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ଟେଷ୍ଟ ଫର୍ମାଟରେ ସେ ହାରାହାରି ୬୪.୩୫ରେ ୧୦୯୪ ରନ ସଂଗ୍ରହ କରିଛନ୍ତି। ଟି-୨୦ ଫର୍ମାଟରେ ୧୬୪.୩୨ ଷ୍ଟ୍ରାଇକ ରେଟ୍ ଏବଂ ହାରାହାରି ୩୬.୧୫ରେ ୭୨୩ ରନ ସ୍କୋର କରିଛନ୍ତି। ତେବେ ଚଳିତ ବର୍ଷ ଭାରତ ପାଇଁ ଅନ୍ତର୍ଜାତୀୟ ମ୍ୟାଚରେ ସର୍ବାଧିକ ରନ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ଜଶସ୍ୱୀ ଶୀର୍ଷରେ ଅଛନ୍ତେ, କିନ୍ତୁ ରୋହିତ ଶର୍ମା ମାତ୍ର ୯୮ ରନ ପଛରେ ଅଛନ୍ତି। ତେଣୁ ରୋହିତ ଶର୍ମା କାନପୁର ଟେଷ୍ଟରେ ଜଶସ୍ୱୀଙ୍କୁ ପଛରେ ପକାଇବାର ସୁଯୋଗ ପାଇବେ। ଏଥି ସହିତ ଶୁଭମନ ଗିଲ ରୋହିତ ଶର୍ମାଙ୍କୁ କାନପୁର ଟେଷ୍ଟରେ ମଧ୍ୟ ପଛରେ ପକାଇ ପାରିବେ। ରୋହିତ ଶର୍ମାଙ୍କଠାରୁ ଗିଲ ମାତ୍ର ୬୧ ରନ ପଛରେ ଅଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶ୍ୱ ଶାନ୍ତି...

ଦେଇଛନ୍ତି। ସେ କହିଛନ୍ତି, ପ୍ରଯୁକ୍ତି ବିଦ୍ୟାର ନିରାପଦ ବ୍ୟବହାର ନିମନ୍ତେ ସନ୍ତୁଳିତ ନିୟନ୍ତ୍ରଣ ଲୋଡ଼ା। ସାର୍ବଭୌମତ୍ୱ ଓ ସଂହତିର ସୁରକ୍ଷା ନିମିତ୍ତ ଏକ ବିଶ୍ୱସ୍ତରୀୟ ଆଦର୍ଶ ଢାଞ୍ଚା ଆବଶ୍ୟକ। ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ (ଡିପିଆଇ) ପ୍ରତିବନ୍ଧକ ନ ହୋଇ ସେତୁ ଭଳି କାମ କରୁ। ବୃହତ୍ତର ସ୍ୱାର୍ଥ ନିମିତ୍ତ ଭାରତ ଏହାର ଡିପିଆଇକୁ ବ୍ୟବହାର କରିବାକୁ ପ୍ରସ୍ତୁତ। ସଂପ୍ରତି ପ୍ରଗତି କ୍ଷେତ୍ରରେ ଆତଙ୍କବାଦ ଭୟଙ୍କର ବିପଦ ସାଜିଛି ବୋଲି ମନ୍ତବ୍ୟ ଦେଇ ମୋଦି କହିଛନ୍ତି, ସାଇବର ନିରାପତ୍ତା, ସାମୁଦ୍ରିକ ସମସ୍ୟା ଓ ମହାକାଶ କ୍ଷେତ୍ରରେ ନୂଆ ବିପଦ ଦେଖାଦେଇଛି। ଏସବୁ ସ୍ଥାୟୀ ସମାଧାନକୁ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ। ଯଦ୍ୱାରା ବିଶ୍ୱ ଶାନ୍ତି ଓ ନିରାପତ୍ତା ସମ୍ଭ ହୋଇପାରିବ। ସାମୂହିକ ଲକ୍ଷ୍ୟ ଓ ବିଶ୍ୱସ୍ତରୀୟ ପଦକ୍ଷେପ ଏକ ହେବା ଉଚିତ ବୋଲି ମୋଦି କହିଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ମୋଦି ରବିବାର ନ୍ୟୁୟର୍କରେ ୨୫ ହଜାର ପ୍ରବାସୀ ଭାରତୀୟଙ୍କୁ ଉଦ୍‌ବୋଧନ ଦେଇ ସେମାନଙ୍କୁ ଦୁନିଆର ବ୍ରାଣ୍ଡ ଆମ୍ବାସନର ବୋଲି କହିଥିଲେ। ମୋଦିଙ୍କୁ ସାରା ଆମେରିକା ଗୁରତ୍ୱ ଦେଉଥିବା ବେଳେ ଗସ୍ତର ଦିନକ ପରେ ଭାରତ ସହ ସଂପର୍କ ମଜଭୁତ ସ୍ୱରୂପ ହ୍ୱାଇଟ୍‌ହାଉସ୍ କର୍ତ୍ତୃପକ୍ଷ ସ୍ମାର୍ଟ କାରରେ ଚୀନଦ୍ୱାରା ବିକଶିତ ସଫ୍ଟୱେର ସାମଗ୍ରୀକୁ ନିଷେଧ କରିଛନ୍ତି। ଆମେରିକା ଗସ୍ତ ସମୟରେ ମୋଦି ରାଷ୍ଟ୍ରପତି ଜୋ ବାଇଡେନଙ୍କ ସହ ଡେଲୱେର ବାସଭବନରେ ଆଲୋଚନା କରିଛନ୍ତି। ଏହାସହିତ ପ୍ରଧାନମନ୍ତ୍ରୀ ଆମେରିକୀୟ ବୈୟୋଜିକ କମ୍ପାନୀର ସିଇଓଙ୍କ ସହିତ ବ୍ୟାପକ ଆଲୋଚନା କରି ଦ୍ୱିପାକ୍ଷିକ ବାଣିଜ୍ୟିକ ସହଯୋଗ ଦୃଢ଼ କରିଛନ୍ତି।

### ଯୁଦ୍ଧ ପୂର୍ବରୁ...

କଲେ । ମୋହନଙ୍କ ଏଭଳି ଅପ୍ରତ୍ୟାଶିତ ନିଷ୍ପତ୍ତିରେ ବିଜେଡି ବିଚଳିତ ହେବା ସହିତ ତୁରନ୍ତ ସାମ୍ବାଦିକ ସମ୍ମିଳନୀ ଡାକି ହରତାଳ ଯୋଜନାକୁ ପ୍ରତ୍ୟାହାର କରିନେଲେ । ତେବେ ସବୁଠାରୁ ବଡ କଥାଟି ହେଉଛି ମୋହନ ସରକାର ନ୍ୟାୟିକ ତଦନ୍ତ ଘୋଷଣା କରିବା ପରେ ପରେ ପୀଡିତା ଓ ତାଙ୍କ ପରିବାରର ସମେତ ପୂର୍ବତନ ସେନା ଅଧିକାରୀମାନେ ଲୋକସେବା ଭବନକୁ ଯାଇ ମୁଖ୍ୟମନ୍ତ୍ରୀ ଓ ଆଇନ୍‌ମନ୍ତ୍ରୀଙ୍କୁ ଭେଟି ସାଧୁବାଦ ଜଣାଇବା। ନୀବନ ଭାବିଥିଲେ ଭୁବନେଶ୍ୱର ବନ୍ଦ ଡାକରା ଦେଇ ସେନା କର୍ମଚାରୀଙ୍କ ସହଯୋଗ ପାଇବେ ଏବଂ ଜାତୀୟ ସ୍ତରରେ ଏହା ଚର୍ଚ୍ଚାହେବା ସହିତ ଏଥିରୁ ରାଜନୈତିକ ଫାଇଦା ମଧ୍ୟ ମିଳିଯିବ । ହେଲେ ତାଙ୍କର ଏଭଳି ରଣନୀତିକୁ ଗୋଟିଏ ତୀରରେ ମୋହନ ଏକ ପ୍ରକାର ଧରାଶାୟୀ କରିଦେଲେ । ତ୍ୱରିତ ବେଗରେ ମୋହନ ନେଉଥିବା ନିଷ୍ପତ୍ତିର ଟେର ବିଜେଡି ଶିବିର ନପାଇବା ଓ ନିଜ ନିଷ୍ପତ୍ତିର ଘନ ଘନ ପରିବର୍ତ୍ତନ କରିବା ଏବେ ଦଳ ଭିତରେ ଆଲୋଚନାର ବିଷୟବସ୍ତୁ ପାଲଟିଛି । ତେବେ ଭରତପୁର ଥାନା ଘଟଣାର ଏକ ସଂଗେ କ୍ରାଇମବ୍ରାଞ୍ଚ ଓ ବିଚାର ବିଭାଗୀୟ ଭଳି ଦୁଇ ଦୁଇଟି ତଦନ୍ତ ଘୋଷଣା କରି ମୋହନ ସରକାର କେବଳ ନବୀନଙ୍କ ମୁହଁ ବନ୍ଦ କରିନାହାନ୍ତି, ଓଡିଶାରେ ମଧ୍ୟ ନୂଆ ଇତିହାସ ସୃଷ୍ଟି କରିଛନ୍ତି । ବିଜେଡି ସରକାର ସମୟରେ ଏକାଧିକ ଘଟଣାରେ ବିଚାର ବିଭାଗୀୟ ତଦନ୍ତ ଦାବିବେଳେ ନବୀନ ଯେଭଳି ବିରୋଧିଦଳ ଓ ଜନମତକୁ ଉପକ୍ଷୋ କରୁଥିଲେ ମୋହନ ସରକାର ତାହା କରିନାହାନ୍ତି । ଏହି ଗୋଟିଏ ଘଟଣାରେ ମୋହନ ସରକାର ରାଜ୍ୟବାସୀଙ୍କ ଆସ୍ଥାଭାଜନ ହେବା ସହିତ ବିରୋଧି ଶିବିରକୁ ଚିତ୍‌ପଟାଙ୍ଗ କରିଦେଇଛନ୍ତି। ଏହା ଦେଖିଲା ପରେ ଅଭିଜ୍ଞ ନବୀନଙ୍କ ଉପରେ ମୋହନ ଭାରି ପଡିଲେ ବୋଲି ଆଲୋଚନା ଚାଲିଛି ।

### ଆଇପି ଆଡ୍ରେସ୍...

କରିତକର୍ମାଙ୍କୁ ଟାର୍ଗେଟ କରିବା ପଛର କାରଣଗୁଡିକୁ ବୁଝନ୍ତୁ । ପ୍ରଥମ ଦିନରୁ ଆଜି ପର୍ଯ୍ୟନ୍ତ କ୍ୟାପଟେନଙ୍କ ବାନ୍ଧବୀଙ୍କ ବାର ଭିତର ଭିଡିଓ, ମଦ ବିଲ, ଲିଫ୍ଟକୁ ଗୋଇଠା ମାରିବା ଭିଡିଓ ଭାଇରାଲ ହେବାରେ ଲାଗିଛି। ଏପରିକି କ୍ରାଇମବ୍ରାଞ୍ଚ ତଦନ୍ତ ବେଳେ ୭ ରୋଡ୍ ରୋମିଓଙ୍କ ସହ ଯୁବତୀଙ୍କ କଥାବାର୍ତ୍ତା, ଏମ୍ସ ହସ୍ପିଟାଲ ସିସିଟିଭି ଆଦି ପଦାକୁ ଆସିଛି। ଏଠାରେ ବଡ଼ ପ୍ରଶ୍ନ ହେଉଛି ପୋଲିସର ବିନା ଅନୁମତିରେ ଏମ୍ସ ଭଳି ଜାତୀୟ ସ୍ତରର ହସ୍ପିଟାଲରୁ ସିସିଟିଭି ଲିକ୍ ହୋଇପାରିବ କି? ପୋଲିସର ବିନା ଅନୁମତିରେ ବାର ଭିଜୁଆଲ ଭାଇରାଲ ହୋଇପାରିବ କି? ତାହା ପୁଣି ୨.୩୦ରେ ବାର ଖୋଲାଥିବା ବେଳର। ଗୋଟିଏ ପଟେ ପିଡିତାଙ୍କ ନାଁ ପରିଚୟ ସାମ୍ନାକୁ ଆଣିବାକୁ ହାଇକୋର୍ଟ ବାରଣ କରିଥିବା ବେଳେ ସମ୍ପୃକ୍ତ ପୋଲିସ ବାବୁମାନେ କ'ଣ ନ୍ୟାୟାଳୟଠୁ ଉପରେ ବୋଲି ସୃଷ୍ଟି ହୋଇଛି ପ୍ରଶ୍ନବାଚୀ।

### ଭରତପୁର...

ଥିବା ଦର୍ଶାଇ ଥାନାରେ ସିସିଟିଭି ଲାଗିଛି କି ନାହିଁ ଉତ୍ତର ମାଗିଛନ୍ତି ଉଚ୍ଚ ନ୍ୟାୟାଳୟ। ଯଦି ଲାଗିନି କେତେ ଦିନ ଭିତରେ ଲାଗିବ ସେନେଇ ଜବାବ ଦେବାକୁ ଏଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ଭବିଷ୍ୟତରେ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ଘଟେ ସେଥିପ୍ରତି ସଜାଗ ରହିବା ଓ ପୋଲିସ ଆଧୁନିକୀକରଣ ଉପରେ ପ୍ରାଧାନ୍ୟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ଦୁର୍ବଳ...

ରାଜ୍ୟରେ କ୍ଷମତାକୁ ଫେରିବ ବୋଲି କହିଛନ୍ତି । ଏକଥା କହିଲାବେଳେ ବିଜେଡିରେ ଜଣେ ସଭାପତି ଅଛନ୍ତି ବୋଲି ସେ ଏକ ପ୍ରକାର ଭୁଲି ଯାଇଛନ୍ତି । ଦେବାଶିଷଙ୍କ ଏଭଳି ବକ୍ତବ୍ୟ ସହିତ କିଛି ବିଜେଡି ନେତା କଂଗ୍ରେସ ନେତାଙ୍କ ଘରକୁ ଅନ୍ଧାରିବିଜେ କରିବା ଘଟଣାକୁ ଆହୁରି ରହସମୟ କରି ଦେଉଛି। ସେହିଭଳି ଶଙ୍ଖଭବନରେ ଦଳର ଦୁଇ ଯୁବ କର୍ପୋରେଟର ଅମରେଶ ଜେନା ଓ ଲିଟୁ ସୁପକାର ଏବେ ଖୋଲାଖୋଲି ଭାବେ ନବୀନଙ୍କ ପାଖଲୋକ କୁହାଯାଉଥିବା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କୁ ବିରୋଧ କରିବା ସହିତ ତାଙ୍କ ବିରୁଦ୍ଧରେ ଗଣମାଧ୍ୟମରେ ବୟାନବାଜି କରୁଛନ୍ତି। ସେହିଭଳି ଦଳର ଆଉ ଜଣେ ସାଂସଦ ନିଇତି ସୋସିଆଲ ମିଡିଆରେ ବିରୋଧିଙ୍କୁ ମନଇଚ୍ଛା ଗାଳି ଦେଉଛନ୍ତି । ଅବଶ୍ୟକ ଏଥି ପ୍ରତି ନବୀନଙ୍କ ସମର୍ଥନ ରହିଛି କି ନାହିଁ ତାହା ଜଣାପଡି ନାହିଁ । ରାଜନୀତିରୁ ସନ୍ୟାସ ନେଇଥିବା ପାଣ୍ଡିଆନ ନବୀନ ନିବାସରେ ପ୍ରବେଶ ସହିତ ଧିରେ ଧିରେ ବିଜେଡିର ନୀତି ନିର୍ଦ୍ଧାରକ ହେବାକୁ ବିଜେଡିର ଗୋଟିଏ ବଡ ଗୋଷ୍ଠି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଦଳ ଛାଡିଥିବା ଦୁଇ ରାଜ୍ୟ ସଭା ସାଂସଦ ପରୋକ୍ଷରେ ଏହି କଥା କହିଥିଲେ । ଏହାକୁ ନେଇ ଏବେ ବିଜେଡି ଭିତରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଦଳର ତୃଣମୂଳ କର୍ମୀଙ୍କ ଠାରୁ ଆରମ୍ଭକରି ରାଜ୍ୟ ସ୍ତରର ଅନେକ ନେତା ଏହାକୁ ନେଇ ଅସନ୍ତୁଷ୍ଟ ହେବା ସହିତ ଦଳର ବଡ ବଡିଆ ନେତାଙ୍କ ଉପରେ ରକ୍ତଚାଉଳ ଚୋବାଉଛନ୍ତି । ଏହା ବିଜେଡି ରାଜନୀତିକୁ କେତେବେଳେ କେଉଁ ମୋଡ ଦେବ ତାହା କହିବା ମୁସ୍କିଲ । ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ବିଜେଡିର ମୂଳ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି ଯାହା ଉପରେ ଆଉ ଛିଡା ହେବାଟା ଏତେ ସହଜ ନୁହେଁ ।

### ମୁଖ୍ୟମନ୍ତ୍ରୀଙ୍କୁ...

ହେଲେ ସେମାନଙ୍କୁ ଚୋର ତସ୍କର ଭଳି ରାଜଧାନୀରୁ ଘଉଡାଇ ଦିଆଯାଇଥିଲା। ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ଦୁଃଖ ଜଣାଇବାକୁ ଯାଉଥିବା ଅନେକଙ୍କୁ ନବୀନ ନିବାସ ରାସ୍ତାରୁ ପୁଲିସ୍ ସହାୟତାରେ ଉଠାଇ ନିଆଯାଉଥିଲା । ଆଉ ଯେଉଁମାନେ କୌଣସି ପ୍ରକାରେ ନବୀନଙ୍କ କାର୍‌କେଡ୍ ନିକଟକୁ ଆସିଯାଉଥିଲେ ସେମାନଙ୍କ ନାମରେ ସଙ୍ଗୀନ ଦଫା ଲଗାଇ ମାମଲା ରୁଜୁ ହୋଇଥିଲା । ହେଲେ ଆଜି ଭରତପୁର ଥାନା ପୀଡିତ ଓ ତାଙ୍କ ପରିବାର ମୁଖ୍ୟମନ୍ତ୍ରୀ ମୋହନଙ୍କୁ ଭେଟିବା କେବଳ ନୂଆ ଅଧ୍ୟାୟ ସୃଷ୍ଟି କରିନାହିଁ ସାରା ରାଜ୍ୟରୁ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଇଁ ପ୍ରଶଂସାର ସୁଅ ଛୁଟିଛି। ମୋହନ ମଧ୍ୟ ଆଉ ପାଦେ ଆଗକୁ ଯାଇ ତାଙ୍କ ଅଭିଯୋଗ ଶୁଣିବା ପାଇଁ ପ୍ରତି ଜିଲ୍ଲାରେ ପ୍ରକୋଷ୍ଠ ଖୋଲାଯିବ ବୋଲି ଘୋଷଣା କରିଛନ୍ତି ।

### ସୁପ୍ରିମକୋର୍ଟଙ୍କ...

ଅଶ୍ଳୀଳ ଭିଡିଓ ଦେଖିବା, ଡାଉନଲୋଡ୍ କରିବା ସହ ନିଜ ପାଖେ ରଖିବାକୁ ସୁପ୍ରିମକୋର୍ଟ ଦଣ୍ଡନୀୟ ଅପରାଧ ବୋଲି ରାୟ ଦେବା ସହ ନିକଟରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଶିଶୁମାନଙ୍କ ସୁରକ୍ଷା, ସେମାନଙ୍କ ଅଧିକାର ଓ କଲ୍ୟାଣକୁ ସୁନିଶ୍ଚିତ କରିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ। ଶିଶୁମାନଙ୍କୁ ଶୋଷଣ କିମ୍ବା କୌଣସି ପ୍ରକାର ଯୌନ ଉତ୍ପୀଡନ ଦେଉଥିବା ବ୍ୟକ୍ତି ଆଇନ ବିଷୟରେ ଜାଣି ନାହିଁ ଅଥବା ନିଜ ଅଜ୍ଞତାର ବାହାନା ଦେଇପାରିବେ ନାହିଁ ବୋଲି ରାଜ୍ୟ ସରକାର ଦୃଢ଼ ମତ ଦେଇଛନ୍ତି । ସମସ୍ତ ପ୍ରକାର ଶିଶୁ ଯୌନ ଶୋଷଣ ନିପାତ କରିବା ଉଦ୍ଦେଶ୍ୟରେ କଠୋର ଆଇନଗତ ଢାଞ୍ଚା ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ଅଛନ୍ତି। ଶିଶୁ ଅଶ୍ଳୀଳତାର ପ୍ରସାରକୁ ରୋକିବା ପାଇଁ ରାଜ୍ୟ ଆଇନ ପ୍ରଣୟନକାରୀ ସଂସ୍ଥା ସହିତ ସମନ୍ୱୟ ବୃଦ୍ଧି କରାଯିବ । ଏହି ଅପରାଧକୁ ରୋକିବା ଓ ଦୋଷୀକୁ ଦଣ୍ଡ ଦେବା ପାଇଁ ଏକ ସ୍ପେଶାଲ ଟାସ୍କଫୋର୍ସ ଗଠନ କରାଯିବ । ସୁପ୍ରିମ କୋର୍ଟଙ୍କ ସୁପାରିସ ଅନୁଯାୟୀ, ଶିଶୁ ନିର୍ଯାତିତ ପୀଡିତମାନଙ୍କୁ ରାଜ୍ୟ ସରକାର ଯଥୋଚିତ ସହାୟତା ଦେବା ସହ ଆବଶ୍ୟକ ଯତ୍ନ ଯୋଗେଇ ଦେବେ । ରାଜ୍ୟ ସରକାର ଶିଶୁ ଯୌନ ଶୋଷଣ ପ୍ରତି ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି । ଅସୁରକ୍ଷିତ ଶିଶୁମାନଙ୍କ ବିଷୟରେ ଜାଣିଲେ ତୁରନ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣେଇବା ପାଇଁ ବିଭାଗ ପକ୍ଷରୁ ନାଗରିକମାନଙ୍କୁ ଅନୁରୋଧ କରାଯାଉଛି । ଶିଶୁମାନଙ୍କ ଅଧିକାର ଏବଂ ସମ୍ମାନ ରକ୍ଷା କରିବା ଉଦ୍ଦେଶ୍ୟରେ ନିଆଯାଇଥିବା ଏହି ଯୁଗାନ୍ତକାରୀ ନିଷ୍ପତ୍ତି ପାଇଁ ରାଜ୍ୟ ସରକାର ମାନ୍ୟବର ସୁପ୍ରିମ କୋର୍ଟଙ୍କୁ କୃତଜ୍ଞତା ଜଣାଇଛନ୍ତି । ଆମ ସମସ୍ତଙ୍କ ମିଳିତ ଉଦ୍ୟମରେ ଆମେ ଶିଶୁମାନଙ୍କୁ ଏକ ନିରାପଦ ପରିବେଶ ଦେଇପାରିବା ।

### ଅର୍ଥ ବିଭାଗର...

ପୂର୍ବ ଅନୁମତି ନେବାକୁ ପଡ଼ିବ। ଯଦି ଅତି ଜରୁରୀ ଥାଏ ତା'ହେଲେ ଅର୍ଥ ବିଭାଗ ଦ୍ୱାରା ଜାରି ନିର୍ଦ୍ଦେଶନାମା ସମ୍ପୃକ୍ତ ପ୍ରଶାସନିକ ବିଭାଗ କଡ଼ାକଡ଼ି ପାଳନ କରିବା ଆବଶ୍ୟକତା ରହିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି । ସେହିପରି ଶ୍ରୀ ମିଶ୍ର ୨୦୨୪-୨୫ ଆର୍ଥିକ ବର୍ଷର ବଜେଟ ଅର୍ଥକୁ ସୁବ୍ୟବସ୍ଥିତ ଢଙ୍ଗରେ ଖର୍ଚ୍ଚ କରି ୨୦୨୫ ମାର୍ଚ୍ଚ ୧୦ତାରିଖ ସୁଦ୍ଧା ଟ୍ରେଜେରୀରେ ବିଲ୍ ଦାଖଲ ପାଇଁ ତାଗିଦ୍ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୩ ମସିହା ଅଗଷ୍ଟ ମାସରେ ତତକାଳୀନ ବିଜେଡି ସରକାର ମଧ୍ୟ ଅନୁରୂପ ଭାବେ ସବୁ ବିଭାଗକୁ ନୂଆ ଗାଡ଼ି କିଣିବା ପରିବର୍ତ୍ତେ ଅଫିସ୍ ଉପଯୋଗ ପାଇଁ ଅର୍ଥ ବିଭାଗ ଦ୍ୱାରା ନିର୍ଦ୍ଧାରିତ ଦରରେ ଭଡ଼ାରେ ଗାଡ଼ି ଆଣିବାକୁ ପରାମର୍ଶ ଜାରି କରିଥିଲା।

### ଲଢେଇ...

ଘଟଣା ପରେ ପରେ ରାଜେଶ ପାତ୍ର ବାଇଁଆ ଓ ଲିଟୁଙ୍କ ନାଁରେ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ସହିତ ଦୁଇ କର୍ପୋରେଟରଙ୍କ ନାଁରେ ଯେଭଳି ସଙ୍ଗୀନ ଦଫା ଲାଗିବ ସେହି ହିସାବରେ ଏଫ୍‌ଆଇଆରରେ ଲେଖିଛନ୍ତି । ଏଥି ସହିତ ରାଜେଶ ଆସନ୍ତା କାଲି ସାମ୍ବାଦିକ ସମ୍ମିଳନୀ ବି ଡାକିଛନ୍ତି । ତେବେ ଏହା ଯେ ଅଶୋକଙ୍କ ଇଙ୍ଗିତରେ ହୋଇଛି ତାହା ବୁଝିବାକୁ କାହାରିକୁ ଅଛପା ନାହିଁ । ଏହାର ଠିକ୍ ପରେ ପରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ବିବେକ କୁମାର ସ୍ୱାଇଁ ସିଧା ସଳଖ ଭାବେ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ନାଁରେ ସେହି କ୍ୟାପିଟାଲ ଥାନାରେ ଏଫ୍‌ଆଇଆର ଦେଇଛନ୍ତି । ବିବେକ ମଧ୍ୟ ତାଙ୍କ ଏଫ୍‌ଆଇଆରରେ ସଙ୍ଗୀନ ଅଭିଯୋଗ କରିଛନ୍ତି । ଏପରିକି ତାଙ୍କୁ ଗାଡି ଚଢାଇ ମାରିଦେବାକୁ ଧମକ ଦିଆଯିବା ସହିତ ୫ଲକ୍ଷ ଟଙ୍କା ଖର୍ଚ୍ଚ କରି ତାଙ୍କ ମୃତ ଶରୀରକୁ କୁଆଖାଇରେ ପକାଇଦେବାପାଇଁ ଅଶୋକ ପଣ୍ଡା କହିଥିବା ଉଲ୍ଲେଖ କରିଛନ୍ତି । ଦୁଇ ଦୁଇଟି ରାଜନୈତିକ ଏଫ୍‌ଆଇଆର କ୍ୟାପିଟାଲ ଥାନାରେ ପହଞ୍ଚିବା ପରେ ଏବେ ବିଜେଡି ଶିବିର ସମେତ ରାଜଧାନୀ ରାଜନୀତିକୁ ସରଗରମ କରିଛି । ସାଧାରଣ ନିର୍ବାଚନ ପରଠାରୁ ବାଇଁଆ-ଲିଟୁ ଓ ଅଶୋକ ପଣ୍ଡା ଗୋଷ୍ଠି ପରସ୍ପରକୁ ପରୋକ୍ଷ ନିଶାଣ କରୁଥିବାବେଳେ ଏଥର କିନ୍ତୁ ସିଧାସଳଖ ମଇଦାନକୁ ଓହ୍ଲାଇଛନ୍ତି । ତେବେ ବିଜେଡିର ଏଭଳି ଲଢେଇକୁ ବିଜେପି କିନ୍ତୁ ମନଭରି ଉପଭୋଗ କରିବାରେ ଲାଗିଛି । କାରଣ ରାଜଧାନୀରେ ବିଜେଡି ଯେତେ ଦୁର୍ବଳ ହେବ ତାହାର ପ୍ରଭାବ ସାରା ରାଜ୍ୟରେ ପଡିବ ଓ ବିଜେପି ସିଧାସଳଖ ଏଥିରୁ ଫାଇଦା ପାଇବ ।

# ମା’ ଦୁର୍ଗାଙ୍କ ଆଗମନର ବାର୍ତ୍ତାବହ କାଶତଣ୍ଡୀ ଫୁଲ

**ବୈଶିଙ୍ଗା, ୨୩।୯ (ସଂଚାର ବ୍ୟୁରୋ):** କାଶତଣ୍ଡୀ ଫୁଲ ପ୍ରକୃତିର ଏକ ବିଚିତ୍ର ସୃଷ୍ଟି। ଶରତ ଆସିଲେ ରାସ୍ତା ପାର୍ଶ୍ୱ, ନଦୀ ପଠା, ଚାଷ କ୍ଷେତରେ ଦେଖିବାକୁ ମିଳିଥାଏ କାଶତଣ୍ଡୀର ସମ୍ଭାର। କୁହାଯାଏ କାଶତଣ୍ଡୀର ଚାମର ସ୍ପର୍ଶରେ ଧରା ଅବତରଣ କରନ୍ତି ମା ଦୁର୍ଗା।



ଶରତର ଶାରଦୀୟ ଦୁର୍ଗାପୂଜା ଆଗମନର ଅବ୍ୟବହିତ ପୂର୍ବରୁ ଧରଣୀ ବକ୍ଷରେ ଚାରିଆଡେ କାଶତଣ୍ଡୀ ପୁଷ୍ପର ସମାହାର ସତରେ ଯେମିତି ଧରଣୀ ରାଣୀ ଧବଳ ବସ୍ତ୍ରରେ ଆଚ୍ଛାଦିତ । ସକାଳର କଅଁଳ ସୂର୍ଯ୍ୟ କିରଣ ସହିତ ବୁନ୍ଦା ବୁନ୍ଦା ଶିଶିର ସାଙ୍ଗକୁ ଖିଲି ଖିଲି ପବନ ଏକ ଅପରୂପ ସୌନ୍ଦର୍ଯ୍ୟ ମନ ମୋହି ଦେଇଥାଏ। ବିଷାଦ ଗ୍ରସ୍ତ ମନୁଷ୍ୟ ଏହି ସମୟରେ ନିଜକୁ ଧନ୍ୟ ମଣିଥାଏ। ଚାଷ କାର୍ଯ୍ୟ ସରିଯିବା ପରେ ଚାଷୀଟିଏ କ୍ଷେତ ବୁଲି ଆସିବା ବେଳେ ଦଣ୍ଡିଏ ଏହି କାଶତଣ୍ଡୀ ପୁଷ୍ପ ରାଜି ବକ୍ଷରେ ନିଜକୁ ହଜାଇ ଦେଇଥାଏ। ସେଥି ପାଇଁ ବର୍ଷକୁ ଥରେ ଏହି ଶରତ ଋତୁକୁ ଚାତକ ପରି ଚାହିଁ ରହିଥାଏ ସାଧାରଣ ମଣିଷ ନିଜର ଦୁଃଖ ଲାଘବ ପାଇଁ । ଧରଣୀ ବକ୍ଷରେ ମୌସୁମୀର ବିଦାୟ ପାଖେଇ ପାଖେଇ ଆସୁଥିବା ବେଳେ ପାର୍ବଣ ପର୍ବରେ ମସଗୁଲ ହୋଇଥାନ୍ତି ଜନସମାଜ ।

ବେତନଟୀ ବ୍ଲକ ଅଧୀନର ବିଭିନ୍ନ ସ୍ଥାନରେ ବହୁସଂଖ୍ୟାରେ ଫୁଟି ଥିବା କାଶତଣ୍ଡୀ ଫୁଲ ସତେ ଯେପରି ପାର୍ବଣ ଋତୁକୁ ସ୍ୱାଗତ କରୁଛି । ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗାର ଅନତୀ ଦୂରରେ ବହି ଯାଇଥିବା ବୁଢ଼ାବଳଙ୍ଗର ଉଭୟ ପାର୍ଶ୍ୱ ଓ ପଠାମାନଙ୍କରେ ଫୁଟିଥିବା ଏହି କାଶତଣ୍ଡୀ ଫୁଲର ସମ୍ଭାର କବି, ଲେଖକ, ଭାବୁକମାନଙ୍କୁ ଆକର୍ଷିତ କରୁଛି । ଶରତର ନିର୍ମଳ ଆକାଶ, ସ୍ୱଚ୍ଛ ଜଳରାଶି ସାଙ୍ଗକୁ କାଶତଣ୍ଡୀର ଧବଳ ପୁଷ୍ପ ରାଶି ପ୍ରେମିକ, ପ୍ରେମିକାକୁ ଆକର୍ଷିତ କରୁଛି । ଏହା ସହ ବିଭିନ୍ନ ସ୍ଥାନରେ ଏହି ଧବଳ ରଙ୍ଗର ଫୁଲକୁ ନେଇ ଅନେକ ଛାତ୍ରଛାତୀ ମଧ୍ୟ ଏକଜୁଟ ହୋଇ ସେଲ୍ଫି ଉଠାଇ ମଜା ନେଉଥିବାର ଦେଖାଯାଉଛି ।

## ପ୍ରହସନ ପାଲଟିଛି ଜିଲ୍ଲାପାଳଙ୍କ ଜନଶୁଣାଣି

# ଶୁଣାଣି ହେଉଛି ଲୋକଙ୍କୁ ସୂଚନା ଦିଆଯାଉନାହିଁ

**ପାଟଣାଗଡ, ୨୩।୯ (ସଂଚାର ବ୍ୟୁରୋ):** ସରକାର ଜନସାଧାରଣଙ୍କୁ ହାତ ପାହାନ୍ତାରେ ସୁବିଧା ସୁଯୋଗ ଯୋଗାଇ ଦେଇବା ନିମନ୍ତେ ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ଆପତ୍ତି ଅଭିଯୋଗ ଗ୍ରହଣ କରି ସମସ୍ୟାର ସମାଧାନ କରିବା ର ବ୍ୟବସ୍ଥା କରିଛନ୍ତି । କିନ୍ତୁ ତାହା କାର୍ଯ୍ୟକାରୀ ନ ହୋଇ କାଗଜ କଲମରେ ସୀମିତ ରହି ଯାଉଥିବା ବେଳେ ଜଣାଶୁଣାନି ପ୍ରହସନ ବୋଲି ଅଭିଯୋଗ ହେଉଛି ।




ସୋମବାର ଦିନ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ସଭାଗୃହରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଙ୍କ ଯୁଗ୍ମ ଜଣ ଶୁଣାଣୀ କାର୍ଯ୍ୟକ୍ରମ ଅବ୍ୟବସ୍ଥା ଘେରରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜନଶୁଣାଣୀ ଶିବିର ଅନୁଷ୍ଠିତ ହେବ ବୋଲି କାହାକୁ ମଧ୍ୟ ସୂଚନା ଦିଆ ଯାଇନଥିବା ଜଣା ପଡିଛି । ଉପାନ୍ତ ଅଞ୍ଚଳ ରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ରୁ ଏନେଇ ଜିଲ୍ଲାପାଳ ଙ୍କ ଦୃଷ୍ଟି ଗୋଚର ସକାଶେ ଅଭିଯୋଗ କରିପାରୁ ନାହାନ୍ତି। ଲୋକଙ୍କ ସୁବିଧା ନିମନ୍ତେ ଗ୍ରାମାଞ୍ଚଳ ରେ କରାଯାଉଥିବା ସରକାର ଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରାମକୁ ସ୍ଥାନୀୟ ପ୍ରାସାଷନହ ବାଟବଣା କରାଯାଇ କେବଳ ଲୋକ ଦେଖା ଅଣିଆ ଢଙ୍ଗ ରେ ଜେଣ ତେଣ ପ୍ରକାରେ ସାରିଦେଇ ପ୍ରାସାଷନ ବାହା ବାହା କୁ ଜନସାଧାରଣ ରେ ଅସନ୍ତୋଷ ଦେଖାଦେଇଛି । ଅଞ୍ଚଳ ରେ ଜିଲ୍ଲାପାଳଙ୍କ ଜଣାଶୁଣାଣୀ ପ୍ରହସନ ବୋଲି ଚର୍ଚ୍ଚା ହେଉଛି ।

## ଶିକ୍ଷାବର୍ଷ ୬ ମାସ ବିତିଲା

# ରାତିପାହିଲେ ସମେଟିଭ୍ ପରୀକ୍ଷା, ୪ର୍ଥ ଇଂରାଜୀ ବହି ମିଳିଲା ନାହିଁ

**କଣାସ, ୨୩।୯ (ସଂଚାର ବ୍ୟୁରୋ):** ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବାପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରି ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ଖାଇବା, ପିନ୍ଧିବା, ପୁସ୍ତକ ସହ ଖେଳଉପକରଣ ଯୋଗାଇ ଦେବା କାର୍ଯ୍ୟକରୁଛନ୍ତି। ହେଲେ ଚଳିତ ଶିକ୍ଷାବର୍ଷ ୬ମାସ ବିତିଯାଇଥିବା ବେଳେ ରାତିପାହିଲେ ଛାତ୍ରଛାତ୍ରୀମାନେ ସମେଟିଭି ପରୀକ୍ଷା ଦେବେ। କିନ୍ତୁ ଦୁଃଖର ବିଷୟ କଣାସ ବ୍ଲକରେ ୪ର୍ଥ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଇଂରାଜୀ ବହି ବର୍ତ୍ତମାନ ସୁଧା ଦିଆଯାଇନଥିବାରୁ ଛାତ୍ରଛାତ୍ରୀମାନେ ଇଂରାଜୀ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ପୁସ୍ତକ ବଣ୍ଟନ ଦାୟିତ୍ୱରେ ଥିବା ଅତିରିକ୍ତ ଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ନାୟକଙ୍କୁ ପଚାରିବାରୁ ସେକୁହନ୍ତି ବହି ଆସିଛି ସମୟ ଅଭାବରୁ ଦିଆଯାଇପାରିନାହିଁ ଏବେ ଦିଆଯିବ।

# ସୋନପୁରରେ ଉଦ୍‌ଘାଟିତ ହେଲା ଓମ୍‌ଫେଡ୍ ଡାଏରୀ ପ୍ଲାଣ୍ଟ

**ସୁବର୍ଣ୍ଣପୁର, ୨୩।୯ (ସଂଚାର ବ୍ୟୁରୋ):** ସୋନପୁର ସଦର ବ୍ଲକ କଳାପଥର ଠାରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୧୪ କୋଟି ୬୩ ଲକ୍ଷ ୧୮ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଓମଫେଡ ଡାଏରୀ ପ୍ଲାଣ୍ଟ ରବିବାର ଦିନ ଉଦଘାଟିତ ହୋଇଯାଇଛି। ଏଠାରେ ଦୈନିକ ୫୦ ହଜାର ଲିଟର ଦୁଗ୍ଧ ପ୍ରକ୍ରିୟା କରଣ ହେବାକୁ ଥିବାବେଳେ ଉପକୃତ ହେବେ ହଜାର ହଜାର ଦୁଗ୍ଧ ଚାଷୀ। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ବୌଦ୍ଧ ବିଧାୟକ ତଥା ଶାସକ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଓମଫେଡ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ଓମଫେଡର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଳାଙ୍ଗେ, ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଏହି ଡାଇରି ପ୍ଲାଣ୍ଟ ହେବା ଫଳରେ ପାଖ ପଡୋଶୀ ଜିଲ୍ଲାର ହଜାର ହଜାର ଦୁଗ୍ଧ ଚାଷୀ ଉପକୃତ ହେବେ ବୋଲି ସୂଚନା ଦିଆଯାଇଛି। ଏଠାରେ ଦୁଗ୍ଧ ଦ୍ରବ୍ୟ ହିସାବ ରେ ପାଶ୍ଚରାଇଜ ପକେଟ ଦୁଗ୍ଧ, ସାଧା ଦହି, ମିଠା ଦହି, ପନୀର, ଘିଅ, ଲସି, ଖୁଆ, ପେଡା ଆଦି ପ୍ରସ୍ତୁତ କରାଯାଇ ପାରିବ ବୋଲି ଓମଫେଡ଼ ପକ୍ଷରୁ କୁହାଯାଇଛି। ଏହି ପ୍ଲାଣ୍ଟ ଦ୍ୱାରା ସୋନପୁର,ବଲାଙ୍ଗୀର, ବୌଦ୍ଧ ତଥା ଫୁଲବାଣୀ ଜିଲ୍ଲାର ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଓମଫେଡ ଦୁଗ୍ଧ ଜାତ ଦ୍ରବ୍ୟର ମାର୍କେଟିଙ୍ଗ ନେଟୱାର୍କ ମଜବୁତ ହେବ। ସେହିପରି ଦୁଗ୍ଧ ଚାଷୀମାନେ ବର୍ଷ ସାରା ସେମାନଙ୍କ ବଳକା ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ବିକ୍ରୟ କରି ବେଶ ଉପକୃତ ହେବେ ବୋଲି ସୂଚନା ଦିଆଯାଇଛି।

# ଭାରତ ସ୍କାଉଟସ ଗାଇଡ୍‌ର ସାଧାରଣ ବୈଠକ

**ଖୋର୍ଦ୍ଧା, ୨୩।୯ (ସଂଚାର ବ୍ୟୁରୋ):** ବି.ଜେ.ବି ହାଇସ୍କୁଲ ଖୋର୍ଦ୍ଧା ଠାରେ ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟସ୍ ଓ ଗାଇଡର ସାଧାରଣ ସଭା ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଡ଼ ଅମ୍ରିତା ପ୍ରୀତିନନ୍ଦାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ୨୦୦ରୁ ଅଧିକ ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ସ୍କାଉଟମାଷ୍ଟର ଗାଇଡ କ୍ୟାପଟେନକୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି ।




ସର୍ବପ୍ରଥମେ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇଙ୍କ ସାଧାରଣ ବୈଠକ ଉଦ୍ଦେଶ୍ୟରେ ଦେଇଥିବା ଶୁଭେଚ୍ଛା ବାର୍ତ୍ତାକୁ ପଠନ କରାଯାଇଥିଲା । ଏହି ବୈଠକରେ ସ୍କାଉଟ ଗାଇଡ ଖୋଲାଯାଇନଥିବା ବିଦ୍ୟାଳୟ ମାନଙ୍କରେ ତୁରନ୍ତ ଖୋଲିବା ପାଇଁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼ ପ୍ରୀତିନନ୍ଦା ସମସ୍ତ ପ୍ରଧାନଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ୨୦୨୪-୨୫ର ବାର୍ଷିକ ବଜେଟ୍ ଏବଂ ଆସନ୍ତା ନଭେମ୍ବର ମାସରେ ହେବାକୁଥିବା ପ୍ରସ୍ତାବିତ କ୍ୟାମ୍ବୋରୀ ପାଇଁ ଏକ ବଜେଟ୍ ଉପସ୍ଥାପନ କରାଯାଇ ଅନୁମୋଦନ କରାଯାଇଥିଲା । ଏଥିସହିତ ରାଜ୍ୟ ପୁରସ୍କାର ପରୀକ୍ଷା ଏବଂ ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନଙ୍କୁ ତାଲିମ ପ୍ରଦାନ, ସମସ୍ତ ବ୍ଲକ ରେ ସ୍କାଉଟ ଗାଇଡର କମିଟି ଗଠନ କରାଯାଇଥିବାବେଳେ ଏହାକୁ ସୁଦୃଢ଼ କରିବା ପାଇଁ ସାଧାରଣ ସଭାରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିସହିତ ପ୍ରତ୍ୟେକ ବିଦ୍ୟାଳୟରେ ସୁନିଶ୍ଚିତ ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ଆଲୋଚନା କରଯାଇଥିଲା । ସ୍କାଉଟ ମାଷ୍ଟର ବିଭୁପ୍ରସାଦ ସେନାପତି ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ପ୍ରଧାନଶିକ୍ଷକ ତଥା ଜିଲ୍ଲା ସ୍କାଉଟ କମିଶନର ପ୍ରଭାକର ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଗାଇଡ କମିଶନର ଜୟନ୍ତୀ ହୋତା ସ୍କାଉଟ ଗାଇଡ଼ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରିଥିବାବେଳେ ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ପ୍ରସ୍ତାବିତ ବଜେଟକୁ ଉପସ୍ଥାପନ କରିଥିଲେ । ରାଜ୍ୟ ତାଲିମଦାତା ରମେଶ କୁମାର ବଳବନ୍ତରାୟ, ଉପଦେଷ୍ଟା ଦିବାକର ପଟ୍ଟନାୟକ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ପ୍ରାକ୍ତନ ଜିଲା ଶାରୀରିକ ଶିକ୍ଷା ନିରିକ୍ଷକ ପଠାଣି ଆଗ୍ରାସିଂ ପ୍ରମୁଖ ଯୋଗଦାନ କରି ସ୍କାଉଟ ଗାଇଡରେ ଖୋର୍ଦ୍ଧା ଜିଲ୍ଲା ରାଜ୍ୟରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବା ନେଇ ମତାମତ ଦେଇଥିଲେ। ଉପଦେଷ୍ଟା ଭୁବନାନନ୍ଦ ରାଉତ, ସ୍କାଉଟ ମାଷ୍ଟର ଶ୍ୟାମସୁନ୍ଦର ହୋ, ଚିତ୍ତରଞ୍ଜନ ବରାଳ, ମାନସ ରଞ୍ଜନ ସେଠି, ଚିନ୍ମୟ ମାର୍ଥା, ପ୍ରଧାନଶିକ୍ଷକ ଗଣେଶ୍ୱର ମିଶ୍ର, ବିଜୟ କୁମାର ପାତ୍ର, ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହସଂପାଦକ ପ୍ରକାଶ କୁମାର ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱବିଦ୍ୟାଳୟରେ ରାଗିଂ

**ବ୍ରହ୍ମପୁର, ୨୩।୯ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ରାଗିଂ ଘଟଣାକୁ ନେଇ ତର୍ଜମା ଆରମ୍ଭ ହୋଇଛି । ଛାତ୍ର ହଷ୍ଟେଲରେ ଏଭଳି ଘଟଣା ବାହାରକୁ ଆସିଥିବା ଜଣା ଯାଇଛି । ଏହାର ସଠିକ୍ ସୂଚନା ମିଳିନାହିଁ । ଏନେଇ ବୈଠକ ହୋଇଥିଲା, ତଦନ୍ତ ଚାଲିଛି ବୋଲି ପିଜି ବିଭାଗ ଅଧ୍ୟକ୍ଷ ପ୍ରଫେସର ଏସ ତ୍ରିପାଠୀ କହିଛନ୍ତି । ତଦନ୍ତ ପରେ ରିପୋର୍ଟ କୁଳପତିଙ୍କୁ ଦିଆଯିବ ।

# ବାଲକାଟିରେ ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ ଶିବିର

**ବାଲକାଟି, ୨୩।୯ (ସଂଚାର ବ୍ୟୁରୋ):** ସୁପରିଟେଣ୍ଡେଣ୍ଟ ଡକ୍ଟର ତନ୍ମୟ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ୩ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ୨୦ଟି ଉପସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ ନୀତିନିୟମ ଅନୁସାରେ ସମସ୍ତ ଡାକ୍ତର ସେବା ଯୋଗାଇଦିଆଯାଇଥିଲା। ଉକ୍ତ ଶିବିରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଟେ ଣ୍ଡେଣ୍ଟ ଡକ୍ଟର ତନ୍ମୟ ତ୍ରିପାଠୀ ଉଦଘାଟନ କରିଥିବା ବେଳେ ଅନ୍ୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯଥା ବାଲକାଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡକ୍ଟର ଅରୁଣଧୋତି ସେନାପତି ଏବଂ ଭିଙ୍ଗାରପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡକ୍ଟର ବନୋଜ ଦାଶ ଏବଂ ଡକ୍ଟର ପଦ୍ମିନି ରାଉତ ଭିଙ୍ଗାରପୁର ଅଧିନରେ ଥିବା ୫ଟି ଆରୋଗ୍ୟ ଶିବିରରେ ଉଦଘାଟନ କରିଥିଲେ। ବେଣୁପୁରର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର୍ ଡକ୍ଟର ଜିତେନ୍ଦ୍ର ମୋହାନ୍ତି ଏବଂ ସରକଣା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡକ୍ଟର ପ୍ରିୟଙ୍କା ସେନାପତି ଏବଂ ଆୟୁଷ ମେଡିକାଲ ଅଫିସର ଡକ୍ଟର ସଲିଳା ମୋହିନି ମୋହାନ୍ତି ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରିଥିଲେ।

# ପିପିଲି ଗସ୍ତରେ କେନ୍ଦ୍ରୀୟ ଜଳ ଜୀବନ ମିଶନ ଅଧିକାରୀ

**ପିପିଲି, ୨୩।୯ (ସଂଚାର ବ୍ୟୁରୋ):** ପିପିଲି ବ୍ଲକର ବିଭିନ୍ନ ପଞ୍ଚାୟତ କୁ ଦୁଇ ଦିନିଆ ଗ୍ରସ୍ତରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିଛନ୍ତି କେନ୍ଦ୍ରୀୟ ପ୍ରତିନିଧି ଦଳ। କେନ୍ଦ୍ରୀୟ ଜଳ ଜୀବନ ମିଶନ ପକ୍ଷରୁ ଆସିଥିବା ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶକ୍ତି ବିକାଶ ନିଗମ/ମୁଖ୍ୟ ଇଞ୍ଜିନିୟର ଜଗଦୀଶ ସିଂ ଚିବ୍ ଓ ପୂର୍ବତନ ରସାୟନ ବିଜ୍ଞାନୀ ଜି ଏସ୍ ଓଝା ପ୍ରମୁଖ ଦୁଇ ଅଧିକାରୀ ଗ୍ରାମାଞ୍ଚଳରେ ହେଉଥିବା ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ଉପରେ ବିଶେଷ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥି ସହିତ ବିଭିନ୍ନ ଗ୍ରାମରେ ସ୍ୱଚ୍ଛ ଭାରତ ମିଶନ ଜରିଆରେ ବର୍ଜ୍ୟ ବସ୍ତୁ ପରିଚାଳନା ବ୍ୟବସ୍ଥା ର ମଧ୍ୟ ସମୀକ୍ଷା କରିଥିଲେ ।



ଏହି ଟିମ ପିପିଲି ବ୍ଲକ ର ଭାରତିପୁର, କଣ୍ଟି ,ଜଗନ୍ନାଥପୁର, ଦାଣ୍ଡମୁକୁନ୍ଦପୁର, ଠଣଠଣା, ଦୁର୍ଗାଦାଶପୁର ଓ ଆରୁହା ଗ୍ରାମ କୁ ଗ୍ରସ୍ତ କରି ଜଳ ଯୋଗାଣ ଯୋଜନା ଗୁଡ଼ିକର କାର୍ଯ୍ୟକାରିତା ଉପରେ ଅନୁଧ୍ୟାନ କରିଥିଲେ। ଜନସାଧାରଣଙ୍କୁ ଜଳ ଯୋଗାଣର ଗୁଣବତ୍ତା ଡିପିଆର ଅନୁଯାୟୀ କାର୍ଯ୍ୟ କରାଯାଇଛି କି ନାହିଁ ,ଜଳ ଯୋଗାଣ ଯୋଜନା ସମାପ୍ତି ପାଇଁ ସମୟସୀମା ପାଳନ କରାଯାଇଛି କି ନାହିଁ , ଯଦି ହୋଇନାହିଁ ତେବେ ନିର୍ଦ୍ଦିଷ୍ଟ ସମୟସୀମା ହାସଲ କରିବାରେ ବାଧା ଏବଂ ସମସ୍ୟା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ଠାରୁ ପଚାରି ବୁଝିଥିଲେ । ଏଥିସହିତ ଗ୍ରାମାଂଚଳ କୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ର ମାନ କିଭଳି ପରୀକ୍ଷା କରିଯିବ ଏହା ଉପରେ ବିଭିନ୍ନ ଗ୍ରାମରେ ମହିଳା ଏସଏଚଜି ଗୋଷ୍ଠୀ, ସିଆରପି ଓ ଏମବିକେ ମହିଳା ମାନଙ୍କୁ ତାଲିମ୍ ଦେଇଥିଲେ ଏହି ପ୍ରତିନିଧି ଦଳ।ତେବେ ଏହି ଗ୍ରସ୍ତ ସମୟରେ ପୁରୀ ଡିଭିଜନର ସହକାରୀ ଯନ୍ତ୍ରୀ ଶର୍ମିଷ୍ଠା ବାଳା ପୃଷ୍ଟି,ଲ୍ୟାବ ଆସିଷ୍ଟାଣ୍ଡ କମଲ୍ କୁମାର ଦାଶ,ପିପିଲି ଜଳ ଓ ପରିମଳ ବିଭାଗ ର କନିଷ୍ଠ ଯନ୍ତ୍ରୀ ନିବେଦିତା ପାଣିଗ୍ରାହୀ,ଅନିତା ରାଜ୍ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## କପ୍ତିପଦା ଉପଖଣ୍ଡରେ ଯୁଗ୍ମ ଜନ ଶୁଣାଣି

# ୧୧୭ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

**ଉଦଳା, ୨୩।୯ (ସଂଚାର ବ୍ୟୁରୋ):** କପ୍ତିପଦା ଉପଖଣ୍ଡ ଅନ୍ତର୍ଗତ ଉଦଳାରେ ଥିବା ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ, ମୟୂରଭଞ୍ଜ ହେମକାନ୍ତ ସଏ ଏବଂ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ, ଏସ୍. ସୁଶ୍ରୀ ଯୋଗଦେଇ ୧୧୭ ଗୋଟି ଜନ ଅଭିଯୋଗର ଶୁଣାଣି କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇ.ଟି.ଡ଼ି.ଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡ଼. ଲକ୍ଷ୍ମୀକାନ୍ତ ପତି ଯୋଗ ଦେବା ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ। ସମସ୍ତ ଅଭିଯୋଗ ମଧ୍ୟରେରେ ୯୪ ଗୋଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ବେଳେ ୨୩ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୫ ଗୋଟି ସମସ୍ୟାର ତତ୍କାଳ ସମାଧାନ କରାଯାଇଥିବାବେଳେ କପ୍ତିପଦା ବ୍ଲକ୍ କୁକୁରଡ଼ିମାର ବୀନତା ବିନ୍ଧାଣୀ, ଉଦଳା ବ୍ଲକ୍ ପାଟପୁରର ଅନିରୁଦ୍ଧ



କରଣ ମୋଟ ଦୁଇ ଜଣଙ୍କୁ ଚିକିତ୍ସା ନିମନ୍ତେ ୧୦ ହଜାର ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରଦାନ କରାଯାଇଥିଲା। ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡ଼ିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ, ମୟୂରଭଞ୍ଜ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡ଼େପୁଟୀ କଲେକ୍ଟର ପ୍ରତୀକ୍ ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ଶାଙ୍ଗାଇ ହେମ୍ବ୍ରମ, ରମେଶ ପୃଷ୍ଟି, ତାପସ ପ୍ରଧାନ, ଉଷାରାଣୀ ବିନ୍ଧାଣୀ, ରଜତ ମଞ୍ଜରୀ ସିଂ, ରାଉତରାୟ ମୁର୍ମୁ, ଶୁଭ୍ରକାନ୍ତ ବେହେରା, ଭବାନୀ ପଣ୍ଡା, ଉଦୟ ନାୟକ, କୈଳାସ ଦନେଇ, ତରୁଣ ମହାପାତ୍ର, ଅଜିତ୍ ମହାପାତ୍ର, ତପୁ ରଂଜନ ପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିବାର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

## ଯୋଡ଼ାରେ ମିଳିତ ଅଭିଯୋଗ ଶୁଣାଣି

# ୨୪୫ ଅଭିଯୋଗର ଶୁଣାଣି କଲେ ପ୍ରଶାସନିକ ଅଧିକାରୀ

**ଯୋଡା, ୨୩।୯ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକରେ ସୋମବାର ଏକ ମିଳିତ ଅଭିଯୋଗ ଶୁଣାଣି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦୁଝର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତିରେ ଉପସ୍ଥିତ ଉଚ୍ଚ ପ୍ରଶାସନିକ ଅଧିକାରୀ ମାନେ ପ୍ରାୟ ୨୪୫ଟି ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ ।

ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଟକୁ କୁଜୁର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଆଲୋକ ପ୍ରଧାନ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗ ଭୂଷଣ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କିଶୋର ଚନ୍ଦ୍ର ପୃଷ୍ଟି, ଯୋଡ଼ା ବ୍ଲକ ଅଧ୍ୟକ୍ଷ କୱିନ୍ଦ୍ର ନାଏକ, ଯୋଡା ବିଡ଼ିଓ ଅରୁଣିମା ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ଶୁଣାଣିରେ ପ୍ରାୟତଃ ବିଦ୍ୟୁତ୍ ଆଲୋକ, ନୂଆ ଅଙ୍ଗନୱାଡ଼ି ନିର୍ମାଣ, ଟ୍ରାଫିକ ସମସ୍ୟା, ରାସ୍ତା ନିର୍ମାଣ, ପାନୀୟ ଜଳ ସମସ୍ୟା, ସ୍କୁଲ ଓ ପାଚେରୀ ନିର୍ମାଣ ପ୍ରଭୃତି ସମସ୍ୟା ଉପରେ ଅଭିଯୋଗ ହୋଇଥିଲା। ଏହି ଅବସରରେ ୧୧ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା ।



# ସଦସ୍ୟତା ଅଭିଯାନରେ ଯୋଗଦେଲେ ବୈଜୟନ୍ତ ପଣ୍ଡା

**ସୁବର୍ଣ୍ଣପୁର, ୨୩।୯ (ସଂଚାର ବ୍ୟୁରୋ):** ସୋନପୁର ବ୍ଲକ ବାବୁପାଲି ଠାରେ ଆଜି ବିଜେପି ପକ୍ଷରୁ ଅନୁଷ୍ଠିତ ହୋଇଥିବା ସଦସ୍ୟତା ସଂଗ୍ରହ ଅଭିଯାନରେ ଯୋଗ ଦେଇଛନ୍ତି ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା। ବିଜେପି ଦେଶ ଏବଂ ଜାତିର ବିକାଶ ପାଇଁ ପ୍ରତିଶୃତି ବଦ୍ଧ ବୋଲି କହିବା ସହ ବିଜେପିର ସଦସ୍ୟତା ଗ୍ରହଣ କରି ଶକ୍ତ ଭାରତ ଏବଂ ଶକ୍ତ ଓଡିଶା ଗଠନ ଦିଗରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ବିଜେପି ସଭାପତି ପ୍ରମୋଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଶରତ ଶତପଥି, ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସ୍ୱରୂପ ପାତ୍ର, କାଉନସିଲର ଗଙ୍ଗାଧର ତରିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗୁପ୍ତ ପ୍ରକାଶ ମିଶ୍ର, ପ୍ରବୀଣ ପଟ୍ଟନାୟକ, କୁନାଲ ପ୍ରଧାନ, ସଂଜୀବ ମେହେର, ବବ୍ରୁବାହାନ ମେହେର, ନିତୁ ଦରୱାନ ପ୍ରମୁଖଙ୍କ ସହ ଅନ୍ୟମାନେ ବିଜେପିରେ ଯୋଗ ଦେଇଥିଲେ। ପରେ ବିଜେପି କାର୍ଯ୍ୟାଳୟରେ ବିଜେପିର ସଦସ୍ୟତା ଅଭିଯାନକୁ ବ୍ୟାପକ କରିବା ପାଇଁ ହୋଇଥିବା ବୈଠକରେ ସାଂସଦ ଶ୍ରୀ ପଣ୍ଡା ଯୋଗ ଦେଇ ମାର୍ଗ ଦର୍ଶନ କରିଥିଲେ।

# ବିଦ୍ୟାଳୟରେ ତାଲା, ଗଛମୂଳେ ପଢୁଛନ୍ତି ପିଲା

## ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଛି ଖୋଲା ଆକାଶ ତଳେ

**କଳାହାଣ୍ଡି, ୨୩।୯ (ସଂଚାର ବ୍ୟୁରୋ):** ଗୋଲାମୁଣ୍ଡା ବ୍ଲକ ଚହକା ପଞ୍ଚାୟତର ଧଅଁରାମାଳ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଗତ ୧୪ ସେପ୍ଟେମ୍ବରରୁ ତାଲା ପଡିଥିବା ଦେଖିବାକୁ ମିଳିଛି । ସ୍କୁଲରେ ତାଲା ପଡିବାରୁ ଶିକ୍ଷାଦାନାରେ ବାଧାପ୍ରାପ୍ତ ହେବା ସହ ମଧ୍ୟାହ୍ନ ଭୋଜନରେ ମଧ୍ୟ ବ୍ୟଘାତ ସୃଷ୍ଟି ହେଉଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି ।



ସୂଚନାରୁ ପ୍ରକାଶ ଗ୍ରାମର ରାମଚନ୍ଦ୍ର ବାଗଙ୍କ ସ୍ତ୍ରୀ ଉର୍ମିଳା, ବଡ଼ ଭାଉଜ ଓ ତାଙ୍କର ମା’ ନିଜର ଜମି ଅଛି ବୋଲି ସ୍କୁଲକୁ ତାଲା ପକାଇଥିଲେ । ସେମାନେ କହିବା ଅନୁଯାଇ ସ୍କୁଲ ଜାଗା ତାଙ୍କ ପ୍ଲଟରେ ଅଛି ହେଲେ ଆଜି ପର୍ଯ୍ୟନ୍ତ ରାଜସ୍ୱ ନିରୀକ୍ଷକଙ୍କ ଜରିଆରେ ଜମି ଡିମାରକେସନ ହୋଇ ନ ଥିଲା ସ୍କୁଲ କର୍ମଚାରୀ ଓ ପରିଚାଳନା କମିଟି ପ୍ରକାଶ କରିଛନ୍ତି । ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଗାମ୍ବର ମାଝୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭବାନୀ ଶଙ୍କର ଯୋଶୀଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାଇ ଶ୍ରୀ ଯୋଶୀ ସେପ୍ଟେମ୍ବର ୧୫ ରେ ଧଅଁରାମାଳ ସ୍କୁଲ ଗ୍ରସ୍ତ କରି ତଦନ୍ତ କରିଥିଲେ । ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ନେଇ ସ୍କୁଲ ହୋତା ମଧ୍ୟରେ ପଢ଼ାଇବାକୁ ଯୋଜନା ରଖିଥିବା ବେଳେ ରାମଚନ୍ଦ୍ରଙ୍କ ସ୍ତ୍ରୀ, ଭାଉଜ ଓ ମାଁ ଆସି ମନା କରିଥିଲେ । ଯାହା ଫଳରେ କି ଶିକ୍ଷା ଦାନରେ ବାଧାପ୍ରାପ୍ତ ଘଟିଛି । ଶିକ୍ଷାଦାନରୁ ବଞ୍ଚିତ ନ ହେବା ପାଇଁ ସ୍କୁଲ କମିଟି ଓ ଗ୍ରାମବାସୀ ମିଶି ଏକ ବୈଠକ କରି ଗ୍ରାମର ଏକ ବୃକ୍ଷମୂଳରେ ନିୟମିତ ପଢ଼ାଇବା ସହ ଖୋଲା ଆକାଶରେ ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଛି । ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖୋଲା ଆକାଶରେ ରନ୍ଧାଚାଲିଥିବା ବେଳେ କୌଣସି ବିଷାକ୍ତ କୀଟ କାଳେ ପଡିଯାଏ କିଏ ଦାୟୀ ରହିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏ ନେଇଗୋଷ୍ଠୀ ଶିକ୍ଷା ଅଧିକାରୀ ଭବାନୀ ଶଙ୍କର ଯୋଶୀଙ୍କୁ ଫୋନ ଯୋଗେ ପଚାରିବାରୁ ସତ୍ୟ କଥା ବୋଲି ସ୍ୱୀକାର କରିଛନ୍ତି କିନ୍ତୁ ଏବିଷୟରେ ତହସିଲଦାର ଜରିଆରେ ଡିମାରକେସନ ହୋଇଥିବା ବେଳେ ଧର୍ମଗଡ଼ ଉପ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ



କରାଯାଇଛି ବୋଲି କହିଥିଲେ । ଦରକାର ପଡିଲେ ଛାତ୍ରଛାତ୍ରୀ ମାନଙ୍କୁ ଅନ୍ୟ ସ୍କୁଲକୁ ସ୍ଥାନାନ୍ତର କରି ଶିକ୍ଷାଦାନ କରାଯିବ ବୋଲି ମତ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ଏ ଉପରେ ଦୃଷ୍ଟି ଦେଇ ସରକାରୀ ଜାଗାରେ ନୂତନ ବିଦ୍ୟାଳୟ କୋଠା ନିର୍ମାଣ କରିବାକୁ ଗ୍ରାମର ଅନ୍ତ ଯୁଆଡ,ରଞ୍ଜିତ ନାଗ,ସଂକୀର୍ତ୍ତନ ଯୁଆଡ, ଦୀପାଞ୍ଜଳି ଯାନୀ,ଅପନା ଯୁଆଡ, ମେଘ ଯାନୀ ପ୍ରମୁଖ ଦାବି କରିଛନ୍ତି ।

# ‘ଲୋକଙ୍କ ମୁଖ୍ୟମନ୍ତ୍ରୀ’ ଶୁଣିଲେ ଲୋକଙ୍କ ସମସ୍ୟା



- ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ଅନ୍‌ଲାଇନ୍ ପଞ୍ଜୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଲା
- ୧୦୦୦ ଜଣ ଅଭିଯୋଗକାରୀ ପଞ୍ଜୀକରଣ କରିଥିଲେ
- ଭିନ୍ନକ୍ଷମ, ରୋଗୀ ଓ ବରିଷ୍ଠ ନାଗରିକମାନଙ୍କ ପ୍ରତି ଅଭିଯୋଗ ପ୍ରକୋଷ୍ଠରେ ସ୍ୱତନ୍ତ୍ର ଧ୍ୟାନ

**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ‘ଲୋକଙ୍କ ମୁଖ୍ୟମନ୍ତ୍ରୀ’ଙ୍କ ଲୋକଙ୍କ ଅଭିଯୋଗ ଶୁଣିବାର ଧାରା ଜାରି ରହିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପଞ୍ଜୀକୃତ ହୋଇଥିବା ଏକ ହଜାର ଅଭିଯୋଗକାରୀଙ୍କ ଠାରୁ ସେମାନଙ୍କ ସମସ୍ୟା ଶୁଣିଥିଲେ। ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଆଶ୍ୱାସନା ଦେବା ସହିତ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ଠାରୁ ପ୍ରଥମ ଥର ପାଇଁ ପାଇଁ ସମ୍ପୂର୍ଣ୍ଣ ଅନ୍‌ଲାଇନ୍ ପଞ୍ଜୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଲା। ପୂର୍ବରୁ ସାଧାରଣ ଲୋକଟିଏ ପକ୍ଷରେ ଜଣେ ଉଚ୍ଚ ପଦାଧିକାରୀଙ୍କୁ ଭେଟିବା କଷ୍ଟକର ବ୍ୟାପର ଥିଲା। ଆଜି କିନ୍ତୁ ‘ଲୋକଙ୍କ ମୁଖ୍ୟମନ୍ତ୍ରୀ’ ଲୋକଙ୍କୁ ପାଖରେ ବସାଇ ସେମାନଙ୍କ ଦୁଃଖ ଶୁଣୁଛନ୍ତି। ସମାଧାନର ବ୍ୟବସ୍ଥା କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ଆଶ୍ୱାସନା ଭରା କଥାରେ ଖୁସିରେ ଆତ୍ମହରା ହୋଇ ଉଠୁଛନ୍ତି ସମସ୍ତେ। ନିଜେ ମୁଖ୍ୟମନ୍ତ୍ରୀ ଲୋକଙ୍କ ଠାରୁ ଅଭିଯୋଗ ପତ୍ର ଗ୍ରହଣ କରି ଉପସ୍ଥିତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ସମସ୍ୟାର ସମାଧାନ କିପରି ହେବ ସେଥି ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ସକାଳ ୧୧ଟାରେ ଶୁଣାଣି ଆରମ୍ଭ କରି ଅପରାହ୍ନ ପ୍ରାୟ ୫ଟା ପର୍ଯ୍ୟନ୍ତ ଶୁଣାଣି ଜାରି ରଖିଥିଲେ।

ସମୁଦାୟ ୧୦୦୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ଏବଂ ସମସ୍ତ ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଜଣାଇଥିଲେ। ଆଜି ଆସିଥିବା ବିଭିନ୍ନ ଅଭିଯୋଗକାରୀମାନଙ୍କ ମଧ୍ୟରୁ ଜଣେ ଥିଲେ ଅନୁଗୋଳର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଶଙ୍କର ଦାସ। ଚାକିରୀ କାଳରେ ତାଙ୍କ ପ୍ରତି ବହୁ ଅନ୍ୟାୟ ଓ ଅବହେଳା କରାଯାଇଛି ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ଦୁଃଖ ଭରା ଅଭିଯୋଗ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣି, ଅଧୈର୍ଯ୍ୟ ନହେବା ପାଇଁ ପରାମର୍ଶ ଦେଇଥିଲେ ଏବଂ ତାଙ୍କୁ ନ୍ୟାୟ ଦେବା ପାଇଁ ଉପସ୍ଥିତ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆଉ ଜଣେ ଅଭିଯୋଗକାରୀ ଥିଲେ ଭଦ୍ରକ ଜିଲ୍ଲାର ୨୨ ବର୍ଷର ଭିନ୍ନକ୍ଷମ ଯୁବକ ନିରାକାର ନାୟକ। ସାଙ୍ଗରେ ଥିଲେ ତାଙ୍କ ବାପା ଓ ମା’। ଜାପାନୀ ଜ୍ୱରରେ ପୀଡିତ ହୋଇ ଯୁବକ ଜଣକ ଭିନ୍ନକ୍ଷମ ହୋଇଯାଇଛନ୍ତି। ଚିକିତ୍ସା ପାଇଁ ବହୁ ଖର୍ଚ୍ଚାନ୍ତ ହେଲେଣି। ଚିକିତ୍ସା ସାହାଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଠାରୁ ଚିକିତ୍ସା ବାବଦରେ ଆଶ୍ୱାସନା ଭରା ପ୍ରତିଶ୍ରୁତି ଶୁଣି ସେମାନେ ଖୁସି ମନରେ ଫେରିଲେ। ଆଉ ଜଣେ କୋରାପୁଟ ଜିଲ୍ଲାର ଅଭିଯୋଗକାରୀ ରମେଶ ଧଳ, ଗାଁରେ ତାଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାର ବିଷୟ ନେଇ ସପତ୍ନୀକ ଆସିଥିଲେ। ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣି ଜିଲ୍ଲା ଏସ୍.ପିଙ୍କୁ ତୁରନ୍ତ ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆଉ ଜଣେ ଅଭିଯୋଗକାରୀ ଥିଲେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଅଞ୍ଚଳର ସରୋଜିନୀ ଦାସ। ସେ ଅଭିଯୋଗ କରିଥିଲେ ଯେ ତାଙ୍କ ପୁଅକୁ ହତ୍ୟା କରାଯାଇଛି। ହତ୍ୟାକାରୀଙ୍କୁ ଆଜି ସୁଦ୍ଧା ପୋଲିସ ଧରୁନାହିଁ। ମୁଖ୍ୟମନ୍ତ୍ରୀ ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ତୁରନ୍ତ ଜିଲ୍ଲା ଏସ୍.ପିଙ୍କୁ ନିର୍ଦ୍ଦେଶ ଦେଲେ ଏବଂ କହିଲେ ନ୍ୟାୟ ମିଳୁଛି କି ନାହିଁ ମୋତେ ଆସି ଜଣାଇବ। ଅଭିଯୋଗକାରୀ ମହିଳା ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଭରା କଥା ଶୁଣି କହିଲେ ଯେ ମୁଖ୍ୟମନ୍ତ୍ରୀ ମୋ ମନରେ ଭରସା ସୃଷ୍ଟି କଲେ ଯେ ମୁଁ ନିଶ୍ଚିତ ରୂପେ ନ୍ୟାୟ ପାଇବି।

### ସବୁ ଜିଲ୍ଲାରେ ହେବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ ଅଭିଯୋଗ ଶୁଣାଣି ଜନାଦୃତ ହେବାରେ ଲାଗିଛି। ରାଜ୍ୟସ୍ତରୀୟ ଅଭିଯୋଗ ଶୁଣାଣି ସହିତ ଆଗାମୀଦିନରେ ଜିଲ୍ଲାସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ କ୍ୟାମ୍ପ ଖୋଲିବ। ମୁଖ୍ୟମନ୍ତ୍ରୀଙ୍କ ଇଛା ଆଗାମୀ ଦିନରେ ଉତ୍ତର ଓଡ଼ିଶା, ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା ଗସ୍ତ ବେଳେ ସେଠାରେ ଲୋକଙ୍କ ଅଭିଯୋଗ ଶୁଣିବେ ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ଅନୁସାରେ ତଳସ୍ତରକୁ ଯିବା ପାଇଁ ଆଗାମୀ ଦିନରେ ବ୍ୟବସ୍ଥା ରହିଛି ବୋଲି ସୋମବାର ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଘୋଷଣା କରିଛନ୍ତି। ଫଳରେ ଭୁବନେଶ୍ୱର ଆସିପାରୁନ ଥିବା ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ପାଇ ସମସ୍ୟା ଜଣାଇ ସମାଧାନର ଫଳ ପାଇ ପାରିବେ।

### ଚାଷୀଙ୍କ ଦୁଃଖ ବୁଝିଲେ ମୁଖ୍ୟମନ୍ତ୍ରୀ

ସୁଦୂର କେନ୍ଦ୍ରାପଡା ଜିଲ୍ଲା ରାଜକନିକାରୁ ୧୭ଜଣ ଚାଷୀ ତାଙ୍କ ଅଞ୍ଚଳର ବରୁଣା ପ୍ରାଥମିକ କୃଷି ସମବାୟ ସମିତିରେ ହୋଇଥିବା ଆର୍ଥିକ ହେରଫେର ବିଷୟରେ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ପଦଯାତ୍ରାରେ ଆସିଥିଲେ। ସେମାନଙ୍କ ଅଭିଯୋଗ ଥିଲା ଯେ ସମିତିର ଦୁଇ ଜଣ ଅଧିକାରୀ କୃଷକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଆର୍ଥିକ ସହାୟତାକୁ ଚଞ୍ଚକତା କରି ନେଇଯାଇଛନ୍ତି। ସେମାନଙ୍କ ବିରୁଦ୍ଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ମୁଖ୍ୟମନ୍ତ୍ରୀ ନିଜେ ସେମାନଙ୍କ ପାଖକୁ ଆସି ସେମାନଙ୍କ ଠାରୁ ଅଭିଯୋଗ ପତ୍ର ଗ୍ରହଣ କଲେ ଏବଂ ସେମାନଙ୍କ ଆଶ୍ୱାସନା ଦେଇଥିଲେ ଚାଷୀଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ କେବେହେଲେ ପ୍ରଶ୍ରୟ ଦିଆଯିବ ନାହିଁ। ଯଥାଶୀଘ୍ର ଏହି ଅଭିଯୋଗ ଉପରେ ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ମିଳିବା ସହିତ ଆପଣମାନଙ୍କୁ ନ୍ୟାୟ ପ୍ରଦାନ କରାଯିବ।



# କ୍ଷୀର ବି ନକଲି !

**କଟକ,୨୩।୯(ସଂଚାର ବ୍ୟୁରୋ):** ସାଲେପୁରରେ ଅପମିଶ୍ରିତ ଦୁଗ୍ଧ ଫ୍ୟାକ୍ଟ୍ରି ଉପରେ ଚଢାଉ ସିଏମସିର ଖାଦ୍ୟ ବିଭାଗ ଏବଂ କମିଶନରେଟ ପୋଲିସ ମିଳିତ ଚଢାଉ କରିଛନ୍ତି। କଟକ ଜଗତପୁର ଥାନାର ଅତୋଡା ନିକଟ ମହାନଦୀ ପଠା ଜଙ୍ଗଲ ଭିତରେ ଚାଲିଥିଲା ଏହି କ୍ଷୀର କମ୍ପାନୀ ଖାଇବା ସୋଡ଼ା, କେମିକାଲ, ଦୂଷିତ ପାଣି ଏବଂ ଲୁଣ ମିଶାଯାଇ କ୍ଷୀର ପ୍ୟାକେଟ୍ ପ୍ରସ୍ତୁତ ହେଉଥିଲା ବୋଲି ଚଢାଉ ବେଳେ ଜଣାପଡିଛି। କେବଳ କ୍ଷୀର ନୁହେଁ, ଦହି ଏବଂ ଲସି ମଧ୍ଯ ଏଠାରେ ପ୍ରସ୍ତୁତ କରାଯାଉଥିଲା କଟକ, କେନ୍ଦ୍ରାପଡା, ଯାଜପୁର, ପୁରୀ ସହ ବିଭିନ୍ନ ଜିଲ୍ଲାକୁ ରୋହିଣୀ ନାଁରେ କ୍ଷୀର ବିକ୍ରୟ ପାଇଁ ପଠାଯାଉଥିଲା। ସିଏମସିର ହେଲଥ ବିଭାଗ ଏହି କ୍ଷୀର ଫ୍ୟାକ୍ଟ୍ରିରୁ ନମୁନା ସଂଗ୍ରହ କରିଥିବା ବେଳେ ଫ୍ୟାକ୍ଟ୍ରିର ମାଲିକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ହରିହର ମିଶ୍ରଙ୍କ ପରଲୋକ



**ପୁରୀ,୨୩।୯ (ସଂଚାର ବ୍ୟୁରୋ):** ପ୍ରଖ୍ୟାତ କବି, ନାଟ୍ୟକାର, ଗୀତିକାର, ସଂଳାପକାର, ଅଭିନେତା ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ହରିହର ମିଶ୍ରଙ୍କର ପରଲୋକ ଘଟିଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି କିଡନୀ ରୋଗରେ ପୀଡ଼ିତ ଥାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କୁ ୫ ଦିନ ତଳେ ପୁରୀ ସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ସୋମବାର ସକାଳେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ରୂପକଳ୍ପ ମିଶ୍ର, ପୁତ୍ରବଧୂ ଓ ପତ୍ନୀ ଉପସ୍ଥିତ ଥିଲେ। ହରିହର ମିଶ୍ର ଓଡ଼ିଆ ଚଳଚ୍ଚିତ୍ର ‘ଚିଲିକା ତୀରେ’ର ସଂଳାପ ରଚନା କରିବା ସହ ଏହାର ସହ ନିର୍ଦ୍ଦେଶକ ଥିଲେ। ଏଥିରେ ସେ ଅଭିନୟ ବି କରିଥିଲେ। ବିଶ୍ୱନାଥ ମିଶ୍ରଙ୍କ ପ୍ରଯୋଜିତ ତଥା ନଗେନ୍ ରାୟଙ୍କ ନିର୍ଦ୍ଦେଶିତ ତପସ୍ୟା (୧୯୮୦) ଛବିରେ ତାଙ୍କ ରଚିତ ‘ଢାଳିଦିଅ ସାରା ଧରଣୀରେ ଆଜି ତୁମରି ଆଶିଷ ଧାରା...ଆଜି ବି ଖୁବ୍ ଲୋକପ୍ରିୟ। ପ୍ରଫୁଲ୍ଲ କର ଥିଲେ ଏହାର ସ୍ୱରକାର ଓ ଏଥିରେ ଚିତ୍ତ ଜେନା ଓ ବାଣୀ ଜୟରାମ କଣ୍ଠଦାନ କରିଥିଲେ। ସେ ଉଭୟ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ପୁରସ୍କାର ଲାଭ କରିଥିଲେ। ହରିହର ମିଶ୍ରଙ୍କର ପରଲୋକ ଖବର ପାଇ ଜଣାଶୁଣା ସାହିତ୍ୟିକ, ସମାଜସେବୀ, ରାଜନେତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ ପାଇଁ ବାସଭବନରେ ପହଞ୍ଚିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

# ଅର୍ବାନ ହାଟରେ ଅବ୍ୟବସ୍ଥା ଓ ବେଆଇନ ନିର୍ମାଣ ନେଇ କମିଶନରଙ୍କୁ ଅଭିଯୋଗ



**କଟକ,୨୩।୯(ସଂଚାର ବ୍ୟୁରୋ):** କଟକ ଅର୍ବାନ ହାଟରେ ଆଜି ପର୍ଯ୍ୟନ୍ତ ପିଣ୍ଡିରେ ସଠିକ ଭାବରେ ବ୍ୟବସାୟୀଙ୍କୁ ଥଇଥାନ କରାଗଲା ନାହିଁ।ଏହାନେଇ ସିଏମସିକୁ ବାରମ୍ବାର ଅଭିଯୋଗ, ସତ୍ୟତା ଜାଣିବା ପାଇଁ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିବା ପରେ ମଧ୍ୟ ତଥ୍ୟ ମିଳୁନାହିଁ କି ଅଭିଯୋଗ ଆଧାରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।ଏହାକୁ ନେଇ ମଧ୍ୟ ‘ମୋ କଟକ ସୁରକ୍ଷା ମଞ୍ଚ ‘ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ହାଟର ଅବ୍ୟବସ୍ଥା ଉପରେ ଏବଂ ଏହାର ସ୍ଥାୟୀ ସମାଧାନ ନିମନ୍ତେ ସମସ୍ତ ତଥ୍ୟପ୍ରମାଣ ସହ ସାର୍ବଜନୀନ କରାଯାଇଥିଲା ଏବଂ ଏହା ମଧ୍ୟ ଗଣମାଧ୍ୟମରେ ପ୍ରକାଶିତ ପରେ ଆଜି ପର୍ଯ୍ୟନ୍ତ କଟକ ମହାନଗର ନିଗମ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

ଏହାଦ୍ୱାରା ପ୍ରଭାବଶାଳୀ ବ୍ୟକ୍ତି ପିଣ୍ଡିକୁ ଭଡାସୂତ୍ରେ ଲଗାଇବା, ହାଟ ଭିତରେ ବେଆଇନ ଭାବରେ ଅସ୍ଥାୟୀ ନିର୍ମାଣ(ଦୋକାନଘର)କରି ଭଡାସୂତ୍ରେ ଦେବା ସହ ପିଣ୍ଡି ଚାରିକଡ, ରାସ୍ତା ଏବଂ ମୂଖ୍ୟଗେଟ୍ କଡରେ ବ୍ୟବସାୟୀଙ୍କୁ ବସାଇ ବେଆଇନ ଭାବରେ ହାତଗୁଞ୍ଜା ନେଉଥିବା ଅଭିଯୋଗ ହେଉଛି।ହାଟ ଭିତରେ ଜନସାଧାରଣ କିଣାକିଣି କରିବା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏଠାରେ କାର୍ଯ୍ୟରତ ସୁରକ୍ଷା କର୍ମୀ ସୁରକ୍ଷା ଦାୟିତ୍ୱ ଛାଡି ବେପାରୀଙ୍କ ମାଲଲୋଡ କରିବା ଏବଂ ଏମାନଙ୍କ ଠାରୁ ହାତଗୁଞ୍ଜା ନେଉଥିବା ଚର୍ଚ୍ଚା ହେଉଛି।ଏହି ସୁରକ୍ଷା କର୍ମୀଙ୍କ କାର୍ଯ୍ୟରେ ଅବହେଳା ଯୋଗୁଁ ହାଟଭିତରେ ଲୋକମାନେ ଗାଡିମଟରରେ କିଣାକିଣି କରୁଥିବା ଦେଖାଯାଉଛି। ହାଟଭିତରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ, ଗାଡି ପାର୍କିଂ ପାଇଁ ଅସୁବିଧା ଏବଂ ଅନେକ ସମସ୍ୟା ଦେଖାଯାଉଥିବା ବେଳେ ବିଭାଗୀୟ ଅଧିକାରୀ ସଠିକ ଭାବରେ ତଦନ୍ତ ଏବଂ ପରିଦର୍ଶନ କରୁନଥିବା ଦେଖାଯାଉଛି।

ଯାହାଦ୍ୱାରା ଦିନକୁ ଦିନ ଅବ୍ୟବସ୍ଥା ବଢ଼ିବାରେ ଲାଗିଛି ଏବଂ ଅସାମାଜିକ ଯୁବକ, ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରାର୍ଦୁଭାବ ବଢ଼ିବାରେ ଲାଗିଛି। ଏନେଇ ଆଜି ‘ମୋ କଟକ ସୁରକ୍ଷା ମଞ୍ଚ‘ ସମ୍ପାଦକ ଜିତେନ୍ଦ୍ର ସାହୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ସିଏମସି କମିଶନର ଓ ମେୟରଙ୍କୁ ଲିଖିତ ଅଭିଯୋଗ କରିବା ସହ ବ୍ୟବସାୟୀଙ୍କ ତାଲିକା ସାର୍ବଜନୀନ କରିବା ସହ ଏକ ଉଚ୍ଚସ୍ତରୀୟ ତଦନ୍ତ କରି ବେଆଇନ ଅସ୍ଥାୟୀ ନିର୍ମାଣ ଉଚ୍ଛେଦ, ଦୈନିକ ବେଆଇନ ଆଦାୟ ଅର୍ଥକୁ ବନ୍ଦ କରିବା ସହ ବ୍ୟବସାୟୀଙ୍କୁ ସଠିକ ଜାଗାରେ ବ୍ୟବସାୟ ନିମନ୍ତେ ବ୍ୟବସ୍ଥା, ପରିମଳ ବ୍ୟବସ୍ଥାରେ ସୁଧାର, ସ୍ଥାୟୀ ସମାଧାନ ଏବଂ ବେଆଇନ ନିର୍ମାଣ, ଅର୍ଥ ଆଦାୟ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରିଛନ୍ତି।

# ଫସିବେ କି ଡିଏଫ୍‌ଓ ? ଆରମ୍ଭ ହେଲା ବିଭାଗୀୟ ତଦନ୍ତ



**କଳାହାଣ୍ଡି,୨୩।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜାରିଂ ହାଇଟେକ୍ ନର୍ସରୀ ଫରେଷ୍ଟର ସଞ୍ଜୟ ନାୟକ ଆତ୍ମହତ୍ୟା ଘଟଣାରେ ସ୍ଥାନୀୟ ଡିଏଫ୍‌ଓଙ୍କ ସଂପୃକ୍ତି ଅଭିଯୋଗ ଆସିବା ପରେ ବିଭାଗୀୟ ତଦନ୍ତ ଆରମ୍ଭ କଲା ବନ ବିଭାଗ। ମାମଲାର ତଦନ୍ତ ଦାୟିତ୍ୱ ଜଣେ ସିସିଏଫ୍ ରାଙ୍କ ଅଧିକାରୀଙ୍କୁ ଦିଆଯାଇଛି। ଏନେଇ ସୂଚନା ଦେଇଛନ୍ତି ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବିଶ୍ୱାଳ କହିଛନ୍ତି, ଫରେଷ୍ଟରଙ୍କ ସୁଇସାଇଡାଲ ନୋଟରେ ଡିଏଫ୍‌ଓଙ୍କ ସମ୍ପର୍କରେ ଉଲ୍ଲେଖ ଥିବା ପୁଲିସ ସୂଚନା ଦେବା ପରେ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଯଥାଶୀଘ୍ର ତଦନ୍ତ ସାରି ରିପୋର୍ଟ ଦାଖଲ ପାଇଁ ଦିଆଯାଇଛି ନିର୍ଦ୍ଦେଶ। ଦୋଷୀ ଥିବା ନେଇ ତଦନ୍ତରୁ ଜଣାପଡ଼ିଲେ ନିଆଯିବ କଡ଼ା କାର୍ଯ୍ୟନୁଷ୍ଠାନ। ଫରେଷ୍ଟର ସଞ୍ଜୟ ନାୟକ ନିଜୟ କ୍ୱାର୍ଟର୍ସରେ ଆତ୍ମହତ୍ୟା କରିଥିଲେ। ଆଉ ଆତ୍ମହତ୍ୟା ପୂର୍ବରୁ ସେ ଏକ ସୁଇସାଇଡ୍ ନୋଟ୍ ଲେଖିଥିଲେ। ଯେଉଁଥିପାଇଁ ନିଜ ବିଭାଗରେ ଚାଲିଥିବା ଅନେକ ଅକୁହା କଥା ଲେଖିଥିଲେ। ପୁଲିସ ମୃତଦେହ ଉଦ୍ଧାର କଲା ବେଳେ ସେହି ସୁଇସାଇଡ୍ ନୋଟ୍ ଜବତ କରିଥିଲା। ପରିବାର ଲୋକଙ୍କ ଉପସ୍ଥିତିରେ କଳାହାଣ୍ଡି ଏସପିଙ୍କ ଆଗରେ ସେହି ସୁଇସାଇଡ୍ ନୋଟ୍ ପଢ଼ିଥିଲେ ଟାଉନ ଥାନା ଆଇଆଇସି। ସେତେବେଳେ ଉପସ୍ଥିତ ଥିଲେ ସଞ୍ଜୟଙ୍କ ପରିବାର ଲୋକଙ୍କ ସହ ବଡ଼ଭାଇ ରବି ନାରାୟଣ ନାୟକ।

# ସମାଜରେ ଜନପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ବିଶ୍ୱରେ ଭାରତକୁ ଗଣତନ୍ତ୍ରର ଜନନୀ ବୋଲି କୁହାଯାଇଥିବାବେଳେ, ଏହାର ଏକ ସୁଦୀର୍ଘ ବିବିଧ ଗଣତାନ୍ତ୍ରିକ ପରମ୍ପରା ରହିଛି। ନିର୍ବାଚିତ ଜନ ପ୍ରତିନିଧି ମାନଙ୍କର ସମାଜର ଉନ୍ନତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚଳିତ ଦଶନ୍ଧିରେ ସ୍ଥାୟୀ ବିକାଶ ରୂପେ ପରିବେଶ ସମ୍ବେଦନଶୀଳତା କ୍ଷେତ୍ରରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ୨୦୩୦ ମସିହା ସୁଦ୍ଧା ଜାତିସଂଘ ଦେଇଥିବା ଧାର୍ଯ୍ୟ ଲକ୍ଷ ଅନୁଶାରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି କରୁଛି ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ନୂଆଦିଲ୍ଲୀର ପାର୍ଲାମେଣ୍ଟ ଠାରେ ଅନୁଷ୍ଠିତ ଦଶମ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ, ଭାରତୀୟ ଆଞ୍ଚଳିକ ସମ୍ମିଳନୀରେ ଆଲୋଚନା ଆରମ୍ଭ କରି ନିଜର ବକ୍ତବ୍ୟ ଉପସ୍ଥାପନ ଅବସରରେ ଏହା ପ୍ରକାଶ କରିଛନ୍ତି। ବିଧାନପାଳିକା ସମାଜର ସାମଗ୍ରୀକ ଉନ୍ନତି ପାଇଁ ବହୁତ ଗୁଡିଏ ଜନହିତକର ଯୋଜନା ପାରିତ କରିଛନ୍ତି। ଏଥିମଧ୍ୟରେ ପରିବେଶ ସୁରକ୍ଷା ଆଇନ, ଅନୁସୂଚିତ ଜାତି ଓ ଜନଜାତିଙ୍କ ସୁରକ୍ଷା କ୍ଷେତ୍ରରେ ନୀତି ପ୍ରଣୟନ, ଶକ୍ତି ସଂରକ୍ଷଣ ଆଇନ, ସୂଚନା ଅଧିକା ଅଧିନିୟମ, ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଆଇନ, ପ୍ରଧାନମନ୍ତ୍ରୀ ଆବାସ ମିଶନ, ସ୍ମାର୍ଟ ସିଟି ମିଶନ ଓ ଆତ୍ମନିର୍ଭର ଭାରତ ଅଭିଯାନ ଇତ୍ୟାଦି ଅନ୍ତର୍ଭୁକ୍ତ। ଦୀର୍ଘ ସ୍ଥାୟୀ ଓ ସାମଗ୍ରୀକ ବିକାଶ କ୍ଷେତ୍ରରେ ଗୁରୁ ଦାୟିତ୍ୱ ରହିଛି। ବିଶ୍ୱଶାନ୍ତି ଓ ନିରାପତ୍ତା ଆମର ପ୍ରାଥମିକ ଲକ୍ଷ ଅଟେ। ଧନୀ ଓ ଗରିବ ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରି ପରିବେଶ ସୁରକ୍ଷା ଓ ସନ୍ତୁଳନ ଦିଗରେ ଆମକୁ କାର୍ଯ୍ୟ କରିବାକୁ ପଡ଼ିବ। ଡିଜିଟାଲ୍ ଟ୍ରାନ୍ସଫର ମିଶନ ମାଧ୍ୟମରେ ଆମକୁ ଉନ୍ନତି ପଥରେ ଆଗୋଇବାକୁ ପଡ଼ିବ। କ୍ଷୁଧା ମୁକ୍ତ ବିଶ୍ୱ ପ୍ରତିଷ୍ଠା ଦିଗରେ ଭାରତ ଆଗାମୀ ଦିନର ନେତୃତ୍ୱ ନେଇପାରିବ ବୋଲିଶ୍ରୀମତୀ ପାଢ଼ୀ ପ୍ରକାଶ କରିଛନ୍ତି। ଏହି ଅବସରରେ ଲୋକସଭାର ବାଚସ୍ପତି ଶ୍ରୀ ଓମ୍ ବିର୍ଲା ରାଜ୍ୟ ସଭାର ଉପାଧକ୍ଷ ଶ୍ରୀ ହରିବଂଶପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉପବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ, ବିଧାନସଭାର ସଚିବଶ୍ରୀଦାଶରଥୀ ଶତପଥୀ ପ୍ରମୁଖ ଯୋଗ ଦେଇଛନ୍ତି।

# ନିଲମ୍ବିତ କର୍ମଚାରୀଙ୍କୁ ନେଇ ପୋଲିସ ପ୍ରଶାସନ ଉପରେ ପ୍ରଶ୍ନ



**କଟକ,୨୩।୯ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ବର୍ତ୍ତମାନ ଚର୍ଚ୍ଚାରେ ଭରତପୁର ଥାନା କାଣ୍ଡ। ସମୟ ଯେତିକି ଗଡୁଛି ଏହି ଘଟଣା ସେତିକି ଜଟିଳ ହେବାରେ ଲାଗିଛି। ଗୋଟିଏ ପଟେ ନିଲମ୍ବିତ ପୋଲିସ କର୍ମଚାରୀଙ୍କୁ ନେଇ ପ୍ରତିବାଦର ସ୍ୱର ଉଠୁଥିବା ବେଳେ ଅନ୍ୟପକ୍ଷରେ ସମ୍ପୃକ୍ତ କର୍ମଚାରୀଙ୍କର ଏହି ନିଲମ୍ବନ କାର୍ଯ୍ୟାନୁଷ୍ଠାନ ଖୋଦ ପୋଲିସ ବିଭାଗ ଦ୍ୱାରା କରାଯାଇଛି। ସେନେଇ ମଧ୍ୟ ପୋଲିସ ପ୍ରଶାସନ ଉପରେ ପ୍ରଶ୍ନ ଉଠିବା ସହ ଏହାକୁ ବିଭାଗର ତ୍ରୁଟି ବୋଲି କୁହାଯାଉଛି। ଏହା ସହ ବର୍ତ୍ତମାନ ପୋଲିସ ସପକ୍ଷରେ ହେଉଥିବା ପ୍ରତିବାଦ ବିଭାଗର ଅପାରଗତାକୁ ପଦାରେ ପକାଇବା ସହ ରାଜନୀତି ବୋଲି କୁହାଗଲାଣି। ଭରତପୁର ଥାନା ପ୍ରସଙ୍ଗରେ କିଏ ଠିକ୍ ଆଉ କିଏ ଭୁଲ ତାହା ବର୍ତ୍ତମାନ ଚର୍ଚ୍ଚା ଘେରରେ। ତେବେ ସମ୍ପୂର୍ଣ୍ଣ ଘଟଣାରେ କିଛି ମେଜରଙ୍କ ବାନ୍ଧବୀଙ୍କୁ ସମର୍ଥନ କରୁଥିବା ବେଳେ ଆଉ କିଛି ନିଲମ୍ବିତ ପୋଲିସ କର୍ମଚାରୀଙ୍କ ନିଲମ୍ବନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହି ପରିପ୍ରେକ୍ଷୀରେ ପୋଲିସ ଡିଜିଙ୍କୁ ଭେଟିଛନ୍ତି ମାନବାଧିକାର କର୍ମୀ ସସ୍ମିତା ଦାସ। ଭରତପୁର ଥାନା ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣା ତଦନ୍ତ ପ୍ରକ୍ରିୟା ଚାଲୁଥିବା ବେଳେ ଥାନା ଅଧିକାରୀ ଏବଂ କର୍ମଚାରୀମାନଙ୍କୁ କାହିଁକି ନିଲମ୍ବିତ କରାଗଲା ତା ପ୍ରତିବାଦରେ ସୋମବାର ଦିନ ବିଭିନ୍ନ ସାମାଜିକ ସଂଗଠନର ଏକ ପାଞ୍ଚ ଜଣିଆ ଟିମ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ଏକ ଦାବିପତ୍ର ଦେଇଛନ୍ତି। ତେବେ ତଦନ୍ତ ଶେଷ ନ କରି କର୍ମଚାରୀଙ୍କୁ ନିଲମ୍ବନ କରିବା ପୋଲିସ ପ୍ରଶାସନର ଏକ ତ୍ରୁଟି ବୋଲି ଶ୍ରୀମତୀ ଦାସ କହିଛନ୍ତି। ଏହାସହ ଆଦର୍ଶ ଥାନାରେ ସିସି ଟିଭି ନ ରହିବା ଏକ ନିନ୍ଦନୀୟ ଘଟଣା ବୋଲି ଶ୍ରୀମତୀ ଦାସ ମତ ରଖିଛନ୍ତି।



କଟକ ଜିଲ୍ଲା ବିଜେଡି ମହିଳା ଶାଖା କର୍ମକର୍ତ୍ତା ନବୀନ ନିବାସରେ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟିଲେ

# ମନ୍ଦିର ଖାଦ୍ୟ-ଯାଞ୍ଚ ହେଉନି



**ଭୁବନେଶ୍ୱର, ୨୩।୯:** ରାଜ୍ୟର ସହରାଞ୍ଚଳରେ ଥିବା ମନ୍ଦିରଗୁଡିକ ଏବେ ଲୋକଙ୍କ ପାଇଁ ହୋଟେଲର ବିକଳ୍ପ ସାଜିଥିବାବେଳେ ଏମାନେ ପ୍ରସ୍ତୁତ କରୁଥିବା ଖାଦ୍ୟର ନିୟମିତ ଯାଞ୍ଚ ହେଉନାହିଁ। ଫଳରେ ଅଧିକାଂଶ ମନ୍ଦିର କର୍ତ୍ତୃପକ୍ଷ ନିମ୍ନମାନର ଖାଦ୍ୟ ପ୍ରସ୍ତୁତି କରି ବେଶ୍ ମୁନାଫା ଉଠାଇବାରେ ଲାଗିଛନ୍ତି। ରାଜଧାନୀରେ ଏବେ ଶତାଧିକ ମନ୍ଦିରରେ ଦୈନିକ ଖାଦ୍ୟ ପ୍ରସ୍ତୁତ ହେଉଛି। ପ୍ରସାଦ ନାମରେ ଏହି ଖାଦ୍ୟକୁ ଲୋକେ କିଣି ନେଉଛନ୍ତି। ମନ୍ଦିରରେ ମଧ୍ୟ ବସି ଖାଇବାର ବ୍ୟବସ୍ଥା ହୋଇଛି। ମନ୍ଦିରର ସାତ୍ତ୍ୱିକ ଖାଦ୍ୟ ପ୍ରତି ଲୋକଙ୍କର ଗଭୀର ଆସ୍ଥା ରହିଥିବାବେଳେ ଅଧିକାଂଶ ମନ୍ଦିର କିନ୍ତୁ ବ୍ୟବସାୟ ମୁହାଁ ହୋଇଛନ୍ତି। ଏମାନେ ପ୍ରସ୍ତୁତ କରୁଥିବା ଖାଦ୍ୟର ମାନ ଯାଞ୍ଚ ହେଉନଥିବାରୁ କେତେକ ମନ୍ଦିରରେ ଅତ୍ୟନ୍ତ ନିମ୍ନମାନର ଖାଦ୍ୟ ପ୍ରସ୍ତୁତ ଓ ବିକ୍ରି ହେଉଛି। ରାଜ୍ୟ ରାଜଧାନୀରେ ଶହେରୁ ଅଧିକ ମନ୍ଦିରରେ ଦୈନିକ ଖାଦ୍ୟ ପ୍ରସ୍ତୁତ ଚାଲିଛି। ମନ୍ଦିର ବାହାରେ ଏଥିପାଇଁ ବୋର୍ଡ ଲାଗିଛି। ଏଠାରେ ପ୍ରସାଦ ମିଳେ ଓ ଲୋକଙ୍କୁ ପାର୍ସଲ ଦିଆଯାଏ ବୋଲି ମନ୍ଦିର କର୍ତ୍ତୃପକ୍ଷ ବିଜ୍ଞାପନ କରୁଛନ୍ତି। ହେଲେ ଏହିସବୁ ମନ୍ଦିରରେ କେଉଁ ମାନର ଖାଦ୍ୟ ପ୍ରସ୍ତୁତ ହେଉଛି ସେଥିପାଇଁ ଖାଦ୍ୟ ନିରୀକ୍ଷକମାନେ ବିଶେଷ ଧ୍ୟାନ ଦିଅନ୍ତି ନାହିଁ। ଫଳରେ ଶାକାହାରୀ ଖାଦ୍ୟ ନାମରେ କେତେକ ମନ୍ଦିର ଅତ୍ୟନ୍ତ ନିମ୍ନମାନର ଡାଲି, ପନିପରିବା, ମସଲା, ତେଲ, ଘିଅ ଆଦି ବ୍ୟବହାର କରୁଛନ୍ତି। ଯେହେତୁ ଲୋକେ ଠାକୁରଙ୍କ ମନ୍ଦିରରୁ ଖାଦ୍ୟ ଖରିଦ କରୁଛନ୍ତି ତେଣୁ ମାନ ନେଇ ପ୍ରଶ୍ନ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ସହରର କେତେକ ମନ୍ଦିରରେ ଏବେ ମାଟିକୁଡୁଆରେ ଖାଦ୍ୟ ଦିଆଯାଉଥିବାବେଳେ ଅଧିକାଂଶ ମନ୍ଦିରରେ ପଲିଥିନ୍‌ରେ ଖାଦ୍ୟ ପାର୍ସଲ ଦିଆଯାଉଛି। ପୌର ଅଧିକାରୀମାନେ ପଲିଥିନ ଜବତ ପାଇଁ ବିଭିନ୍ନ ସ୍ଥାନରେ ଚଢଉ କରୁଥିବାବେଳେ ଥରୁଟିଏ କୌଣସି ମନ୍ଦିରରେ ଚଢଉ କରିଥିବାର ନଜିର ନାହିଁ। ଗରମ ରନ୍ଧାଖାଦ୍ୟ ନିମ୍ନମାନର ପଲିଥିନ୍‌ରେ ନେବା ଓ ତାହାକୁ ସେବନ କରିବା ସ୍ୱାସ୍ଥ୍ୟପାଇଁ ଅତ୍ୟନ୍ତ କ୍ଷତିକାରକ ହୋଇଥିଲେ ମଧ୍ୟ ସେଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଅଧିକାଂଶ ମନ୍ଦିରରେ ଖାଦ୍ୟରେ ଘିଅ ବ୍ୟବହାର ହେଉଥିବା କୁହାଯାଉଛି। କେତେକ ମନ୍ଦିରରେ ସୂର୍ଯ୍ୟମୁଖୀ ଓ ଅନ୍ୟାନ୍ୟ ତେଲ ବି ବ୍ୟବହାର ହେଉଛି। ତେବେ ବଜାରରେ ଏବେ ଅତ୍ୟନ୍ତ ଶସ୍ତା, ନିମ୍ନମାନ ଓ ଅପମିଶ୍ରିତ ଘିଅ ଓ ତେଲ ମିଳୁଥିବାରୁ ଚଢା ଦରରେ ପ୍ରସାଦ ବିକ୍ରି କରୁଥିବା ମନ୍ଦିରମାନେ କେଉଁ ମାନର ଘିଅ ଓ ତେଲ ବ୍ୟବହାର କରୁଛନ୍ତି ଖାଦ୍ୟ ସୁରକ୍ଷା ଅଧିକାରୀମାନେ ତାହାର ଯାଞ୍ଚ କରିବା ନିହାତି ଆବଶ୍ୟକ ବୋଲି ମତପ୍ରକାଶ ପାଉଛି। ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀମାନେ ନକଲି ଖାଦ୍ୟ ସାମଗ୍ରୀ ଯାଞ୍ଚକରି ମଝିରେ ମଝିରେ ବାହାବା ନେଉଥିବାବେଳେ ଲକ୍ଷ ଲକ୍ଷ ଲୋକଙ୍କ ଖାଉଥିବା ମନ୍ଦିରର ଖାଦ୍ୟକୁ ନିୟମିତ ଭାବେ ଯାଞ୍ଚ କରିବାକୁ ମତପ୍ରକାଶ ପାଉଛି। କେବଳ ଖାଦ୍ୟର ମାନ ନୁହେଁ କେଉଁଭଳି ପରିବେଶରେ ମନ୍ଦିର କର୍ତ୍ତୃପକ୍ଷ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି କେଉଁ ପାଣି ବ୍ୟବହାର କରୁଛନ୍ତି ତାହାର ମଧ୍ୟ ଯାଞ୍ଚ ଜରୁରୀ ବୋଲି ମତପ୍ରକାଶ କରାଯାଉଛି। (ତଥ୍ୟ)

# ବନ ସୁରକ୍ଷା କମିଟି ସଭାପତି ହେଲେ ଗୋପାଳ ଚନ୍ଦ୍ର



**କୋଣାର୍କ,୨୩।୯(ସଂଚାର ବ୍ୟୁରୋ):** ରାମଚଣ୍ଡୀ ଥାନା ଅଧିନସ୍ଥ ବାଲିକପିଳେଶ୍ୱର ମେଡିକାଲ ଠାରେ କୋଣାର୍କ ବନବିଭାଗ ପକ୍ଷରୁ ବାଲିକପିଳେଶ୍ୱର ବନ ସୁରକ୍ଷା କମିଟିର କାର୍ଯ୍ୟକାରୀ କମିଟି ଓ ସଭାପତି ନିର୍ବାଚନ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ମାଧ୍ୟମରେ କରା ଯାଇଛି ସଭାପତି ଭାବେ ପୁଣିଥରେ ଗୋପାଳ ଚନ୍ଦ୍ର ବେହେରା ମନୋନୟନ ହୋଇଛନ୍ତି। କୋଣାର୍କ ବନାଚଂଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନ ସମ୍ବନ୍ଧୀୟ ବୈଠକରେ ଇଡିସି ଅଧିନସ୍ଥ ଖାଲକଟାପାଟଣା, ଟିକନା, କାନପୁର ଓ ବରପଦା ସମେତ ୧୪ଗୋଟି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସଦସ୍ୟ ଉପସ୍ଥିତ ଥିବା ବେଳେ ସୁରକ୍ଷା କମିଟିର ପ୍ରାୟ ୨୦୦ ଜଣ ସଦସ୍ୟ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଫଳରେ କୋଣାର୍କ ବନବିଭାଗ ପକ୍ଷରୁ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ମାଧ୍ୟମରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ସଠିକ ଭାବେ କରାଯାଇ ପୂର୍ବରୁ କାର୍ଯ୍ୟ କରୁଥିବା କମିଟିକୁ ପୁନଃ ଅବସ୍ଥାପିତ କରାଜାଇଛି। ନିକଟରେ ଗଠନ ହୋଇଥିବା ବନ ସୁରକ୍ଷା କମିଟି ପୂର୍ବ ଭଳି ଜଙ୍ଗଲ ସୁରକ୍ଷା ସରଣକ୍ଷ ଦିଗରେ କାର୍ଯ୍ୟ କରିବ ବୋଲି ସଭାପତି ଗୋପାଳ ଚନ୍ଦ୍ର ବେହେରା କହିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର